


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୩ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 AUGUST 2022
Vol.No. 35 ■ No. 212 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଓଲଟି ପଡ଼ିଲା ବସ୍, ଜଣେ ମୃତ ଓ ୧୫ ଆହତ



ପିପିଲି, ୧୨/୦୮ (ନି.ପ୍ର): ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିଲା ଘରୋଇ ଯାତ୍ରୀବାହୀ ବସ୍। ଚାଲିଗଲା ଜଣଙ୍କ ଜୀବନ। ଆହତ ହୋଇଛନ୍ତି ୧୫ ଜଣ । ଆଜି ଅପରାହ୍ନ ୫ଟାରେ ପିପିଲି ଟୋଲ ଗେଟ୍ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତକ ଜଣକ ବସ୍‌ର ହେଲପର ବୋଲି ଜଣାପଡ଼ିଛି। ତେବେ ତାଙ୍କ ପୂରା ପରିଚୟ ମିଳିପାରିନି। ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ୧୩ ଜଣ ପିପିଲି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଏବଂ ଅତି ଗୁରୁତର ଥିବା ୨ ଜଣ ମହିଳାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ସାରଳା ନାମକ ଏହି ବସ୍ ପ୍ରତିଦିନ ଭଳି ଯାତ୍ରୀ ନେଇ ଭୁବନେଶ୍ୱରରୁ ଅସ୍ତରଙ୍ଗ ଯାଉଥିଲା। ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ। ବସ୍‌ଟି ପିପିଲି ଟୋଲ ଗେଟ୍ ପାସ୍ କରି ମାତ୍ର ଅଳ୍ପ କିଛି ମିଟର ଯାଇଥିବା ବେଳେ ତା' ସାମ୍ନାକୁ ଏକ କାର୍ ହଠାତ୍ ପଶି ଆସିଥିଲା। ଏହି ସମୟରେ ଡ୍ରାଇଭର ବ୍ରେକ୍ ଦେଇ ବସ୍‌କୁ ରୋକିବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଦ୍ରୁତଗତିରେ ଥିବା ବସଟି ରାସ୍ତା ମଝିରେ ଥିବା ଡିଭାଇଡର ଉପରେ ଚଢ଼ି ଯାଇଥିଲା ଓ ଓଲଟି ପଡ଼ିଥିଲା। ବସ୍‌ଟି ଓଲଟି ପଡ଼ିବା ପରେ ହେଲପର ତା' ତଳେ ଚାପି ହୋଇଯାଇଥିଲେ ଓ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ମୟୁରଭଞ୍ଜ ଗସ୍ତ : ସୁବର୍ଣ୍ଣରେଖା ଓ ଦେଓ ଜଳସେଚନ ପ୍ରକଳ୍ପ ଲୋକାର୍ପିତ



ଭୁବନେଶ୍ୱର,୧୨/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ମୟୁରଭଞ୍ଜ ଜିଲ୍ଲା ଗସ୍ତ କରି ସେଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ – ଦେଓ ଓ ସୁବର୍ଣ୍ଣରେଖା ପ୍ରକଳ୍ପ – ଲୋକାର୍ପିତ କରିଛନ୍ତି । ଏହାସହିତ ଜିଲ୍ଲାର ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଆଜି ମୟୁରଭଞ୍ଜର ରାସଗୋବିନ୍ଦପୁର ସ୍ଥିତ ଟିକପଦା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ଦୁଇଟି ପ୍ରକଳ୍ପ ଲୋକାର୍ପିତ କରି କହିଛନ୍ତି ଯେ ଜନଜାତି ଭାଇଭଉଣୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଆଜି ସୁଫଳ ଦେବା ଆରମ୍ଭ କରିଛି । ଶିକ୍ଷା ଓ ରୋଜଗାର ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବହୁତ ଆଗକୁ ଯାଇପାରିଛି । ଜନଜାତି ପିଲାମାନେ ଆଜି ସେମାନଙ୍କ ଦକ୍ଷତା ବଳରେ ଦେଶ ବିଦେଶରେ ସୁନାମ କରିପାରୁଛନ୍ତି ବୋଲି ସେ କହିଥିଲେ । ଆଜି ଲୋକାର୍ପିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ସୁବର୍ଣ୍ଣରେଖା ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୧୭,୧୨୧ ହେକ୍ଟର ଅତିରିକ୍ତ ଚାଷ ଜମି ପାଇଁ ଜଳସେଚନର ସୁବିଧା ମିଳିବ। ଏହାଦ୍ୱାରା ଉଭୟ ଜିଲ୍ଲାର ୫୫ ହଜାର ଚାଷୀ ଉପକୃତ ହେବେ। ଏତିପାଇଁ ୬୮୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ ସୁବର୍ଣ୍ଣରେଖା ରାଜ୍ୟ ସରକାରଙ୍କ ଏକ ବୃହତ ଜଳସେଚନ ପ୍ରକଳ୍ପ। ଏହାଦ୍ୱାରା ସମୁଦାୟ ୭୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ସୁବିଧା କରାଯାଇପାରିଛି । ସେହିପରି ଦେଓ ଜଳସେଚନ ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜର ପ୍ରାୟ ୧୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ଏହାଦ୍ୱାରା ୧୦୦ଟି ଗାଁର ଦୁଇ ଲକ୍ଷ ଲୋକ ଉପକୃତ ହେବେ । ଏଥିପାଇଁ କରଞ୍ଜିଆ ବ୍ଲକ୍ ?ର ହାତୀବାରି ଠାରେ ୮୨୩ କୋଟି ଟଙ୍କାରେ ଦେଓ ନଦୀ ଉପରେ ୧୨୮୦ ମିଟର ଦୈର୍ଘ୍ୟର ଏକ ବନ୍ଧ ନିର୍ମାଣ କରାଯାଇଛି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶ ଓ କଲ୍ୟାଣ ମୂଳକ ଉପରେ ଆଲୋକପାତ ▶▶ପୃଷ୍ଠା ୭

## ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଲେ ନୀତିଶ କୁମାର



ନୂଆଦିଲ୍ଲୀ, ୧୨/୦୮ : ନାଟକୀୟ ଢଙ୍ଗରେ ବିଜେପିଠୁ ମେଣ୍ଟ ଭାଙ୍ଗି ବିହାରରେ ନୂଆ ମେଣ୍ଟ ସରକାର ଗଢିଛନ୍ତି ନୀତିଶ କୁମାର । ଏହା ଭିତରେ ଗୋଟେ ଖବରକୁ ନେଇ ବେଶ କିଛି ଦିନ ହେବ ଜୋରସୋରରେ ଚାଲିଛି ଚର୍ଚ୍ଚା । ଚର୍ଚ୍ଚାରେ ରହିଛି ଯେ ୨୦୨୪ରେ ନୀତିଶ କୁମାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଛିଡା ହୋଇପାରନ୍ତି । ଏବେ ଏହି ଚର୍ଚ୍ଚା ଉପରେ ବ୍ରେକ ଲଗାଇଛନ୍ତି ନିଜେ ନୀତିଶ କୁମାର । ନୀତିଶ ସଫା ସଫା କହିଛନ୍ତି କି ପ୍ରଧାନମନ୍ତ୍ରୀ ହେବା ପାଇଁ ସେ କେବେ ହେଲେ ଚିନ୍ତା କରି ନାହାଁନ୍ତି । ପ୍ରଧାନମନ୍ତ୍ରୀ ହେବାର ଆଶା ମଧ୍ୟ ରଖିନାହାନ୍ତି । ତାଙ୍କ ମନରେ ସେମିତି କିଛି ଯୋଜନା ନାହିଁ । ଦିଲ୍ଲୀଗସ୍ତରେ ଆସିଥିବା ନୀତିଶଙ୍କୁ ▶▶ପୃଷ୍ଠା ୭

## କ୍ୟାବିନେଟ୍‌ରେ ୧୬ଟି ପ୍ରସ୍ତାବ ଉପରେ ମୋହର



ଭୁବନେଶ୍ୱର,୧୨/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୬ଟି ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ଜଳସମ୍ପଦ ବିଭାଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ପ୍ରସ୍ତାବ ଗୁଡିକ ମଧ୍ୟରେ ଆଦିବାସୀ ଅଂଚଳରେ ମିଲେଟ୍ ର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଢେଙ୍କାନାଳ ଜିଲ୍ଲାରେ ୪ ଟି ପାନୀୟ ଜଳ ପ୍ରକଳ୍ପ, କେନ୍ଦ୍ରାପଡା ଜିଲ୍ଲା ପାଇଁ ୩ ଟି ପାନୀୟ ଜଳ ପ୍ରକଳ୍ପ ଓ ବାଲେଶ୍ୱର ଜିଲ୍ଲା ପାଇଁ ୨ ଟି ପାନୀୟ ଜଳ ପ୍ରକଳ୍ପ ଅନ୍ତର୍ଭୁକ୍ତ। ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଦିବାସୀ ଅଂଚଳରେ ପୁଷ୍ଟିଶସ୍ୟ ଓ ପୁନଃ ପ୍ରଚଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓଡିଶା ମିଲେଟ୍ସ ▶▶ପୃଷ୍ଠା ୭

## କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଦକ ପାଇବେ ଓଡିଶାର ୪ ପୋଲିସ୍ ଅଧିକାରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨/୦୮ (ନି.ପ୍ର): ଉତ୍କର୍ଷତା ପାଇଁ ସମ୍ମାନିତ ହେବେ ଓଡିଶାର ୪ ପୋଲିସ୍ ଅଧିକାରୀ। ମେଡାଲ୍ ପାଇବାକୁ ଥିବା ଓଡ଼ିଶାର ୪ ପୋଲିସ୍ ଅଧିକାରୀଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଏବଂ ୩ ଜଣ ଇନ୍ସପେକ୍ଟର ଅଛନ୍ତି। ସେମାନେ ହେଲେ- ଡିଏସ୍‌ପି ସୁମିତ୍ରା ଜେନା, ଇନ୍ସପେକ୍ଟର ଆଶିଷ ଜେନା, ଇନ୍ସପେକ୍ଟର ଅନସୂୟା ନାୟକ ଓ ରମେଶ ପ୍ରଧାନ। ଅନୁସନ୍ଧାନରେ ଉତ୍କର୍ଷ ନିମନ୍ତେ- ୨୦୨୨ ବର୍ଷ ପାଇଁ ଓଡିଶାରୁ ୪ ଜଣଙ୍କ ସମେତ ମୋଟ ୧୫୧ଜଣ ପୋଲିସ କର୍ମଚାରୀଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପଦକ ପ୍ରଦାନ କରାଯାଇଛି। ଅପରାଧ ଅନୁସନ୍ଧାନରେ ପେଶାଗତ ଉତ୍କର୍ଷ ପ୍ରତିପାଦନ ପାଇଁ ୨୦୧୮ ମସିହାରେ ଏହି ପଦକ ସୃଷ୍ଟି କରାଯାଇଥିଲା । ପଦକ ପାଇଥିବା କର୍ମଚାରୀଙ୍କ ମଧ୍ୟରେ ୧୫ଜଣ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହୋଇଥିବାବେଳେ ମହାରାଷ୍ଟ୍ର ପୋଲିସରୁ ୧୧ ଜଣ, ମଧ୍ୟପ୍ରଦେଶ ଓ ଉତରପ୍ରଦେଶ ପୋଲିସରୁ ୧୦ଜଣ ଲେଖାଏଁ, କେରଳ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ପୁଲିସରୁ ଆଠଜଣ ଲେଖାଏଁ ଓ ଅନ୍ୟମାନେ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଓ ସଂଗଠନରୁ ଅଟନ୍ତି । ସେମାନଙ୍କ ମଧ୍ୟରେ ୨୮ଜଣ ମହିଳା ପୁଲିସ ଅଧିକାରୀ ଅଛନ୍ତି ।

## ହୀରାକୁଦର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ



ଭୁବନେଶ୍ୱର,୧୨/୦୮ (ନି.ପ୍ର): ହୀରାକୁଦ ଡ୍ୟାମରେ ପୁଣି ୬ଟି ଗେଟ୍ ଖୋଲାଯାଇଛି। ଆଜି ସକାଳେ ୪ଟି ଗେଟ୍ ଖୋଲିଥିବା ବେଳେ ପରେ ୬ଟି ଗେଟ୍ ଖୋଲିଛି। ବର୍ତମାନ ହୀରାକୁଦ ଜଳଭଣ୍ଡାରର ମୋଟ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଦିନ ୧୨ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୧୫.୮୯ ଫୁଟ୍ ରହିଥିଲା। ରାଜ୍ୟରେ ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବନ୍ୟା ସ୍ଥିତି ନେଇ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ବିଜୟ କୁମାର ମିଶ୍ର କହିଛନ୍ତି ସବୁ ନଦୀର ଜଳସ୍ତର ବଢ଼ିଛି, କିନ୍ତୁ ବିପଦ ସଂକେତ ତଳେ ରହିଛି । କେବଳ ଜଳକା ନଦୀ ଯାହା ବିପଦ ସଂକେତ ଉପରେ ରହିଛି। ମୁଣ୍ଡଳିରେ ଆଜି ୩.୪୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏବେ ହୀରାକୁଦର ୨୦ଟି ଗେଟ୍ ଖୋଲିଛି, ସେ ପାଣି ଏଯାଏ ଆସିନି। ହୀରାକୁଦ ପାଣି ଆସିଲା ବେଳକୁ, ଏ ପାଣି ଖସି ଯାଇଥିବ। ତେଣୁ ସେଭଳି ▶▶ପୃଷ୍ଠା ୭

## ରାଜଧାନୀରୁ ୨୨ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ରାଜଧାନୀରେ ପୁଣି ମିଳିଛି ଧଳାଜହର। ଭୁବନେଶ୍ୱର କେଦାରପଲ୍ଲୀ ବସ୍ତିରୁ ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି କଟକ ଅବକାରୀ ଫ୍ଲାଇଂ ସ୍କାର୍ଡ। ଫ୍ଲାଇଂ ସ୍କାର୍ଡ ଜଣେ ମହିଳାଙ୍କ ଠାରୁ ୨୨୪ ଗ୍ରାମ୍ ବ୍ରାନସୁଗାର ଜବତ କରିଛି। ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଜଣେ ମହିଳା ବ୍ୟବସାୟୀ ଗିରଫ ହୋଇଛନ୍ତି। ଗିରଫ ମହିଳା ଜଣଙ୍କ ହେଲେ ସୁଷମା ନାୟକ ।

## ସକ୍ରିୟ ଘୂର୍ଣ୍ଣିବଳୟ, ଆଜି ଲଘୁଚାପ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ପଶ୍ଚିମ ମିଆଁମାର ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତର ବଙ୍ଗୋପସାଗର ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟି ହେବାର ପରବର୍ତୀ ୨୪ ଘଂଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ।ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, ଢ଼େଙ୍କାନାଳ, ଅନୁଗୁଳ, ଯାଜପୁର, ▶▶ପୃଷ୍ଠା ୭






## ଇଡି ଓ ସିବିଆଇ ସ୍କାନରରେ ପ.ବଙ୍ଗର ନେତା ଏବଂ ମନ୍ତ୍ରୀ

ନୂଆଦିଲ୍ଲୀ, ୧୨/୦୮ : ପଶ୍ଚିମବଙ୍ଗରେ ଏବେ ମାରାଥନ ଚଢାଉ ଓ ଗିରଫ କରୁଛନ୍ତି ଉଭୟ ପ୍ରବର୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ । ଏହି ଦୁଇ ସରକାରୀ ତଦନ୍ତକାରୀ ସଂସ୍ଥାର ସ୍କାନରରେ ମୁଖ୍ୟତଃ ରହିଛନ୍ତି ପଶ୍ଚିମବଙ୍ଗ ସରକାରଙ୍କ ବଡ ବଡ ମନ୍ତ୍ରୀ ଓ ନେତା । ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାଠୁ ଆରମ୍ଭ ହୋଇଥିବା ଇଡି ଓ ସିବିଆଇର କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ମାରାଥନ ଚଢାଉ କରିଛି । ବିଭିନ୍ନ ସ୍କାମରେ ଜଣଙ୍କ ପରେ ଜଣେ ନେତା ଓ ମନ୍ତ୍ରୀଙ୍କ ଇଡି ଓ ସିବିଆଇ ଜାଲରେ ଛନ୍ଦି ହେଉଛନ୍ତି । ନିକଟରେ ପଶ୍ଚିମବଙ୍ଗର ପୂର୍ବତନ ବାହୁବଳୀ ନେତା ତଥା ବୀରଭୂମି ଷ୍ଟ୍ରଙ୍ଗ ମ୍ୟାନ୍ ଅନୁବ୍ରତ ମଣ୍ଡଳଙ୍କୁ ଗିରଫ କରାଯାଇଛି । ଗୋଚାଲାଣ ଅଭିଯୋଗରେ ତାଙ୍କୁ ଗିରଫ କରିଛି ସିବିଆଇ । ସେପଟେ ବହୁଚର୍ଚ୍ଚିତ କୋଇଲା ଦୁର୍ନୀତି ମାମଲାରେ ୮ଜଣ ଆଇପିଏସ ଅଧିକାରୀଙ୍କୁ ସମନ ପଠାଇଛି ଇଡି। ସମନ ଜାରି ହୋଇଥିବା ଆଇପିଏସଙ୍କ ମଧ୍ୟରେ ଜ୍ଞାନଓ୍ୱନ୍ତ ସିଂ, କୋଟେଶ୍ୱର ରାଓ, ଶ୍ୟାମ ସିଂ, ରାଜୀବ ମିଶ୍ରା , ସୁକେଶ ଜୈନ ଓ ତଥାଗତ ବସୁ ସାମିଲ । ତେବେ ସବୁଠୁ ବଡ଼ କଥା ହେଉଛି ଏହି ସମସ୍ତ ଅଧିକାରୀ ହେଉଛନ୍ତି ପଶ୍ଚିମବଙ୍ଗର । ଟିଏମସି ଏହାକୁ ବିଜେପିର ପ୍ରତିଶୋଧର ରାଜନୀତି ନାଁ ଦେଇଥିବାବେଳେ ବିଜେପି କହିଛି ତଦନ୍ତକାରୀ ସଂସ୍ଥା ନିଜ କାମ ନିଜ ବାଟରେ କରୁଛି । ଏଥିରେ ବିଜେପି ସରକାରଙ୍କ କୌଣସି ଭୂମିକା ନାହିଁ । କିଛି ଦିନ ପୂର୍ବରୁ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ମନ୍ତ୍ରୀ ପାର୍ଥଚାଟାର୍ଜୀ ଓ ତାଙ୍କ ସହଯୋଗୀ ତଥା ଅଭିନେତ୍ରୀଙ୍କ ଇଡି ଜାଲରେ ପଡିବା ସହ ସେମାନଙ୍କ ବିଭିନ୍ନ ଠିକଣାରୁ କୋଟି କୋଟି ▶▶ପୃଷ୍ଠା ୭

# ପିଏନବିରେ କାର୍ଯ୍ୟରତ କୃଷି ଅଧିକାରୀ ନିଖୋଜ

ବଲାଙ୍ଗିର,୧୨/୦୮ (ନି.ପ୍ର): ବରଗଡ ଜିଲ୍ଲା ବରପାଲିରେ ପଂଜାବ ନ୍ୟାସ୍ନାଲ ବ୍ୟାଙ୍କର ଏଗ୍ରିକଲ୍ଚର ମ୍ୟାନେଜର ଦିବ୍ୟ ରଂଜନ ମିଶ୍ର ନିଖୋଜ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ନିଖୋଜ ଦିବ୍ୟ ରଂଜନଙ୍କ ଘର ବଲାଙ୍ଗିର ସହରର ଶାନ୍ତିପଡାରେ ବୋଲି ଜଣାପଡିଛି । ତେବେ ବଲାଙ୍ଗିର ବରଗଡ ରାସ୍ତାର ଏନ୍ଏଚ୍ ୨୬ ଅଙ୍ଗ ନଦୀ ଚେରୁପାଲି ବ୍ରିଜ ଉପରେ ତାଙ୍କର ବାଇକ ଆଉ ହେଲ୍ମେଟ ମିଳିଥିବା ବେଳେ ସେ ବ୍ରିଜ୍ ଉପର ଡେଇଁ ପଡିଥିବା ନେଇ ସନ୍ଦେହ କରି ଆଜି ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଚାଲିଛି । ପରିବାର ଲୋକଙ୍କ କହିବା ଅନୁସାରେ, ଦିବ୍ୟ ରଂଜନ ଗତକାଲି ବିନିକାରୁ ଫିଲ୍ଡ ଡ୍ୟୁଟି ସାରି ଘରକୁ ଫେରିବା ବାଟରେ ନିଖୋଜ ହୋଇଥିବା ବେଳେ ଗତକାଲି ସନ୍ଧ୍ୟାରେ ଘରକୁ ଫେରୁଥିବା ନେଇ ଦିବ୍ୟ ରଂଜନ ଘରକୁ ଫୋନ କରିଥିଲେ । ପରେ ସନ୍ଧ୍ୟା ୭ଟା ପରେ ପରିବାର ଲୋକେ କଲ୍ କରିବାରୁ ଦିବ୍ୟ ରଂଜନଙ୍କ ମୋବାଇଲ ସୁଇଚ୍ ଅଫ୍ ଆସୁଥିବା ବେଳେ ଆଉ ତାଙ୍କର ପତା ମିଳି ପାରିନାହିଁ । ଅନ୍ୟପଟେ ଦିବ୍ୟ ରଂଜନଙ୍କ କାହା ସାଙ୍ଗେ ଶତୃତା କି ପାରିବାରିକ ଅଶାନ୍ତି ମଧ ନଥିଲା ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ମୋ ପୁଅ କୁ ଖୋଜି ଦିଅ ବୋଲି ତାଙ୍କ ବାପା ପୁଲିସ ପାଖରେ ନେହୁରା ହେଉଛନ୍ତି ହେଲେ ଏପର୍ଯ୍ୟନ୍ତ ତାଙ୍କର ଖୋଜଖବର ମିଳିପାରି ନାହିଁ ।

# ଡେଙ୍ଗଁଠାରେ ପବିତ୍ର ରକ୍ଷାବନ୍ଧନ ଦିବସରେ 'ବୃକ୍ଷ ବନ୍ଧୁ' କାର୍ଯ୍ୟକ୍ରମ ଶୁଭାରମ୍ଭ

ବଲାଙ୍ଗିର ,୧୨/୦୮ (ନି.ପ୍ର): ସଇଁନ୍ତଲା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡେଙ୍ଗ ଠାରେ ପବିତ୍ର ରକ୍ଷାବନ୍ଧନ ଦିବସରେ "ବୃକ୍ଷ ବନ୍ଧୁ" କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ବିଦ୍ୟାଳୟର ଜୁନିୟର ରେଡକ୍ରସ ଓ ଅମରାବତୀ ଯୁକୋ କ୍ଲବ ର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାଣ୍ଡାଲ ମିଶ୍ରଙ୍କ ଅଧକ୍ଷତା ଓ ଜୁନିୟର ରେଡକ୍ରସ କାଉନସ୍ଲେର ତଥା ପ୍ରକୃତି ବନ୍ଧୁ ଶିକ୍ଷକ ରାମ ନରାୟଣ ଦାଶଙ୍କ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ କାଉନସ୍ଲେର ପ୍ରଭାକର ଛନ୍ଦ ଓ ମୁଖ୍ୟ ବକ୍ତା ଭାବରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ କାଉନସ୍ଲେର ଅରବିନ୍ଦ କୁମ୍ଭାର ଯୋଗଦାନ କରିଥିଲେ । ବୃକ୍ଷ ଆମକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମୌଳିକ ଆବଶ୍ୟକତା ଯାହା ଖାଦ୍ୟ, ବସ୍ତ୍ର, ବାସଗୃହ ତଥା ଅମ୍ଳଜାନ ଯୋଗାଇଥାଏ । ଜଳବାୟୁ ପରିବର୍ତ୍ତନ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆମର ବନ୍ଧୁ ଅଟେ ବୋଲି ଅତିଥିଗଣ ଶୁଭ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ନେଇ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା । ପରେ ଅତିଥିଗଣଙ୍କ କରକମଳରୁ ବୃକ୍ଷରୋପଣ କରି ଆନୁଷ୍ଠାନିକ ଭାବରେ ବୃକ୍ଷବନ୍ଧୁ କାର ?ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଗ୍ରାମବାସୀ ଓ ଛାତ୍ରଛାତ୍ରୀ ପାଂଚ ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ । ଆଗାମୀ ପାଂଚ ବର୍ଷରେ ମଧରେ ସଇଁନ୍ତଲା ବ୍ଲକରେ ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ମାନଙ୍କର ସହାୟତାରେ ପଚାଶ ହଜାର ବୃକ୍ଷରୋପଣ କରିବା ସହିତ ଲୋକଙ୍କୁ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା, ଲିଫଲେଟ୍ ବ ଂଟନ, ମଞ୍ଜି ସଂଗଗ୍ରହ ଓ ବୃକ୍ଷର ସୁରକ୍ଷା ତଥା ଚାରା ବ ଂଟନ କରାଯିବା ପାଇଁ ସ୍ଥିର କରାଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷକ ଲିଙ୍ଗରାଜ ନନ୍ଦ, ହିମାଂଶୁ ଶେଖର ବିଶ୍ୱାଳ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରାମବାସୀ କପିଳ ରଣା, ଟିଟୁ ଭୋଇ, ବିଘ୍ନ ରଣା, ମହେନ୍ଦ୍ର ରଣା, ଆକାଶ ରଣା ପ୍ରମଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବାବା ବର୍ଫାନି କାଓ୍ୱାଡିଆ ସେବା ମଣ୍ଡଳ ବଲାଙ୍ଗିର ପକ୍ଷରୁ ବୋଲବମ୍ ଭକ୍ତଙ୍କୁ ସେବା

ବଲାଙ୍ଗିର,୧୨/୦୮ (ନି.ପ୍ର): ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ବଲାଙ୍ଗିର ସହରର ବାବା ବର୍ଫାନି କାଓ୍ୱାଡିଆ ସେବା ମଣ୍ଡଳ ପକ୍ଷରୁ ବଲାଙ୍ଗିର, ସୋନପୁର ଓ ବରଗଡ ଜିଲାର ବୋଲବମ୍ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଛି । ବାବା ବର୍ଫାନି କାଓ୍ୱାଡିଆ ସେବା ମଣ୍ଡଳ ସଦସ୍ୟ ନରେନ୍ଦ୍ର କୁମାର ସାହୁ, ମନୋଜ କୁମାର ମହାନ୍ତି, ସୌମେନ୍ଦ୍ର କୁମାର ପରିଚ୍ଛା ଓ ଆକାଶ ମିଶ୍ରଙ୍କ ନେତୃତ୍ୱରେ ସଦର ବ୍ଲକ ଅନ୍ତର୍ଗତ ବାରପୁଡଗିଆର ରାଜ୍ୟ ରାଜପଥ କଡରେ ଥିବା ଖେଳ ପଡିଆ ଠାରେ ଗତ ୩ଦିନ(୯ ରୁ ୧୧ତାରିଖ) ପର୍ଯ୍ୟନ୍ତ ବୋଲବମ୍ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା । ଉକ୍ତ ଖେଳ ପଡିଆରେ ସୁଉଚ୍ଚ ତୋରଣ କରାଯାଇଥିଲା । ହରିଶଙ୍କର ତଥା ବିଭିନ୍ନ ଜଳାଶୟରୁ ପାଣି ଆଣି ବଲାଙ୍ଗିର, ସୋନପୁର ଓ ବରଗଡ ଜିଲାର ବିଭିନ୍ନ ଶିବାଳୟରେ ଜଳାଭିଶେକ କରିବାକୁ ବଲାଙ୍ଗିର-ପାଟଣାଗଡ ରାଜ୍ୟ ରାଜପଥରେ ଯାଉଥିବା ହଜାର ହଜାର କାଓ୍ୱାଡିଆ ଏବଂ ସାଧାରଣ ଲୋକଙ୍କୁ ସଂଗଠନ ପକ୍ଷରୁ ଖାଦ୍ୟ, ପାନୀୟ, ଚା, ବିସ୍କୁଟ, ଫଳ, ଔଷଧ ଓ ଡାକ୍ତରୀ ସେବା ଅନବରତ ଭାବେ ୭୨ ଘଣ୍ଟା ଧରି ଯୋଗାଇ ଦିଆଯାଇଥିଲା । ଏପରିକି କାଓ୍ୱାଡିଆଙ୍କ ମନୋରଂଜନ ପାଇଁ ତିନଦିନ ଧରି ପଂଚମ ପକ୍ଷରୁ ଭଜନ ସଂଧ୍ୟା ମଧ ଆୟୋଜନ କରାଯାଇଥିଲା । ବିଗତ ୧୩ ବର୍ଷ ହେଲା ସଂଗଠନ ପକ୍ଷରୁ ଏହିପରି କାଓ୍ୱାଡିଆମାନଙ୍କୁ ସେବା ଯୋଗାଇ ଦିଆଯାଉଛି । କିନ୍ତୁ ଗତ ୨ବର୍ଷ କୋରୋନା ମହାମାରୀ ଯୋଗୁଁ ଏହି ସେବା ବନ୍ଦ ଥିଲା ତେଣୁ ଚଳିତ ବର୍ଷ ବହୁ ଉତ୍ସାହ ସହ ସଂଗଠନର ସଦସ୍ୟ ଓ ବୋଲବମ୍ ଭକ୍ତମାନେ ଯୋଗଦେଇଥିଲେ । ସଗଠନର ସଦସ୍ୟ ସିତାରାମ ମେହେର, କମଲ କିଶୋର ଅଗ୍ରଓ୍ୱାଲ, ମନୋଜ ସାହୁ, ସିଦ୍ଧାର୍ଥ ପଟେଲ, ମୁନ୍ନାଲାଲ ଅଗ୍ରଓ୍ୱାଲ, ଭାବେଶ ପଟେଲ, ପ୍ରଶାନ୍ତ ବିଶ୍ୱାଲ, ରାଧେଶ୍ୟାମ ସାହୁ, ବିକାଶ ଅଗ୍ରଓ୍ୱାଲ, ସୁରେନ୍ଦ୍ର ସାହୁ, ନରୋତମ ପଟେଲ, ସୁରିନ୍ଦର ସିଂ, ରାଜେନ୍ଦ୍ର ସାହୁ, ସୁବାସ ଅଗ୍ରଓ୍ୱାଲ, ଦର୍ଶନ, ଜନ୍ମଜଂୟ, ସନ୍ଦିପ ଅଗ୍ରଓ୍ୱାଲ, ସନ୍ତୋଷ ଅଗ୍ରଓ୍ୱାଲ, ଦେବଦତ ମିଶ୍ର, ସିମାଚଂଳ ପଣ୍ଡା, ମନୋଜ କେଜ୍ରିଓ୍ୱାଲ, ଜମ୍ୟୋ ଓ୍ୱାଧାନୀ ଓ ଲାଲା ପ୍ରମୁଖ ଆର୍ଥିକ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ସହଯୋଗ କରିଥିବା ସମସ୍ତ ସଂଗଠନ ଓ କର୍ମକର୍ତାଙ୍କୁ ବାବା ବର୍ଫାନି କାଓ୍ୱାଡିଆ ସେବା ମଣ୍ଡଳ ପକ୍ଷରୁ ସମର୍ଦ୍ଧିତ କରାଯାଇଥିଲା । ଗତ ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିବା ଏହି ସେବା ଶୁକ୍ରବାର ସକାଳରେ ସମାପ୍ତ ହୋଇଥିଲା । ଯେ କୌଣସି ବ୍ୟକ୍ତି ବିଶେଷ ଏଠାକୁ ଆସିଲେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସଂଗଠନ ସମସ୍ତ କର୍ମକର୍ତା ନିଜସ୍ୱ ଆର୍ଥିକ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ଆଗାମୀ ବର୍ଷ ଏହି କାର୍ଯ୍ୟକ୍ରମ ଆହୁର ଭବ୍ୟ କରାଯିବା ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଘର ବଗିଚାରୁ ଲକ୍ଷାଧିକ ଟଙ୍କାର କାଠ ଜବତ

ବଲାଙ୍ଗିର,୧୨/୦୮ (ନି.ପ୍ର): ବଲାଙ୍ଗିର ଜିଲାର ଲୋଇସିଂହା ବ୍ଲକ ଝାରମୁଣ୍ଡା ପଂଚାୟତ ଅଧିନସ୍ଥ ପରଧିଆପାଲି ଗ୍ରାମରେ ଜଣେ ଲୋକଙ୍କ ଘର ବଗିଚାରୁ ଗତକାଲି ଲକ୍ଷାଧିକ ଟଙ୍କାର କାଠ ଜବତ କରିଛନ୍ତି ଲୋଇସିଂହା ବନବିଭାଗ ରେଞ୍ଜ କର୍ମଚାରୀମାନେ । ସୂଚନାରୁ ପ୍ରକାଶ ଯେ, ପରଧିଆପାଲି ଗ୍ରାମର ତରଣୀ ସାହୁ ଘରେ ଓ ବଗିଚାରେ ଅନେକ ଗୁଡିଏ କାଠ ଓ କାଠଗଣ୍ଡି ରଖିଥିଲେ, ଯାହାର ହାରାହାରି ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ବିଶ୍ୱସ୍ତସୂତ୍ରରୁ ଜାଣିବା ପରେ ଶରଗାଡ଼ ସେକ୍ସନ୍ ଓ ଲୋଇସିଂହା ସେକ୍ସନ୍ ର ମିଳିତ ସହଯୋଗରେ ଫରେଷ୍ଟ ଦଳ ସହ ରେଞ୍ଜର ପ୍ରଫୁଲ୍ଲ ହରପାଳ, ରେଞ୍ଜର ସୁନୀଲ କୁମାର ମିଶ୍ର ,ଫରେଷ୍ଟର ଠନ ସୁନ୍ଦର ଧାରୁଆ, ଅଶୋକ କୁମାର ତ୍ରିପାଠୀ, ରାଜକୁମାର ଭୁଏ, ଚିନ୍ମୟ ପଧାନ, ମାନସୀ ସ୍ୱାଇଁ, ନମିତା ତାଣ୍ଡି ବନରକ୍ଷୀ ଏଥିରେ ଭାଗ ନେଇଥିଲେ ।

# ମୌଳିକ ସୁବିଧାରୁ ବଂଚିତ ଗାଜୋଲବନ୍ଧା ଗ୍ରାମବାସୀ

ମାଲକାନଗିରି,୧୨/୦୮ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ବହୁଳ ଅଂଚଳର ବିକାଶ ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି । କିନ୍ତୁ କରାଯାଇଥିବା ଯୋଜନାର କାର୍ଯ୍ୟକାରୀ ସଠିକ ରୂପେ ହୋଇ ପାରୁନଥିବାରୁ, ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଲୋକେ । ଗାଜୋଲବନ୍ଧା ଗାଁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ବେଳେ ଟଙ୍କାକିଆ ଚାଉଳ ହୋଇଛି ସାତ ସପନ । ସାରା ଦେଶ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଏହି ଅଂଚଳ ବାସୀଙ୍କ ପାଇଁ ଯେପରି ମୌଳିକ ସୁବିଧା ସାତ ସପନ ପାଲଟିଛି । ଉପାନ୍ତ ପାହାଡୀ ଲୋକଙ୍କ ପାଇଁ ସରକାରୀ ସୁବିଧା ଆଜି ବି ଅପହଂଚ । ଆଜି ବି ଲୋକଙ୍କ ପାଖରେ ପହଂଚିପାରିନି ଅଙ୍ଗନଓ୍ୱାଡି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା । ଗାଜୋଲବନ୍ଧା ଗାଁକୁ ରାସ୍ତା ଘାଟ ନଥିବାରୁ କୌଣସି ସରକାରୀ କର୍ମଚାରୀ ବା ସରକାରଙ୍କ ଯୋଜନା ପହଂଚିନାହିଁ ଏହି ଆଦିବାସୀ ବହୁଳ ଅଂଚଳରେ । ଏ ହେଉଛି, କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଚାଂୟତର ଗାଜୋଲବନ୍ଧା ଗାଁର ଦୃଶ୍ୟ । ଏହି ଗାଁରେ ଆଜି ସୁଦ୍ଧା କୌଣସି ସରକାରୀ କର୍ମଚାରୀ ଅବା କୌଣସି ରାଜନେତାଙ୍କ ପାଦ ପଡିନାହିଁ । ଗାଁକୁ ଯାତାୟାତ ପାଇଁ ରାସ୍ତା ନଥିବା କାରଣରୁ, ବର୍ଷ ବର୍ଷ ଧରି ଏହି ଜଙ୍ଗଲ ପାହାଡ ମଧଦେଇ ଯାତାୟାତ କରିବାକୁ ପଡୁଛି ଲୋକଙ୍କୁ । କାହାକୁ ଯଦି ରୋଗ ବ୍ୟାଧି ହୁଏ, ଅଥବା କୌଣସି ମହିଳା ଯଦି ଗର୍ଭ ଯନ୍ତ୍ରଣରେ ଛଟପଟ ହୁଏ, ତେବେ ଭାରରେ ବୋହି ୪ କିଲୋମିଟର ପାହାଡ ପର୍ବତ ମଧ ଦେଇ ଖାଲଖମରା ପୂର୍ଣ ପଥୁରିଆ ରାସ୍ତାକୁ ଅତିକ୍ରମ କରି ନିକଟସ୍ଥ ଗାଁକୁ ଯାଇ, ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି । ଗାଁରେ ନାନା ସମସ୍ୟା ଲାଗି ରହିଥିଲେ ବି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡିନାହିଁ ବର୍ତମାନ ସୁଦ୍ଧା ଏହି ଗାଁ ଉପରେ । ଏଭଳିକି ଗାଁରେ କାହାରି ପାଖରେ ନାହିଁ ରାସନ କାର୍ଡ ଖଣ୍ଡିକ । ଦୀର୍ଘ ବର୍ଷ ଧରି ଜଳକଷ୍ଟ ହେଉଥିଲେ ମଧ ଦୂଷିତ ଜଳକୁ ରୋଷେଇ ଠାରୁ ଆରମ୍ଭ କରି ପିଇବା ପାଣି ରୂପେ ବ୍ୟବହାର କରିବାକୁ ପଡୁଛି ଲୋକଙ୍କୁ । ଗାଁକୁ କେବଳ ବିଦ୍ୟୁତ ସଂଯୋଗ କରିଦେଇ ଭୁଲିଗଲେ ରାଜ୍ୟ ସରକାର ଏହିଭଳି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଗାଁ ସମ୍ପୂର୍ଣ ପାହାଡ ଉପରେ ଥିବା ଯୋଗୁଁ ଏଠି ଆଜିସୁଦ୍ଧା ପହଂଚି ପାରିନି ସରକାରଙ୍କ ବିକାଶମୂଳକ ଯୋଜନା । ପରିବାର ପ୍ରତିପୋଷଣ ପାଇଁ କୌଣସି ରୋଜଗାର ପନ୍ଥା ନଥିବାରୁ କାଠ କୋଇଲା ବିକ୍ରି କରି ବହୁ କଷ୍ଟରେ ଚଳାନ୍ତି ପରିବାର । ଜିଲ୍ଲା ପ୍ରଶାସନ ଏମାନଙ୍କ ପ୍ରତି ଦୃଷ୍ଟି ଦେଉନଥିବା କାରଣରୁ ନିଜ କଷ୍ଟକୁ ନିଜେ ଆଦରି ୧୫ କିଲୋମିଟର ମୁଣ୍ଡରେ, କାନ୍ଧରେ କାଠ କୋଇଲା ବୋହି ବୋହି ନେଇ ବସ୍ତା ୧୦୦ ଟଙ୍କାରେ ବିକ୍ରି କଲେ ଚଳୁଛି ଏମାନଙ୍କ ପରିବାର । ଏତିକିରେ ବି ସରୁନି ଏମାନଙ୍କ ଦୁଃଖ , ଆର୍ଥିକ ସ୍ଥିତି ସ୍ୱଳ୍ପ ହେବା ଯୋଗୁଁ ୬ ମାସରୁ ଉର୍ଦ୍ଧ ଗର୍ଭବତୀ ମହିଳା ଜଣକ ମଧ ମୁଣ୍ଡରେ ବସ୍ତା ବୋହି ୧୫ କିଲୋମିଟର ଚାଲି ଚାଲି ଯାଇ କୋଇଲା ବିକ୍ରି କରିବାକୁ ପଡୁଛି । ତଥାପି ହାର ମାନି ନାହାନ୍ତି ଅଂଚଳ ବସିନ୍ଧା । ରାଜ୍ୟ ସରକାର ଗରିବ ଦୁଖୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି, କାମଧନ୍ଧା କରି ପରିବାର ପୋଷଣ ପାଇଁ ମନରେଗା ଯୋଜନାରେ କାର୍ଯ୍ୟ ମଧ ଯୋଗେଇ ଦେଇଛନ୍ତି, କିନ୍ତୁ ଆଜି ବି ପ୍ରକୃତ ହିତାଧିକାରୀ ସମସ୍ତ ସରକାରୀ ଯୋଜନରୁ ବଂଚିତ ରହିଛନ୍ତି । ତେବେ, ଆଉ କେତେ ଦିନ ପରେ ପ୍ରଶାସନର ନଜର ପଡିବ ଏହି ଗରିବ ଦୁଖୀଙ୍କ ପ୍ରତି ତାହାକୁ ଅପେକ୍ଷା କରି ରହିଛନ୍ତି ଗାଜୋଲବନ୍ଧା ବାସିନ୍ଧା ।

# ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଫେସନ ସୋ ରେ 'ସୁବର୍ଣ୍ଣାଶ୍ରୀ'ର ଅଂଶଗ୍ରହଣ

ସୁବର୍ଣ୍ଣପୁର,୧୨/୦୮ (ନି.ପ୍ର): ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର ହାଟରେ ଅଷ୍ଟମ ରାଜ୍ୟ ରାଷ୍ଟ୍ରୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବୟନିକା ଦ୍ୱାରା ତା ୧୦/୦୮/୨୨ ରେ ଆୟୋଜିତ ଫେସନ ସୋ ରେ ସୁବର୍ଣ୍ଣାଶ୍ରୀର ପ୍ରଡୁସର କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଫେସନ ସୋ ରେ ସୁବର୍ଣ୍ଣପୁର ସୁବର୍ଣାଶ୍ରୀର ପ୍ରଡୁସର କମ୍ପାନୀ ତରଫରୁ ଜିଲ୍ଲାର ବୁଣାକାର ତଥା ମହିଳା ବୁଣାକାର ମାନଙ୍କ ଦ୍ୱାରା ଉତ୍ପାଦିତ ଉନ୍ନତ କଳା କୌଶଳ ତଥା ସୁକ୍ଷ୍ମ କାରୁକାର୍ଯ୍ୟପୂର୍ଣ ହସ୍ତ ତନ୍ତ କଟନ ବାନ୍ଧ ଶାଢ଼ୀ, ବୋମକେଇ ଡିଜାଇନ ଶାଢ଼ୀ ତଥା ସିଲ୍କ ବାନ୍ଧ ଶାଢ଼ୀ ଓ ବୋମକେଇ ଡିଜାଇନ ଶାଢ଼ୀ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ବାହାର ମଡେଲ ମାନଙ୍କ ଦ୍ୱାରା ଆଧୁନିକ ଶୈଳୀରେ ହସ୍ତତନ୍ତର ବଡି ଡିଜାଇନ ତଥା ଆଂଚଳ ଡିଜାଇନକୁ ଖୁବ ସୁନ୍ଦର ଭାବରେ ପରିବେଷଣ କରିଥିଲେ ଯାହାକି ଉପସ୍ଥିତ ଥିବା ଅତିଥି ବୃନ୍ଦ ତଥା ଅଗଣିତ କ୍ରେତା, ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହିତ ବହୁଳ ଭାବରେ ଆଦୃତ ହୋଇ ପାରିଛି । ସୁବର୍ଣ୍ଣପୁରର ସୁବର୍ଣାଶ୍ରୀ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଓ ଓରମାସ ଦ୍ୱାରା ପ୍ରୋତ୍ସାହିତ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ଗଠିତ ଏକ ପ୍ରମୁଖ ହସ୍ତ ତନ୍ତ ଉତ୍ପାଦକ ସଂସ୍ଥା । ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନିଲ ନରଓ୍ୱଣେଙ୍କ ବଳିଷ୍ଠ ନେତୃତ୍ୱ ତଥା ଦିଗଦର୍ଶନ ଦ୍ୱାରା ପରିଚାଳିତ ''ସୁବର୍ଣା ଶ୍ରୀ'' ଜିଲ୍ଲା ହସ୍ତ ତନ୍ତ ଶିଳ୍ପର ବହୁଳ ଭାବରେ ପ୍ରଚାର, ପ୍ରସାର ସହ ବଜାରୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ରାଜ୍ୟ ସରକାରଙ୍କ ହସ୍ତ ତନ୍ତ, ବୟନଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗର ସଚିବ ତଥା କମିଶନର ଶ୍ରୀମତୀ ଶୁଭା ଶର୍ମା, ଆୟୋଜିତ ଫେସନ ସୋରେ ସୁବର୍ଣ୍ଣପୁର ଜିଲ୍ଲାର ଅଂଶଗ୍ରହଣକୁ ଅନୁମତି ପ୍ରଦାନ ପୂର୍ବକ ସମସ୍ତ ପ୍ରକାର ସହଯୋଗ କରିଥିବା ବେଳେ ଉକ୍ତ ହସ୍ତତନ୍ତ ଫେସନ ସୋରେ ଜିଲ୍ଲାର ଅଂଶ ଗ୍ରହଣ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ ଙ୍କ ବଳିଷ୍ଠ ଉଦ୍ୟମ ଓ ତତ୍ୱାବଧାନରେ ଉପନିର୍ଦ୍ଦେଶକ ବୟନଶିଳ୍ପ ସୋନପୁର ଶାନ୍ତନୁ କୁମାର ମେହେର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ ଯୁବରାଜ ସାହୁ, ଡି ପି ସି ମିଶନ ଶକ୍ତି କାର୍ତିକ ଚନ୍ଦ୍ର ନାୟକ ପ୍ରମୁଖଙ୍କ ପରିଚାଳନା ଓ ସହଯୋଗରେ ସଫଳ ହୋଇପାରିଛି । ଫେସନ ସୋ ଆୟୋଜକ- ପରିଚାଳନା ନିର୍ଦ୍ଦେଶକ, ବୟନିକା ଶ୍ରୀ ଶ୍ୟାମଭକ୍ତ ମିଶ୍ର, ତଥା ବୟନିକା ର ଉଚ୍ଚ ପଦାଧିକାରୀ ଓ ବାଣିଜ୍ୟ ବିଭାଗର ଦକ୍ଷ ଟିମ ପୂର୍ଣ୍ଣ ମାତ୍ରାରେ ସହଯୋଗର ହାତ ବଢ଼ାଇ ଥିଲେ । ଏମ ସି ଏଲ-ସମ୍ବଲପୁର ଫେସନ ସୋ ର ପ୍ରଚାର ପ୍ରସାର ନିମନ୍ତେ ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ବେଂଚପ୍ରେସ (ପୁରୁଷ ଓ ମହିଳା) ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଉଦଯାପିତ

ବଲାଙ୍ଗିର,୧୨/୦୮ (ନି.ପ୍ର): ଜିଲ୍ଲା ବେଂଚପ୍ରେସ (ପୁରୁଷ ଓ ମହିଳା) ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଏବିଏସ୍ଏସ୍ ରୋଡ ସ୍ଥିତ ଅନ୍ ଫିଟନେସ ଠାରେ ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ଜିମ୍ ରୁ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଭାଗ ନେଇଥିଲେ । ପ୍ରଥମ ଥର କରି ଜିଲ୍ଲାରେ ଆୟୋଜିତ ବେଂଚ ପ୍ରେସ ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିମାନେ ଭାଗ ନେଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ପ୍ରଥମ ଦିନ ଅନୁଷ୍ଠିତ ବେଂଚ ପ୍ରେସ ପ୍ରତିଯୋଗିତାରେ ୫୯ କେଜି ବର୍ଗରେ ରୋହନ ସୁନା, ଅକ୍ଷୟ ସାହୁ ଓ ସୁମନ୍ଦ ନନ୍ଦ । ସେହିପରି ୬୬ କେଜି ବର୍ଗରେ ମନୋରଂଜନ ସାହୁ, ଦିପକ ପରିଡା, ନିଖିଲ ସୁନା, ୭୪ କେଜି ବର୍ଗରେ ରାଜ ରାଏ, ଆଲୋକ ସାଗର, ବିଷ୍ଣୁ ନାଏକ, ୮୩ କେଜି ବର୍ଗରେ ରାମ ଖର୍ସେଲ, ଯୁବରାଜ ବରୁଆ, ଆନନ୍ଦ ଛତର, ୯୩ କେଜି ବର୍ଗରେ ସାର୍ଥକ କୁମାର, ପ୍ରଫୁଲ୍ଲ ଛତ୍ରିଆ ଓ ସତିସ ଦେହୁରୀ ନିଜ ନିଜ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ମହିଳାମାନଙ୍କ ମଧ୍ୟରେ ଚିନ୍ମୟୀ ଦାଶ, ପ୍ରତିମା ଖେସ, ଶ୍ୱେତା ମହାନ୍ତି, ଶୁଭଶ୍ରୀ ଗରୁଡ, ଲିପ୍ସା ସାହୁ, ଶ୍ରାବଣୀ ଭୋଇ ଓ ସୀମା ଦୀପ ନିଜ ନିଜ ବର୍ଗରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ । ପ୍ରଥମ ଦିନ ଅତିଥି ଭାବରେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ତଥା କ୍ରୀଡାବିତ୍ ରାଜେନ୍ଦ୍ର ବଢେଇ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନୀ ଦିବସରେ ଜିଲ୍ଲା ଓକିଲ ସଂଘର ସଭାପତି ଅମରେଶ ତ୍ରିପାଠୀ ଅତିଥି ଭାବରେ ଯୋଗ ଦେଇ ମେନ୍ସ ଫିଜିକ୍ ପ୍ରତିଯୋଗିତାର ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ରୋହନ ସୁନା, ବାରୁଣ ନାଏକ ଓ ସାହିଲ ସ୍ୱାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ରୁପକ କୁମାର ବରାଳ ଓ ସଂଜୟ ଶତପଥି ବିଚାରକଙ୍କ ଦାୟିତ୍ୱ ତୁଲାଇଥିଲେ । ଅନ୍ ଫିଟ୍ନେସର ମାଲିକ ଅନୀଲ ନାଏକ, କରାଟେ କୋଚ ପ୍ରଶାନ୍ତ ପାତ୍ର, ବିଡିଜିଏ ସଂପାଦକ ସଂଗ୍ରାମ ବହିଦାର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଗୋପ କଳପଡ଼ା ରାସ୍ତାରେ ଆଣ୍ଠୁଏ ପାଣି

କେନ୍ଦ୍ରାପଡ଼ା,୧୨/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତର ଗୋପ କଳପଡ଼ା ରାସ୍ତାରେ ଆଣ୍ଠୁଏ ପାଣି ଛିଡ଼ାହୋଇ ରହୁଛି । ପୂର୍ତ ବିଭାଗର ଏହି ରାସ୍ତାରେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଗ୍ରାମାବସୀମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ତୁଣ୍ଡପୁର ଠାରୁ ବଗଡ଼ା ସୋସାଇଟି ପର୍ଯ୍ୟନ୍ତ ଏହି ରାସ୍ତାର ଅଧିକାଂଶ ସ୍ଥାନରେ ପାଣି ଜମି ରହୁଛି । ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଗଦାହୋଇ ଉଚ୍ଚ ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତା ବର୍ଷକ ଭିତରରେ ଖରାପ ହୋଇଯାଉଛି । ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଶିଳାନ୍ୟାସର କଣ୍ଟକ ସାଜିଲେ ଗୋପ ତହସିଲଦାର

ପୁରୀ ,୧୨/୦୮ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ବିକାଶ କର୍ଯ୍ୟାକ୍ରମର କଣ୍ଟକ ସାଜିଲେ ଗୋପ ତହସିଲଦାର । ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ଗୋପ ବିକାଶ ପାଇଁ ଥିବା ଆଶା ଓ ଆକାଂକ୍ଷାଙ୍କୁ କୁଠାର ଘାତ କଲେ ଗୋପ ତହସିଲଦାର । ଗୋପର ବିକାଶ ତଥା ଶିକ୍ଷା ମନ୍ତ୍ରୀଙ୍କ ସ୍ୱପ୍ନ ସହ ଖେଳିବାକୁ ପଛାଇଲେ ନାହିଁ ଗୋପ ତହସିଲଦାର । ଗତ କିଛି ଦିନ ତଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ଥାନୀୟ ଶିକ୍ଷା ମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଗୋପର ବିକାଶ ପାଇଁ ଏକ ବୃହତ ବସ ଷ୍ଟାଣ୍ଡ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କରିଥିଲେ, ତାହା ଆଜି । ଅଗ୍ନିସ୍ୟାତା ଦେଇ ଗତି କରୁଛି । ମାନ୍ୟବର ହାଇକୋର୍ଟଙ୍କ ସ୍ଥଗିତଦେଶ ଫଳରେ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ପୁରୀ ଜିଲ୍ଲା ଗୋପ ବ୍ଲକ ଅଧିନସ୍ଥ ଗୋପ ବଜାରରେ ଥିବା ଏକ ଅବ୍ୟାହୃତ ଶ୍ମଶାନରେ ସ୍ଥାନରେ ବସ ଷ୍ଟାଣ୍ଡ ନିର୍ମାଣ କୁ ନେଇ ବିବାଦ ଉପଜୀବାରୁ ହାଇକୋର୍ଟଙ୍କ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ, ସର୍ବ ସାଧାରଣ ଶ୍ମଶାନର ଜାଗାକୁ କିଛି ବ୍ୟକ୍ତି ମାନେ କୌଶଳକ୍ରମେ ନିଜ ନାମରେ ରେକର୍ଡ କରିଥିବା ନେଇ ଗୋପ ସେନାପତି ସାହିର ପ୍ରବୋଧ କୁମାର ସେନାପତି ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଡଚଡ ନମ୍ବର ୪୧୮୬/୨୦୧୫ ମକଦ୍ଦମା ରୁଜୁ କରିଥିଲେ । ମାନ୍ୟବର ହାଇକୋର୍ଟ ୧୮/୦୩/୨୦୧୫ ତାରିଖରେ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗର ତୁରନ୍ତ ତଦନ୍ତ କରିବା ସହ ତଦନ୍ତ ରିପୋର୍ଟ ଦାଖଲ ପାଇଁ ଆଦେଶ ଦେଇଥିଲେ । ପିଟିସନ ଦୟାର କରାଯାଇଥିବା ଗୋପ ସେନାପତି ସାହିର ପ୍ରବୋଧ କୁମାର ସେନାପତି ଓ ଗ୍ରାମବାସୀଙ୍କ ସପକ୍ଷରେ ମାନ୍ୟବର ହାଇକୋର୍ଟ ୨୦୧୮ମସିହାରେ ଆଦେଶ ଦେଇଥିଲେ । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ପାଇଁ ଆଦେଶ ଥିବା ବେଳେ କିନ୍ତୁ ତହସିଲଦାର କୁଚକ୍ରନ୍ତ ଫଳରେ ପୋଟାଲରେ ଏଣ୍ଟ୍ରି କରିନଥିଲେ । ରେଭ୍ୟୁନ ମିସ କେସ ୨୬/୧୫ ଅଠର ନମ୍ବର ୨୧/୨୦୧୮ ଖାଲି ମୌଖିକ ଭାବେ ପଟ୍ଟା ସଂଶୋଧନ କଲେ କିନ୍ତୁ ନେଟ ଉପଲୋଡ କରାଗଲା ନାହିଁ । ଖାତା ନମ୍ବର ୮୯୯- ୧୧ ଡ଼ିସିମିଲ ଖାତା ନମ୍ବର ୬୩୬ - ୧୪ ଡ଼ିସିମିଲ ଖାତା ନମ୍ବର ୫୯୨ - ୪ ଡ଼ିସିମିଲ ଖାତା ନମ୍ବର ୯୨ - ୩ ଡ଼ିସିମିଲ ୫୫୪/ଏ - ୩ ଡ଼ିସିମିଲ ମୋଟ ହେଲା ୩୫ ଡ଼ିସିମିଲ । ସାବକ ଖାତା ନମ୍ବର ୪୯ ପ୍ଲଟ ନମ୍ବର ୩୩୪୧ ଜମି ଅଧିଗ୍ରହଣ କେସ ନମ୍ବର ୭/୮୯ ଖାତା ଫାଇଲ ନମ୍ବର ୧-୬୮/୯୪ ପ୍ରପୋଜାଲ ୩୮ ନେବାପାଇଁ ୩୩୪୩ ରୁ ୩୬ ଡ଼ିସିମିଲ ଏବଂ ତା ବଦଳ ରେ ୩୬ ଡ଼ିସିମିଲ । ସରକାରୀ ଗେଜେଟ ନମ୍ବର ୧୦୭୫ ମୋଟ ଜମି ହେଲା ଏକ ଏକର ବତିଶ ଡ଼ିସିମିଲ କିନ୍ତୁ ବର୍ତ୍ତମାନ ଅଛି ୮୮ ଡ଼ିସିମିଲ ଚଡଉ ନେଇଛି ୩୬ ଡ଼ିସିମିଲ ସଲଗ୍ନ ରହିଛି ୩ ଡ଼ିସିମିଲ ୨୦ ଡ଼ିସିମିଲ ରହିଛି ଠାକୁର ବିଜେସ୍ଥଳୀ ମୋଟ ହେଲା ୧ ଏକର ୧୧ ଡ଼ିସିମିଲ ଖାତା ନମ୍ବର ୧୮୯୧ ପ୍ଲଟ ନମ୍ବର ୩୦୯୭ - ୮୮ ଡ଼ିସିମିଲ ୩୦୯୮-୩ ଡ଼ିସିମିଲ ୩୦୯୯- ୨୦ ଡ଼ିସିମିଲ ଆଜି ପର୍ଯ୍ୟନ୍ତ ଏହା କାଯ୍ୟାକାରୀ କରାଯାଇନଥିବାରୁ ପ୍ରବୋଧ କୁମାର ସେନାପତି ଓ ଗ୍ରାମବାସୀଙ୍କ ମାନ୍ୟବର ହାଇକୋର୍ଟରେ ଡଚ(ଡ) ୧୯୦୫୬ଦ୨୨ ମୋକଦ୍ଦମା କରିଛନ୍ତି । ମାନ୍ୟବର ହାଇକୋର୍ଟ ସମସ୍ତ ଦଲିଲ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ନିର୍ମାଣାଧିନ ବସ ଷ୍ଟାଣ୍ଡ କୁ ବର୍ତ୍ତମାନ ପାଇଁ ସ୍ଥଗିତାଦେଶ ରଖିବାକୁ କାର୍ଯ୍ୟରେ ନିୟୋଜିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଶୁଣାଣି ପର୍ଯ୍ୟନ୍ତ ସେଠାରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ । ଏବେ ସମଗ୍ର ଗୋପ ଅଞ୍ଚଳରେ ଆଲୋଚନାର ବିଷୟବସ୍ତୁ ଶ୍ମଶାନ ଓ ନୟନଜୋରିକୁ ଜବର ଦଖଲକାରୀଙ୍କଠାରୁ ସ୍ଥାନୀୟ ତହସିଲଦାର ଉଚ୍ଛେଦ ନକରି କିପରି ସେଠାରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ସୁପାରିଶ କରିଥିଲେ । ଯଦିଓ ସ୍ଥାନୀୟ ଅଞ୍ଚଳବାସୀ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ବିରୋଧ କରୁନାହାନ୍ତି କିନ୍ତୁ ଉଚ୍ଛେଦ କାର୍ଯ୍ୟରେ ପକ୍ଷପାତିତା ଯୋଗୁଁ ତାକୁ ବିରୋଧ କରୁଛନ୍ତି । ସାଧାରଣ ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ଘର ଦ୍ୱାର ଓ କ୍ୟାଭିନ ଉଚ୍ଛେଦ କରି ତାଙ୍କ ପେଟକୁ ଲାତ ମାରିବା ଟା କେତେଦୂର ଯୁକ୍ତିଯୁକ୍ତଥିଲା । ଯଦି ଶ୍ମଶାନ ଓ ନ ୟ ନ ଜୋ ର ୀ ରୁ ଜବରଦଖଲକାରୀଙ୍କୁ ସମ୍ପୂର୍ଣ ଉଚ୍ଛେଦ ହେଉଛି ତ ଠିକ ଅଛି ନଚେତ ସେଠାରେ କୌଣସି କାର୍ଯ୍ୟ କରାଇଦିଆଯିବନି ବୋଲି ଗୋପବାସୀ ଓ ଉଠାଦୋକାନୀ ମାନେ ଦାବୀ କରିଛନ୍ତି । ଯଦି ଜବରଦଖଲକାରୀ ଙ୍କୁ ସମ୍ପୂର୍ଣ ଉଚ୍ଛେଦ କରାଯାଏ ତେବେ ଏକ ଏକର ବାସ୍ତରୀ ଡ଼ିସିମିଲି (୧.୭୨ ) ର ଜମି ସରକାରଙ୍କ ଅକ୍ତିଆରକୁ ଆସିପାରନ୍ତା । ସେଠାରେ ଏକ ବୃହତ ବସ ଷ୍ଟାଣ୍ଡ ସହିତ ଶତାଧିକ ବ୍ୟକ୍ତି ଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ, ସମ୍ମିଳନୀ କକ୍ଷ ସହ ପାର୍କ ପାଇଁ ମଧ ବ୍ୟବସ୍ଥା ହୋଇପାରନ୍ତା ବୋଲି ବରିଷ୍ଠ ବ୍ୟକ୍ତିମାନେ ମତପୋଷଣ କରିଛନ୍ତି । ଏଣୁ ଗୋପବାସୀଙ୍କ ସାମୁହିକ ବିକାଶ ଉର୍ନ୍ନତି ଏକାନ୍ତ ଆବଶ୍ୟକ ଅଟେ । ଜୀବିକା ହରାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ଗୋପ ସୁରକ୍ଷା ମଞ୍ଚ ସଭାପତି ଓ କୁଶଭଦ୍ରା ବ୍ୟବସାୟୀ ସଂଘ ଦାବୀ କରିଛନ୍ତି । ଏଥିପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ପୁନଃ ବିଚାର ବିମର୍ଶ କରି ସ୍ଥାନୀୟ ସାଧାରଣ ଜନତାଙ୍କ ସମସ୍ୟାକୁ ସମାଧାନ କୁ ଚେଷ୍ଟା କରନ୍ତୁ ବୋଲି ସାଧାରଣ ରେ ମଧ ଦାବୀ ହେଉଛି । ଉକ୍ତ ତହସିଲଦାର ଙ୍କ ବିରୁଦ୍ଧରେ ପୂର୍ବରୁ ମଧ ପକ୍ଷପାତିତା କରିଥିବାର ଅଭିଯୋଗ ଆସିଥିଲା । ସେଥିପାଇଁ କିଛି ଦଳିତ ପରିବାରଙ୍କ ପକ୍ଷରୁ ଗୋପ ତହସିଲ କାର୍ଯ୍ୟାଳୟ କୁ ଘେରାଉ କରାଯାଇଥିଲା । ବର୍ତ୍ତମାନ ତାଙ୍କର କାର୍ଯ୍ୟ କଳାପ ଯୋଗୁଁ ଅନେକ ବ୍ୟକ୍ତି ଜୀବିକା ହରାଇଛନ୍ତି ।

# ଦାରିଙ୍ଗବାଡ଼ିରେ ଶିଶୁ ମଙ୍ଗଳ ସମିତିର ଭ୍ରାମ୍ୟମାଣ ଅଦାଲତ

କନ୍ଧମାଳ ,୧୨/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଶିଶୁ ମଙ୍ଗଳ ସମିତି ,ଜିଲ୍ଲା ଶିଶୁ ସୁରକ୍ଷା କମିଟି କନ୍ଧମାଳ, ଶିଶୁ ସମନ୍ୱିତ ପ୍ରକଳ୍ପ ଦାରିଙ୍ଗବାଡି, ଓ ପ୍ରେମ୍ ଏଡୁକୋ ସଂସ୍ଥା ଆନୁକୁଲ୍ୟରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ସଭା ଗୃହରେ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ପାଇଁ କନ୍ଧମାଳ ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ଭ୍ରାମ୍ୟମାଣ ଅଦାଲତ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପ ରେ ଦାରିଙ୍ଗବାଡ଼ି ବ୍ଲକ୍ ର ୧୧ ଗୋଟି ଗ୍ରାମ ପଞ୍ଚାୟତର ୬୯ ଜଣ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ସେମାନଙ୍କର ଅଭିଭାବକ ଙ୍କ ସହିତ ଯୋଗ ଦେଇଥିଲେ । ଏହି କ୍ୟାମ୍ପ ରେ ୬୯ ଜଣ ଶିଶୁ ଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଚିହ୍ନଟ କରି ସେମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ଯଥା । ଆଶୀର୍ବାଦ ଯୋଜନା, ଭିନ୍ନକ୍ଷମ ଯୋଜନା, ସ୍ପନ୍ସରସିପ୍ ଯୋଜନା ଇତ୍ୟାଦି ରେ ଅନ୍ତର୍ଭୁକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ଅଶୋକ କୁମାର ବେହେରା ଓ କମିଟି ର ସଦସ୍ୟା ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ଓ ଶ୍ରୀମତୀ କଳ୍ପନା ମହାନ୍ତି ଉପସ୍ଥିତି ଥିଲେ, ଏଥି ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା କରନ, ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ଶିଶୁ ସମନ୍ୱିତ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଅଞ୍ଜଳି ମହାପାତ୍ର ଏବଂ ବରିଷ୍ଠ ସୁପରଭାଇଜର ଶ୍ରୀମତୀ ଶକୁନ୍ତଳା ନାୟକ ,ସ୍ଥାନୀୟ ଦାରିଙ୍ଗବାଡ଼ି ସରପଞ୍ଚ ଶ୍ରୀମତୀ ଚନ୍ଦ୍ରିକା ମଲ୍ଲିକ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ଚାଇଲଡ଼ ଲାଇନ ଓ ଓ୍ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ଜିଲ୍ଲା ପ୍ରଶାସନ,ଜିଲ୍ଲା ଶିଶୁ ମଙ୍ଗଳ ସମିତି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏଭଳି ପଦକ୍ଷେପ କୁ ପ୍ରଶଂସା କରି ସ୍ୱାଗତ କରିଥିଲେ ଏବଂ ଆଗମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ କରିବା ପାଇଁ ପୁନର୍ବାର ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରି ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା କରନ ପରିଚାଳନା କରିଥିବା ବେଳେ ପ୍ରେମ୍ ର ପ୍ରକଳ୍ପ ଅଧିକାରୀ ସୁଧୀର କୁମାର ଦିଗାଲ, ପ୍ରେମ୍ ସଂସ୍ଥାର କର୍ମକର୍ତ୍ତା ,ଦାରିଙ୍ଗବାଡ଼ି ବ୍ଲକ୍ ର ସମସ୍ତ ସୁପରଭାଇଜର, ଓ ଅଙ୍ଗନଓ୍ୱାଡ଼ି କର୍ମୀମାନେ ସହଯୋଗ କରିଥିଲେ ।

## ଏୟାରପୋର୍ଟର ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର ,୧୨/୦୮ (ନି.ପ୍ର): ଜୟପୁର ଏୟାରପୋର୍ଟ ରେ ପହଂଚି ବିକାଶ ମୁଳକ କାଯ୍ୟର ସମୀକ୍ଷା କଲେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର । ଜୟପୁର ଏୟାର ପୋର୍ଟ ରେ ପହଂଚି ଜିଲାପାଳ ରାସ୍ତା ଓ ଗୃହ ବିଭାଗ, ଦମକଳ ଓ ଜୟପୁର ପୌରପାଳିକା ସହ ଆଲୋଚନା କରିଛନ୍ତି । ଏୟାର ପୋର୍ଟ କୁ ବୁଲି ଦେଖିବା ସହ ଅଧିକାରୀ ମାନଙ୍କ ସହ ଏୟାର ପୋର୍ଟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ସମୀକ୍ଷା ସମୟରେ ଜୟପୁର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ରାସ୍ତା ଓ ଗୃହ ବିଭାଗର ଏସଡିଓ ସୋମନାଥ ତ୍ରିପାଠି, ଦମକଳ ବିଭାଗର ଅଧିକାରି ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ଅଗଷ୍ଟ ୧୩, ୨୦୨୨

# ପିଲାଙ୍କୁ 'ସରି' କହିବା ଜରୁରୀ



ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, 'ସରି' କହିବାକୁ ଆମେ ସେମାନଙ୍କୁ ପ୍ରବର୍ତ୍ତାଉ । ମାତ୍ର ଆମେ ଭୁଲ କଲେ ପିଲାଙ୍କୁ ସରି କହିବା ଜରୁରୀ କି ? ଆଲେଖ୍ୟରେ ରହିଛି ଏଭଳି କିଛି ପ୍ରଶ୍ନର ଉତ୍ତର ।
ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, ଆମେ କହୁ 'ସରି' କହିଦିଅ ବେଟା' । ଏଭଳି କରିବା ଦ୍ୱାରା ପିଲାଟି ଭୁଲ୍ କାମ କରିବ ନାହିଁ ବୋଲି ଆମେ ଭାବିଥାଉ । ଏହା ସହିତ ପିଲାଟି ଦୁଃଖ ପ୍ରକାଶ କରିବ ଏବଂ ଏଥିରୁ ଶିକ୍ଷାଲାଭ କରି ଆଗକୁ ସେଭଳି ଭୁଲ କରିବ ନାହିଁ ବୋଲି ଆମେ ପିଲାଟିକୁ ସରି କହିବା ପାଇଁ ପ୍ରବର୍ତ୍ତାଉ । ମାତ୍ର ଆମେ ବଡ଼ମାନେ ଯେତେବେଳେ କିଛି ଭୁଲ୍ କରିବସୁ, ସେ କ୍ଷେତ୍ରରେ କ'ଣ କରାଯିବା ଉଚିତ ? ଆମେ ପିଲାଙ୍କୁ ସରି କରିବା ଜରୁରୀ କି ? ଯଦି ହଁ, ତା' ହେଲେ ତା'ର ତାରିକା କ'ଣ ? ଅଭିଭାବକଙ୍କ ସରି କହିବା ପିଲାଙ୍କ ଉପରେ କିଭଳି ପ୍ରଭାବ ପକାଇବ ? ସେଭଳି କିଛି ପ୍ରଶ୍ନର ଉତ୍ତର ରହିଛି ଏ ଆଲେଖ୍ୟରେ ।

## ସରି କହିବାକୁ କୁଣ୍ଠା କାହିଁକି ?:

ଅନେକ ଅଭିଭାବକ ଭାବନ୍ତି, ଭୁଲ୍ ହୋଇଗଲେ ପିଲାଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ପିଲାଙ୍କ ସାମ୍ନାରେ ସେମାନଙ୍କ ଇଜ୍ଜତ ଚାଲିଯିବ । ପିଲାଏ ସେମାନଙ୍କୁ ଖାତିର କରିବେ ନାହିଁ ବା ମାନିବେ ନାହିଁ । ପିଲାଏ ସେମାନଙ୍କର ମଜାକ୍ ଉଡ଼ାଇପାରନ୍ତି ବା ଭବିଷ୍ୟତରେ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇପାରନ୍ତି । ମାତ୍ର ମନୋବିଜ୍ଞାନ ଅନୁସାରେ, ଏହାର ବିପରୀତ ହୋଇଥାଏ । ବାପା କିମ୍ବା ମା' ମାନେ ପିଲାଙ୍କ ସାମ୍ନାରେ ସେମାନଙ୍କର ଭୁଲ ସ୍ୱୀକାର କରି ସେମାନଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ସେମାନଙ୍କର ଇଜ୍ଜତ ବଢ଼ିଥାଏ । 'ବଡ଼ମାନେ କେବେ ବି ଭୁଲ କରନ୍ତି ନାହିଁ' -ଏଭଳି ଭାବନା ରଖୁଥିବା ଅଭିଭାବକଙ୍କ ଅପେକ୍ଷା ଭୁଲ କରି ତାହାକୁ ନିଃସଙ୍କୋଚରେ ସ୍ୱୀକାର କରୁଥିବା ବାପା, ମା'ଙ୍କୁ ପିଲାମାନେ ଅଧିକ ସମ୍ମାନ ଜଣାଇଥାନ୍ତି । ଭୁଲ୍ ହୋଇଗଲେ ତାହାକୁ ସ୍ୱୀକାର କରିବା ଦ୍ୱାରା ପିଲାଏ ବୁଝିଯା'ନ୍ତି ଯେ, ଭୁଲ କରିବା ଏବଂ ତାହାକୁ ସ୍ୱୀକାର କରିବା ଓ ସୁଧାରିବା ଦିଗରେ କାର୍ଯ୍ୟ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହା ପରେ ବି ଯଦି ଆପଣ ଭାବୁଛନ୍ତି ଯେ ପିଲାମାନେ ଆପଣଙ୍କୁ ଡରିବେ ନାହିଁ, ଖାତିର କରିବେ ନାହିଁ ବା ଆପଣଙ୍କ କଥାକୁ ସିରିୟସ୍‌ଲି ନେବେ ନାହିଁ, ତା' ହେଲେ ଆପଣ ଭୁଲ୍ ଧାରଣାରେ ଅଛନ୍ତି ।







## ସରି ନକହିବାର ଅର୍ଥ ପିଲାଏ କ'ଣ ବୁଝନ୍ତି ?:

ଆପଣ ନିଜ ଭୁଲକୁ ସ୍ୱୀକାର ନ କଲେ ବି ପିଲାଏ ବୁଝିଯାଆନ୍ତି ଯେ ଆପଣ ଭୁଲ କରିଛନ୍ତି । ଏଭଳି କ୍ଷେତ୍ରରେ ଆପଣ ନିଜ ଭୁଲ ପାଇଁ ସରି ନକହି ସେମାନଙ୍କୁ ଏଭଳି ବାର୍ତ୍ତା ଦିଅନ୍ତି-

- ସରି କହିବାର ଅର୍ଥ ଆପଣ କିଛି ଭୁଲ୍ କାମ କରିଛନ୍ତି ।
- କିଛି ପିଲା ଏହା ମଧ୍ୟ ବୁଝିଯାଆନ୍ତି ଯେ, ସରି କହିବାର ଅର୍ଥ ଆପଣ ଖରାପ ।



- ଛୋଟ ମୋଟ ଭୁଲକୁ ଏଡ଼େଇଯିବାରେ କିଛି କ୍ଷତି ନାହିଁ ।
- ସରି କହି ଆମେ ଅଯଥା ଛୋଟ କଥାକୁ ବଡ଼ କରିଦେଉ ।
- ଯେତେବେଳେ ଆପଣ କ୍ଷମା ମାଗୁଛନ୍ତି, ନିଜ ଷ୍ଟାଟସ୍ ସହିତ ସାଲିସ୍ କରୁଛନ୍ତି ।
- ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କୁ କେହି କହିନାହାନ୍ତି, କ୍ଷମା ମାଗିବାର ପ୍ରଶ୍ନ ହିଁ ଉଠୁନାହିଁ ।

## ସରି କହି ଆପଣ ପିଲାଙ୍କୁ କ'ଣ ଶିକ୍ଷା ଦିଅନ୍ତି ?:

ଯଦି ଆପଣ ଭୁଲ କରିବା ପରେ ସରି କୁହନ୍ତି, ତା'ହେଲେ ପିଲାଙ୍କୁ କିଛି ନ ବୁଝାଇବା ସତ୍ତ୍ୱେ ସେମାନେ ବୁଝିଯାଆନ୍ତି ଯେ-

- ଛୋଟ ହୁଅନ୍ତୁ ବା ବଡ; ଭୁଲ ସମସ୍ତଙ୍କର ହୁଏ । ଭୁଲ୍ କରି ତାହାକୁ ଫାଙ୍କିଦେବା ପରିବର୍ତ୍ତେ ତାହାକୁ ସ୍ୱୀକାର କରିବା ଏବଂ ସୁଧାରିବା ଉଚିତ ।

ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଆମେ ଅନେକଙ୍କ ଭାବନାକୁ ଆଘାତ ଦେଉ । ଏଭଳି ପରିସ୍ଥିତିରେ ସେମାନଙ୍କୁ କ୍ଷମା ମାଗିବା ଜରୁରୀ । ଏହା ଦ୍ୱାରା ସମ୍ପର୍କ ଖରାପ ହୁଏ ନାହିଁ ।

- କ୍ଷମା ମାଗିବା ଦ୍ୱାରା ଆମେ ଛୋଟ ହୋଇଯାଇନଥାଉ । ବରଂ ଅନ୍ୟମାନଙ୍କ ଆଖିରେ ଆମ ଇଜ୍ଜତ ପୂର୍ବାପେକ୍ଷା ବଢ଼େ ।
- ଭୁଲ ସ୍ୱୀକାର କରିବାରେ ଲଜ୍ଜିତ ହେବା ଉଚିତ ନୁହେଁ । ଅସଲ କଥା ହେଉଛି, ଭୁଲ୍ ସ୍ୱୀକାର କରି ଆମେ ଆମ ବୋଝକୁ ହାଲ୍‌କା କରିଦେଉ ।
- ଯିଏ ଭୁଲ କରି ସ୍ୱୀକାର କରେ, କ୍ଷମା ମାଗେ ସେ ସମସ୍ତଙ୍କର ପ୍ରିୟ ହୁଏ । ଘରେ ବାହାରେ ତାକୁ ସମସ୍ତେ ଆଦର କରନ୍ତି ।

## କେତେବେଳେ ଓ କେମିତି କହିବେ ?:

ଆପଣ କେବଳ ଫର୍ମାଲିଟି ପୂରା କରିବା ପାଇଁ ବା ଔପଚାରିକତା ଦୃଷ୍ଟିରୁ ସରି କୁହନ୍ତୁ ନାହିଁ । ସରି କହିବାର ଅର୍ଥ ଆପଣ କରିଥିବା କୌଣସି ଭୁଲ୍ ବା କହିଥିବା କୌଣସି କଥା ପାଇଁ ଆପଣ ଦୁଃଖିତ । ଏହା ଆପଣଙ୍କ ସରି କହିବା ଶୈଳୀରୁ ପ୍ରକାଶିତ ହେବା ଉଚିତ ।

- ପିଲାଙ୍କୁ ଯେତେବେଳେ ସରି କହୁଛନ୍ତି, ତା' ପଛର କାରଣ ସେମାନଙ୍କୁ ବୁଝାନ୍ତୁ ।
- ନିଜର ଦୁର୍ବ୍ୟବହାର ବିଷୟରେ କହିବା ସହିତ ଏହା ମଧ୍ୟ ବୁଝାଇବାକୁ ଚେଷ୍ଟା କରନ୍ତୁ ଯେ ଆପଣଙ୍କ ବ୍ୟବହାରରେ କ'ଣ ଭୁଲ୍ ବା ଖରାପ ଥିଲା । ଏହା ଦ୍ୱାରା ପିଲାଏ ସେଭଳି ଭୁଲ୍ କରିବେ ନାହିଁ ।
- ଯଦି ଆପଣଙ୍କ ବ୍ୟବହାର ପିଲାଙ୍କୁ ବାଧିଛି, ତା'ହେଲେ ସେମାନଙ୍କ ଭାବନାକୁ ଆପଣ ବୁଝିପାରୁଛନ୍ତି ବୋଲି କୁହନ୍ତୁ । ଏଭଳି ମାମଲାରେ କେବଳ ସରି କହିଦେଲେ ଚଳିବ ନାହିଁ ।
- ପିଲାଙ୍କୁ କେବଳ ସରି କହିଦେଲେ ହେବନି । ବରଂ ଭବିଷ୍ୟତରେ ଏଭଳି ଭୁଲ ନ ହେବ ସେଥିପାଇଁ ଚେଷ୍ଟା କରିବେ ବୋଲି କୁହନ୍ତୁ । ଯଦି ପିଲାଟିର କୌଣସି କାର୍ଯ୍ୟକଳାପ ଯୋଗୁଁ ଆପଣ ରାଗିଥିଲେ ଓ ପରେ ସରି କହିଦେଲେ ତେବେ ପିଲାଟି ମଧ୍ୟ ସେଭଳି ଭୁଲର ପୁନରାବୃତ୍ତି ନ କରିବାକୁ ଚେଷ୍ଟା କରିବ ।

**ସରି କହିଦେଇ ତୁରନ୍ତ ହସ ମଜାକ କରନ୍ତୁ ନାହିଁ ବା ସେହି ଭୁଲ୍‌ର ପୁନରାବୃତ୍ତି କରନ୍ତୁ ନାହିଁ । ଏହା ଦ୍ୱାରା ପିଲାମାନେ ଧରିନେବେ ଯେ ସରି ଏକ ଶସ୍ତା ଶବ୍ଦ ଓ ସେମାନଙ୍କ ପାଇଁ ଏହା କେବଳ ବିଷୟକୁ ଏଡ଼ାଇଯିବାର ମାଧ୍ୟମ ପାଲଟିଯିବ ।**



# ରାଧାବଲ୍ଲଭି



ରାଧାବଲ୍ଲଭି ପଶ୍ଚିମବଙ୍ଗର ଏକ ପାରମ୍ପରିକ ଖାଦ୍ୟ । ବିଶେଷକରି ଜନ୍ମାଷ୍ଟମୀ, ସରସ୍ୱତୀ ପୂଜା, ପହିଲା ବୈଶାଖ ଆଦି ଅବସରରେ ଏହା ପ୍ରସ୍ତୁତ ହୋଇଥାଏ । କିଛି ଲୋକ ଏହାକୁ ରାଧାକୃଷ୍ଣଙ୍କ ମନ୍ଦିରରେର ପ୍ରସାଦ ଭାବରେ ଅର୍ପଣ କରିଥାଆନ୍ତି । ଦେଖିବାକୁ ପୁରି ଭଳି ହୋଇଥିଲେ ମଧ ଏହାର ସ୍ୱାଦ ପୁରିଠାରୁ ସଂପୂର୍ଣ୍ଣ ଭିନ୍ନ । ଏଥିରେ ମସଲା ପୁର ଦିଆଯାଇଥାଏ । ଏହାକୁ କଚୁରି ବୋଲି ମଧ କୁହାଯାଇପାରିବ ନାହିଁ । ଆଗେ ନିର୍ଦ୍ଦିଷ୍ଟ କେତେକ ଜଳଖିଆ ଦୋକାନରେ ରାଧାବଲ୍ଲଭି ପ୍ରସ୍ତୁତ ହେଉଥିଲା ବେଳେ ଆଜିକାଲି ଖୁବ୍ କମ୍ ଦୋକାନରେ ଏହା ମିଳୁଛି । ଆସନ୍ତୁ ଜାଣିବା ଏହାକୁ କିପରି ତିଆରି କରାଯାଏ ।

**ପ୍ରସ୍ତୁତି :**

ରାଧାବଲ୍ଲଭି ତିଆରି କରିବା ପାଇଁ ମଇଦା କିମ୍ବା ଅଟା ୨ କପ୍, ବିରି ଚଉଠେ କପ୍, ରିଫାଇନ୍ ତେଲ କିମ୍ବା ଘିଅ ୧ ଟେବଲ୍ ଚାମଚ, ଲୁଣ ସାମାନ୍ୟ, ପାନମହୁରି ଗୁଣ୍ଡ ୧ ଛୋଟ ଚାମଚ, ଜୀରା ୧ ଛୋଟ ଚାମଚ, ଶୁଖିଲା ଲାଲ ଲଙ୍କା ୨ ଟା, ଜାଇଫଳ ଛୋଟ ଖଣ୍ଡେ, ହେଙ୍ଗୁ ଚିମୁଟାଏ, ଛାଣିବା ପାଇଁ ରିଫାଇନ ତେଲ । ପ୍ରଥମେ ବିରିକୁ ସଫା କରି ୩-୪ ଘଣ୍ଟା ବତୁରାଇ ରଖନ୍ତୁ । ଫୁଲିଗଲା ପରେ ପାଣିରୁ ଛାଣି ବାଟନ୍ତୁ । ଅଧିକ ମସୃଣ କରିବେ ନାହିଁ । ଏହାପରେ ଏପ ବଡ଼ ପାତ୍ରରେ ମଇଦା ନିଅନ୍ତୁ । ସେଥିରେ ୧ ଟେବଲ ଚାମଚ ଘିଅ କିମ୍ବା ତେଲ ଦେଇ ଭଲ କରି ମିଳାଇ ଦିଅନ୍ତୁ । ଅଳ୍ପ ଅଳ୍ପ ପାଣି ମିଶାଇ ମଇଦାକୁ ଚକଟାନ୍ତୁ । ମଇଦା ଚକଟାକୁ ଅତି ନରମ କରିବେ ନାହିଁ । ଚକଟା ହୋଇଗଲା ପରେ ଏହାକୁ ୧୦ ରୁ ୧୫ ମିନିଟ ଘୋଡ଼ାଇ ରଖନ୍ତୁ । ଏହାପରେ ମସଲା ପ୍ରସ୍ତୁତ କରନ୍ତୁ । ମସଲା ପ୍ରସ୍ତୁତ କରିବା ପାଇଁ ଜୀରା, ପାନମହୁରି, ହେଙ୍ଗୁ ଏବଂ ଲଙ୍କା ଏକାଠି କରି ହାଲୁକା ବାଦାମି ହେବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ । ଟିକେ ଥଣ୍ଡା ହୋଇଆସିଲେ ମିକ୍ସିରେ ଗୁଣ୍ଡ କରିନିଅନ୍ତୁ । ଏହା ପରେ ପ୍ୟାନ୍ ଗରମ କରି ସେଥିରେ ୧ ଟେବଲ ଚାମଚ ତେଲ ଗରମ କରି ସେଥିରେ ହେଙ୍ଗୁ, ଆଗରୁ ବାଟି ରଖିଥିବା ବିରି, ଚିନି ପାଉଡର, ଲୁଣ ଏବଂ ଗୁଣ୍ଡ ମସଲା ମିଶାଇ ମସଲାକୁ ଭଲ କରି ଏକାଠି କରି ଦୁଇ ମିନିଟ ଭାଜିଲା ପରେ ଥଣ୍ଡା କରନ୍ତୁ । ୨୦ ମିନିଟ ପରେ ଦଳା ହୋଇଥିବା ମଇଦାରୁ ଛୋଟ ଛୋଟ ଗୁଳା ତିଆରି କରନ୍ତୁ । ଗୁଳା ମଧ୍ୟରେ ଏହି ମସଲାରୁ ଅଳ୍ପ ଅଳ୍ପ ନେଇ ମୁହଁ ବନ୍ଦ କରି ଧୀରେ ଧୀରେ ପୁରି ବେଲିଲା ଭଳି ବେଲନ୍ତୁ । ଅତି ପତଳା କରିବେ ନାହିଁ । ଏପରି ଭାବେ ବେଲିବେ ଯେମିତି ଫାଟି ନଯାଏ । ଏହାପରେ କରେଇରେ ତେଲ ଗରମ କରି ଏହି ପୁରି ଗୁଡ଼ିକୁ ହାଲୁକା ବାଦାମି ରଙ୍ଗ କରି ଦୁଇ ପଟ ଓଲଟାଇ ଛାଣନ୍ତୁ । ପ୍ରସ୍ତୁତ ହୋଇଗଲା ରାଧାବଲ୍ଲଭି । ଆପଣ ଇଚ୍ଛା କଲେ ଅଟା ଓ ମଇଦା ମିଶାଇ ମଧ ଗୁଳା ପ୍ରସ୍ତୁତ କରିପାରିବେ । ଅଟା କି ମଇଦା ଗୁଳାରେ ମସଲା ଅଧିକ ଦେବେ ନାହିଁ । ନହେଲେ ବେଲିଲା ବେଳ ଅସୁବିଧା ହୋଇପାରେ । ମଧ୍ୟମ ଆଞ୍ଚରେ ଛାଣିବେ । ଅଧିକ ଆଞ୍ଚରେ ଉପରୁ ହୋଇଗଲା ଭଳି ମନେ ହେବ । କିନ୍ତୁ ଭିତରେ କଞ୍ଚା ରହିଯାଇଥିବ ।

# ବଟରଫ୍ଲାଏ ଫିଡର୍



ଗାର୍ଡେନିଙ୍ଗ୍ କରିବାର ସଉକ ସମସ୍ତଙ୍କର ଭିନ୍ନ ଭିନ୍ନ । କିଏ ଫୁଲ ଗାର୍ଡେନିଙ୍ଗ୍ କରେ ତ ଆଉ କିଏ ପନିପରିବା ଗାର୍ଡେନିଙ୍ଗ୍ ଏହା ବ୍ୟତୀତ କିଛି ଲୋକ ଏମିତି ମଧ ଗାର୍ଡେନିଙ୍ଗ୍ ତିଆରି କରନ୍ତି ଯେମିତି ସେଠାରେ ଜୈବବିବିଧତା ବଜାୟ ରହିବ, ମାନେ ଗାର୍ଡେନିଙ୍ଗ୍‌ର ପ୍ରଜାପତି ଏବଂ ପକ୍ଷୀଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ପକ୍ଷୀଙ୍କ ପାଇଁ ଯେମିତି ଗାର୍ଡେନ୍‌ରେ ବାର୍ଡପିଡର୍ ରହିଥାଏ ସେମିତି ପ୍ରଜାପତିଙ୍କ ପାଇଁ ବଟରଫ୍ଲାଏ ଫିଡର ରଖିପାରିବା । ବଗିଚାରେ ପ୍ରଜାପତିଙ୍କ ଆଗମନ ଅଧିକ ସୁନ୍ଦର କରିଥାଏ । ତେବେ ବଟରଫ୍ଲାଏ ଫିଡରର ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼େନି । ଘରେ ପୁରୁଣା ଜିନିଷରୁ ବଟରଫ୍ଲାଏ ଫିଡର ପ୍ରସ୍ତୁତ କରିପାରିବେ ।

**ପୁରୁଣା ପ୍ଲେଟ୍:**

ପୁରୁଣା ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ସଜାଇବା ପାଇଁ ସୂତା ଏବଂ କିଛି ରଙ୍ଗୀନ ମୋତି ନିଅନ୍ତୁ । ସମାନ ଦୂରତାରେ ତିନୋଟି ଛିଦ୍ର କରି ଦିଅନ୍ତୁ । ସୂତାକୁ ମୋତିରେ ସଜାନ୍ତୁ । ବଗିଚାର ଗଛରେ ଏହାକୁ ଟାଙ୍ଗି ଦିଅନ୍ତୁ । ନିୟମିତ ରୂପରେ ପ୍ରଜାପତିଙ୍କ ପାଇଁ ଏତିରେ ଖାଦ୍ୟ ରଖିପାରିବେ । ବଟରଫ୍ଲାଏ ଫିଡରରେ କମଳା କାଟି ରଖିପାରିବେ । ନହେଲେ ଗୁଡରେ ଅଳ୍ପ ପାଣି ମିଶାଇ ରଖିପାରିବେ ।





**ଜାର୍ ଏବଂ ଡବା:**

ଏଥିପାଇଁ ଆବଶ୍ୟକ ହୁଏ ପୁରୁଣା କାଚ ଏବଂ ପ୍ଲାଷ୍ଟିକ ଡବା । ସୂତା, ତୁଳା, ରବର ବ୍ୟାଣ୍ଡ, ପାଣି ଏବଂ ମହୁ ଏବଂ ଅଲଗା ଅଲଗା ରଙ୍ଗର ସତେଜ ଫୁଲ । ପ୍ରଥମେ ଡବାର ଢାଙ୍କୁଣି ମଝିରେର ଗୋଟିଏ ଛିଦ୍ର କରି ଦିଅନ୍ତୁ । କିଛି ତୁଳାକୁ ଡବାରେ ପୂରାଇ ଦିଅନ୍ତୁ । ଡବାର ତଳ ଆଡକୁ ଦୁଇଟି ରବର ବ୍ୟାଣ୍ଡ ରଖନ୍ତୁ । ଏହି ରବର ବ୍ୟାଣ୍ଡରେ ସୂତାକୁ ଏଭଳି ଭାବେ ବାନ୍ଧନ୍ତୁ ଯେମିତି ଡବା ଓଲଟା ଝୁଲି ପାରିବ । ତା' ପରେର ପାଣି ଏବଂ ମହୁର ମିଶ୍ରଣର କରି ଡବା ଭିତରେ ଭର୍ତ୍ତି କରନ୍ତୁ । ରବର ବ୍ୟାଣ୍ଡ ଚାରିପାଖରେ ଫୁଲରେ ସଜାଇପାରିବେ । ପ୍ରଜାପତି ଆକର୍ଷିତ ହୋଇ ଆସିଥାନ୍ତି ଏବଂ ତୁଳା ସାହାଯ୍ୟରେର ମହୁ ପାଣି ପିଇଥାନ୍ତି ।

**ସ୍ପଞ୍ଜ ଫିଡର:**

ଏଥିପାଇଁ କୌଣସି ସ୍ପଞ୍ଜକୁ ଗୋଟିଏ ପାଖରୁ ଛିଦ୍ର କରନ୍ତୁ ଏବଂ ସୂତା ସାହାଯ୍ୟରେ ବାନ୍ଧି ନିଅନ୍ତୁ । ଏବେ ଏହି ସ୍ପଞ୍ଜକୁ ଚିନିର ଘୋଳରେ ବୁଡ଼ାଇ ଗଛରେ ଝୁଲାଇ ଦିଅନ୍ତୁ । ଚାହିଁଲେ ସୂତାକୁ ମୋତିରେର ମଧ ସଜାଇପାରିବେ ।

**ବଟରଫ୍ଲାଏ ପଡଲର:**

ଏହାକୁ ତିଆରି କରିବା ପାଇଁ ମାଟିର କୌଣସି ପାତ୍ର ନିଅନ୍ତୁ । ଏଥିରେର ବାଲି ଏବଂ ଲୁଣ ମିଶାଇ ଭର୍ତ୍ତି କରନ୍ତୁ । ତା' ପରେ ଏଥିରେ ଛୋଟ ଛୋଟ ପଥରରେ ସଜାନ୍ତୁ, ଯେମିତି ପ୍ରଜାପତି ଏହା ଉପରେ ବସିପାରିବେ । ଏବେ ଏଥିରେ ପାଣି ଢାଳନ୍ତୁ । କିନ୍ତୁ ପାଣି ଯେମିତି ଅଧିକ ନହୁଏ । ପଥର ଅଧା ବୁଡ଼ିବା ପର୍ଯ୍ୟନ୍ତ ପାଣି ଢାଳନ୍ତୁ ।









## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଗ୍ନି ପରୀକ୍ଷା

ଯେକୌଣସି ପରୀକ୍ଷା ଦେବା ପୂର୍ବରୁ ବିଦ୍ୟାର୍ଥୀମାନେ ସେଥିରେ ସଫଳତା ଲାଭ କରିବା ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି ଏବଂ ଯେତେବେଳେ ପରୀକ୍ଷା ସୁଚାରୁ ରୂପେ ସମ୍ପନ୍ନ ହୋଇଯାଇଥାଏ, ସେମାନେ ଆଶ୍ୱସ୍ତି ଲାଭ କରନ୍ତି। କାରଣ ସେମାନଙ୍କୁ ପରିଶ୍ରମ କେଉଁ ଫଳ ଆଣିଦେବ, ତାହା ତ ଏକ ଭିନ୍ନ କଥା, କିନ୍ତୁ ସେମାନେ ପରୀକ୍ଷା ତ ଭଲରେ ଦେଇଛନ୍ତି। ପରନ୍ତୁ ସୁଚାରୁ ରୂପେ ପରୀକ୍ଷା ସମ୍ପନ୍ନ କରାଇବା ଜାତୀୟ ପରୀକ୍ଷଣ ଏଜେନ୍ସି (ଏନଟିଏ) ପାଇଁ ଏକ ଅଗ୍ନି ପରୀକ୍ଷା ସାବ୍ୟସ୍ତ ହୋଇଛି। ବିଶ୍ୱବିଦ୍ୟାଳୟ ସ୍ତରରେ ନାମ ଲେଖାପାଇଁ ବିଦ୍ୟାର୍ଥୀମାନଙ୍କୁ ଏଣିକି କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡୁଛି। ହେଲେ ଏନଟିଏ ଯେତେବେଳେ ଠିକ୍ ସମୟରେ ପ୍ରଶ୍ନପତ୍ର ପ୍ରଦାନ କରିବାରେ ବିଫଳ ହେଲା ବା ଇଣ୍ଟରନେଟର ସାଇଟରେ ଅପଲୋଡ୍ କରିପାରିଲା ନାହିଁ, କ୍ୟୁଏଟ୍ ଏକ ବଡ଼ ଧରଣର ବୈଷୟିକ ସମ୍ମୁଖୀନ ହେଲା। ପରିଣତିରେ ପରୀକ୍ଷା ଦେବା ପରିବର୍ତ୍ତେ ଦେଶର ୨୯ଟି ସହରର ୪୧ଟି ପରୀକ୍ଷା କେନ୍ଦ୍ରର ୫୦ ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କୁ ନିରାଶ ହୋଇ ଘରକୁ ଫେରିବାକୁ ପଡ଼ିଲା। କେବଳ ଏତିକି ନୁହେଁ, ଆହୁରି କେତେକ ଉପକରଣ ବା ଲଜିଷ୍ଟିକସ୍ ଯୋଗାଣ ସମ୍ପର୍କିତ ତ୍ରୁଟି ବିଚ୍ୟୁତି ମଧ୍ୟ ଘଟିଥିବାର ଦେଖିବାକୁ ମିଳିଥିଲା। ଅନେକ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରମାନଙ୍କରେ ପହଂଚିବା ପରେ ହିଁ ସେମାନଙ୍କ ପରୀକ୍ଷା ଅନ୍ୟ ସମୟକୁ ଘୁଂଚି ଯାଇଥିବା ଜାଣିବାକୁ ପାଇଥିଲେ; ପ୍ରଶ୍ନପତ୍ରଗୁଡ଼ିକୁ ସବୁ ସମୟରେ ପାଇ ହୋଇନଥିଲା; ଆଉ କେତେକ ପରୀକ୍ଷାର୍ଥୀ ସର୍ଭରରେ ଅସୁବିଧା ଦେଖାଦେବାରୁ ସେମାନଙ୍କର ଉତ୍ତର ଖାତା ପ୍ରଦାନ କରିପାରିନଥିଲେ। ସଂଯୋଗବଶତଃ ବୈଷୟିକ ତ୍ରୁଟିଗୁଡ଼ିକ ଯୋଗୁଁ ଯେ କମ୍ପ୍ୟୁଟର-ଆଧାରିତ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରଥମଥର ପାଇଁ ଏଭଳି ଅସୁବିଧାଗୁଡ଼ିକର ସାମନା କରିଥିଲା ବା ବିଦ୍ୟାର୍ଥୀମାନଙ୍କୁ ଭଗ୍ନ ମନୋରଥ କରିଥିଲା, ତା' ନୁହେଁ। ତେଣୁ ସ୍ୱାଭାବିକ ଭାବରେ ଏନ୍‌ଟିଏର ଦକ୍ଷତା ଉପରେ ଏହା ସନ୍ଦେହ ସୃଷ୍ଟି କରିଛି। କହିବା ବାହୁଲ, ଏଭଳି ତ୍ରୁଟି ଅକ୍ଷମଣୀୟ କାରଣ ଏହି ସଂସ୍ଥା ନିକଟରେ ପର୍ବୂରୁ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା- ମେନ୍, ନ୍ୟାସନାଲ୍ ଏଲିଜିବିଲିଟି-କମ୍- ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ଏବଂ ନ୍ୟାସ୍‌ନାଲ ଏଲିଜିବିଲିଟି ଟେଷ୍ଟ୍ ପରୀକ୍ଷାଗୁଡ଼ିକୁ ସୁରୁଖୁରୁରେ ସମ୍ପନ୍ନ କରାଇବାର ଅନୁଭୂତି ରହିଛି। ତେବେ ସବୁଠୁ ବଡ଼ ପରିତାପର ବିଷୟ ହେଉଛି, ଏଭଳି ଅସୁବିଧା ନିମନ୍ତେ ସମସ୍ତଙ୍କର ହୃଦବୋଧ ହେବାଭଳି କୌଣସି ସ୍ପଷ୍ଟୀକରଣ ପ୍ରଦାନ କରାଯାଇ ନାହିଁ ଏବଂ ଯାହା କରାଯାଉଛି, ତାହା କେବଳ ଉପର ଠାଉରିଆ ମନେହୁଏ। ପରୀକ୍ଷାରେ ଏଭଳି ଅସୁବିଦା ପାଇଁ ପ୍ରାରମ୍ଭିକ ଅବସ୍ଥାରେ ପରୀକ୍ଷାକାରୀ ସଂସ୍ଥା ଦୋଷ ଲଦିଲା ପରୀକ୍ଷା କେନ୍ଦ୍ରମାନଙ୍କ ଉପରେ ଏବଂ କହିଲା ଯେ ସେମାନେ ପରୀକ୍ଷାର ନିୟମ କାନୁନକୁ ଓ ପଦ୍ଧତିଗୁଡ଼ିକୁ ଠିକ୍ ଭାବରେ ଅନୁପାଳନ କଲେନାହିଁ। କିନ୍ତୁ, ଏହାର ଅଳ୍ପ ସମୟ ପରେ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ଅଧ୍ୟକ୍ଷ ଏମ୍ ଦଗଦେଶ କୁମାର ଏଥିରୁ ସମସ୍ତଙ୍କୁ 'ଅସୁବିଧା'ରେ ପକାଇବାର ସଙ୍କେତ ମିଳିବା ଭଳି ଅଭିଯୋଗ ଉଠାଇଲେ।

ଅପ୍ରତ୍ୟାଶିତ ଭାବରେ ଅସୁବିଧାର ସମ୍ମୁଖୀନ ହୋଇଥିବା ପରୀକ୍ଷାଗୁଡ଼ିକ ଅଗଷ୍ଟ ୨୪ରୁ ୨୮ ଭିତରେ ହେବ ବୋଲି ଏନଟିଏ ଘୋଷଣା କରିଛି। ତେବେ, ଏହାକୁ ଏକ ଆଶ୍ୱାସନା ବା ମୁକ୍ତି ଭାବରେ ଗଣନା କରାଯାଇପାରିବ ନାହିଁ। ଏହିସବୁ ତ୍ରୁଟି ନିଃସନ୍ଦେହରେ ବିଦ୍ୟାର୍ଥୀମାନଙ୍କର ଭାବଗତ ଚାପ ଏବଂ ଉତ୍କଣ୍ଠାକୁ ବଢ଼ାଇ ଦେଇଛି। ଜାଣିବାକୁ ମିଳିଛି ଯେ ଜଣେ ବିଦ୍ୟାର୍ଥୀଙ୍କୁ କ୍ୟୁଏଟ୍ ପାଇଁ ଚଳିତବର୍ଷ ଚତୁର୍ଥ ଥର ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଏଥିପାଇଁ ଏନଟିଏ ତେଣୁ କୌଣସି ସଫେଇ ଦେଖ ଖସିଯାଇ ପାରିବ ନାହିଁ। ଏହା ସ୍ୱୀକାର କରିବା ଉଚିତ୍ ଯେ ନିଜର କାର୍ଯ୍ୟ ପଦ୍ଧତିରେ ସନ୍ତୁଷ୍ଟ ହୋଇ ରହିଯିବା ପରୀକ୍ଷା ସମ୍ପାଦନ ନିମନ୍ତେ ଏହାର ଦୁର୍ବଳ ପ୍ରସ୍ତୁତି ଦିଗରେ ପଥ କଢ଼ାଇ ନେଇଥିଲା, ଯାହା ପ୍ରକାରାନ୍ତରେ ସବୁକିଛି ବିଘ୍ନର କାରଣ ପାଲଟିଛି।

## ଭାରତୀୟ ଗଣତନ୍ତ୍ରରେ ହାଇକମାଣ୍ଡ



ଅଧ୍ୟାପକ ଗୋପବନ୍ଧୁ

ଗଣତନ୍ତ୍ର ସାଧାରଣ ଜନତାଙ୍କ ବ୍ୟବସ୍ଥା। ସରକାର କ୍ଷେତ୍ରରେ ଏହା ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ଶାସନ ବ୍ୟବସ୍ଥାରେ ସମସ୍ତେ ସମାନ ଭାଗୀଦାର ହୋଇଥାନ୍ତି। ସରକାର ସାଧାରଣ ଜନତାଙ୍କ ସହମତିରେ ଗଠିତ ହୁଏ। ତେଣୁ ଗଣତନ୍ତ୍ର ସାମୁହିକ ସିଦ୍ଧାନ୍ତ ଓ ସାମୂହିକ ନେତୃତ୍ୱକୁ ବୁଝାଏ। ଏହା ରାଜତନ୍ତ୍ରଠାରୁ ଭିନ୍ନ। ଯେଉଁଠାରେ ରାଜା ସର୍ବୋମୟ କର୍ତ୍ତା ହୋଇଥାନ୍ତି। ହାଇକମାଣ୍ଡ ଶବ୍ଦ ଗଣତନ୍ତ୍ରର ପରିପନ୍ଥୀ। ଏହା ସାମରିକବାହିନୀର ଶବ୍ଦ। ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀଙ୍କୁ ହାଇକମାଣ୍ଡ କୁହାଯାଏ। ଏହା ଅନୁଶାସନର ଶବ୍ଦ। ସାମରିକବାହିନୀ କ୍ଷେତ୍ରରେ ଏହା ଜରୁରୀ। ଏହା ଏକଛତ୍ରବାଦର ଶବ୍ଦ ମଧ୍ୟ। ଏକଛତ୍ରବାଦୀ ଶାସକ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିଥାଏ। ତେଣୁ ହାଇକମାଣ୍ଡ ହେଉଛି ସର୍ବୋଚ୍ଚ ଅଧିକାରୀ, ସେ ଯାହା କହିବେ ତାହା ଅଧସ୍ତନମାନେ ମାନିବାକୁ ବାଧ। ହାଇକମାଣ୍ଡ ନିର୍ଦ୍ଦେଶ ଜାରି କରନ୍ତି। ତଳେ ଥିବା ଲୋକମାନଙ୍କର ମତାମତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେହିପରି ସୁପ୍ରିମୋ ଶବ୍ଦ ମଧ୍ୟ ଅଗଣତାନ୍ତ୍ରିକ। ଗଣତନ୍ତ୍ରରେ ସୁପ୍ରିମୋ କେହିନାହାନ୍ତି। ଏଥିରେ ସମସ୍ତେ ସମାନ। ନେତା ହେଉଛନ୍ତି ଗଣମାନଙ୍କ ବା ସାଧାରଣ ଜନତାଙ୍କ ଭିତରୁ ଜଣେ।

ଗଣତନ୍ତ୍ରରେ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ସମୀଚୀନ ନୁହେଁ। ଅନେକ ରାଜନୈତିକ ଦଳ ଏହି ଶବ୍ଦର ପ୍ରୟୋଗ କରନ୍ତି। ବିଶେଷକରି ପରିବାରବାଦୀ ରାଜନୈତିକ ଦଳମାନେ ଏହି ଶବ୍ଦର ବ୍ୟବହାର ବହୁଳମାତ୍ରାରେ କରୁଥିବାର ଶୁଣାଯାଏ। ହାଇକମାଣ୍ଡ ବା ସୁପ୍ରିମୋ ଯାହା କହିବେ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ନିର୍ଦ୍ଦେଶ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ଇଚ୍ଛା ଇତ୍ୟାଦି ଅଗଣତାନ୍ତ୍ରିକ ଶବ୍ଦ ପ୍ରୟୋଗ ଶୁଣିବାକୁ ମିଳେ। ଏପରି ଶବ୍ଦରୁ ଜଣାପଡେ ଯେ ସମ୍ପୃକ୍ତ ପାର୍ଟି ଜଣକ ନିର୍ଦ୍ଦେଶରେ ଚାଲେ। ଅନ୍ୟମାନେ କେବଳ ଅବୋଲକରା। ପାର୍ଟିର ସବୁକିଛି ଜଣକ ମର୍ଜି ଓ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ। ଗଣତନ୍ତ୍ରରେ ହାଇକମାଣ୍ଡବାଦ ଅତ୍ୟନ୍ତ ମାରାତ୍ମକ। ଏହା ଏକଛତ୍ରବାଦୀ ଶାସନକୁ ଉତ୍ସାହିତ କରେ।ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା କଣ ବୁଝନ୍ତି ନାହିଁ, ସେମାନେ ଏପ୍ରକାର ଶବ୍ଦର ପ୍ରୟୋଗ କରିବାକୁ ଓ ଶୁଣିବାକୁ ଭଲ ପାଆନ୍ତି। ଏହିପ୍ରକାର ଲୋକମାନେ ଏଯାଏଁ ରାଜତନ୍ତ୍ର ମାନସିକତାକୁ ଛାଡି ପାରିନଥିବା ପରି ମନେହୁଏ। ଦଳରେ ନେତାକୁ ଏମାନେ ରାଜା ବୋଲି ଭାବି ନିଅନ୍ତି।

ନିର୍ବାଚନ ଉପନୀତ ହେଲେ ଆଶାୟୀମାନେ ଦଉଡନ୍ତି ହାଇକମାଣ୍ଡଙ୍କ ପାଖକୁ କଳେବଳେ କୌଶଳେ ଟିକେଟ ଆଣିବାକୁ। ଯେ କୌଣସି ଉପାୟରେ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରିପାରିଲେ ଟିକେଟ ମିଳିଯାଏ। ହାଇକମାଣ୍ଡ ସାଧାରଣତଃ ଆନୁଗତ୍ୟକୁ ପ୍ରାଧାନ୍ୟ ଦିଅନ୍ତି। କେତେକ କ୍ଷେତ୍ରରେ ଅର୍ଥ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆନୁଗତ୍ୟ କହିଲେ ଏକ୍ଷେତ୍ରରେ ହାଇକମାଣ୍ଡ ପ୍ରତି ଆନୁଗତ୍ୟ ଅଥବା ତାଙ୍କ ପରିବାର ପ୍ରତି ଆନୁଗତ୍ୟକୁ ବୁଝାଏ। ଯେଉଁମାନେ ତାଙ୍କ ହଁରେ ହଁ ଭରନ୍ତି ଓ ନାରେ ନା କରନ୍ତି। ଏମାନଙ୍କ ନା ରାଷ୍ଟ୍ରପ୍ରତି ଆନୁଗତ୍ୟ ଥାଏ ନା ସମାଜ ପ୍ରତି। ହାଇକମାଣ୍ଡଙ୍କ ଗୁଣଗାନରେ ଏମାନଙ୍କ ଦିନରାତି କଟେ। ଯେଉଁଦିନ ଏମାନଙ୍କ ଆନୁଗତ୍ୟ ସମାପ୍ତ ହୁଏ ସେଦିନ ସେହି ଦଳରୁ ତାଙ୍କ ସଦସ୍ୟତା ମଧ୍ୟ ସମାପ୍ତ ହୁଏ। ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା। ପ୍ରଜା କଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ। ସେହିପରି ହାଇକମାଣ୍ଡ ବି ଜଣେ ରାଜା। ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର। ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବୋତ୍ତର ରହିଛି। ପୂର୍ବେ ଜୱାହରଲାଲ ନେହରୁ ଥିଲେ କଂଗ୍ରେସର ହାଇକମାଣ୍ଡ, ତାଙ୍କ ପରେ ତାଙ୍କ ଉତ୍ତରାଧିକାରୀମାନେ ଏହିପରି ସମ୍ବୋଧିତ ହେଲେ, ଏବେ ଏନସିପିର ହାଇକମାଣ୍ଡ ହେଲେ ଶରଦ ପାୱାର, ବିଏସପି ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟବତୀ, ବିଜେଡିର ହାଇକମାଣ୍ଡ ହେଲେ ଶ୍ରୀ ନବୀନ ପଟ୍ଟନାୟକ। ଏହିପରି ପ୍ରତ୍ୟେକ ଦଳରେ ଜଣେ ଜଣେ ସୁପ୍ରିମୋ ବା ହାଇକମାଣ୍ଡ ଅଛନ୍ତି।

ଯେଉଁମାନେ ଦାବି କରନ୍ତି ଯେ ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଦଳରେ ମଧ ହାଇକମାଣ୍ଡ ସଂସ୍କୃତି ରହିଛି। ପାର୍ଟିକୁ ଜଣେ ଦୁଇଜଣ ବ୍ୟକ୍ତି ନିଜ ହାତମୁଠାରେ ରଖିବା ଓ ନିଜ ସିଦ୍ଧାନ୍ତ ସମସ୍ତଙ୍କ ଉପରେ ଲଦିଦେବା ଏକ ପ୍ରକାରର ରାଜନୈତିକ ସ୍ୱେଚ୍ଛାଚାରୀତା। ଏବେ ଏହା ବହୁଳଭାବେ ଦେଖିବାକୁ ମିଳୁଛି। ଏମାନେ ମଧ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିବାକୁ ଚାହାଁନ୍ତି। ଏମାନେ କୌଣସି ପ୍ରକାର ଭିନ୍ନମତ, ଆଲୋଚନା, ବିତର୍କ, ପରାମର୍ଶ ଇତ୍ୟାଦିକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ରାତିରେ ସ୍ୱପ୍ନ ଦେଖି ସକାଳେ ତାହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରନ୍ତି ଓ ଲୋକମାନଙ୍କୁ ଲମ୍ବା ଧାଡିରେ ଛିଡା କରାଇ ଦିଅନ୍ତି। ଏମାନେ ପାରିବାରିକ ପାର୍ଟିର ହାଇକମାଣ୍ଡ ମାନଙ୍କଠାରୁ ଆହୁରି ମାରାତ୍ମକ ଓ ଆହୁରି ଗଣତନ୍ତ୍ର ବିରୋଧି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରି ଏମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଚାହାଁନ୍ତି।

କେବଳ ଭୋଟଦେଇ ସରକାର ଗଢିବା ଗଣତନ୍ତ୍ର ନୁହେଁ। ଏହା ସାମଗ୍ରିକ ଚେତନାକୁ ବୁଝାଏ। ଏହା ସମାନତାର ଭାବନା ଓ ଅନ୍ୟର ମତକୁ ସମ୍ମାନ ଦେବାକୁ ବୁଝାଏ। ବିତର୍କ ମାଧ୍ୟମରେ ସହମତିର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ବୁଝାଏ। ନିଜକୁ ସୁପ୍ରିମ୍ ବା ଉଚ୍ଚତର ଭାବୁଥିବା କୌଣସି ବ୍ୟକ୍ତି ଗଣତନ୍ତ୍ରବାଦୀ ହୋଇପାରିବ ନାହିଁ। ଗଣତନ୍ତ୍ର ଏକ ବିକଶିତ ଚେତନା। ଏହା ମାନବବାଦ ସହିତ ଜଡିତ। ଏହି ଚେତନାର ବିକାଶ ପାଇଁ ସାଧନା ଲୋଡ଼ା। ସାଧନା ବଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୁଏ। ଏହା ଏକ ଗଭୀର ଅନୁଭୂତି। ଜଣେ ଗଣତନ୍ତ୍ର ପ୍ରେମୀର ଚିନ୍ତନ, କଥନ ଓ କର୍ମ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ହେବା ଜରୁରୀ।

ଯେଉଁଠାରେ ନେତାଙ୍କ ପାଇଁ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ହୁଏ ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନିଶ୍ଚିତଭାବେ ବ୍ୟାହତ ହୁଏ। ବିକଶିତ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏପରି ଶବ୍ଦର ପ୍ରୟୋଗ ହୁଏ ନାହିଁ। ସେଠାକାର ସର୍ବୋଚ୍ଚ ନେତା ଜଣେ ସାଧାରଣ ନାଗରୀକ। କାର୍ଯ୍ୟକାଳର ସମାପ୍ତ ପରେ ଦେଖାଯାଏ ସେମାନେ କେଉଁଠାରେ ସେଲସମ୍ୟାନ୍ ବା କେଉଁ ଅଫିସରେ ସାଧାରଣ କର୍ମଚାରୀଭାବେ କାର୍ଯ୍ୟରତ। ଭାରତବର୍ଷର ରାଜନୀତିରୁ ପରିବାରବାଦ ସମାପ୍ତ ହେବା ସହିତ ହାଇକମାଣ୍ଡ ସଂସ୍କୃତିର ମଧ ସମାପ୍ତ ହେବା ଆବଶ୍ୟକ। ଆମେ ନିଜକୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରୀକଭାବେ ଗର୍ବକରିବା ସହିତ ଆମେ ଉନ୍ନତ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ ରାଷ୍ଟ୍ରର ନଗରୀକଭାବେ ଗର୍ବ କରିବାର ଅବକାଶ ସୃଷ୍ଟି କରିବା ଆବଶ୍ୟକ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

## ଐତିହ୍ୟ ପ୍ରାଣୀ ହାତୀ କଥା

ବୈଷ୍ଣବ ମେହେର



ଐତିହ୍ୟ ପ୍ରାଣୀ ହାତୀଙ୍କ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି ତଥା ସେମାନଙ୍କ ସମସ୍ୟା ପ୍ରତି ସାଧାରଣରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗତ ୨୦୧୨ ମସିହା ଠାରୁ ଅଗଷ୍ଟ ୧୨ କୁ 'ବିଶ୍ୱ ହାତୀ ଦିବସ' ଭାବରେ ପାଳନ କରାଯାଇ ଆସୁଛି । ଏହି ଗୌରବାବହ ପ୍ରାଣୀର ସୁରକ୍ଷାର ଚିନ୍ତା ସରକାରଙ୍କଠାରୁ ଆରମ୍ଭ କରି ପରିବେଶବିତ୍ତ, ପ୍ରାଣୀବିତ୍ତ ସମସ୍ତଙ୍କୁ ଘାରି ଥିଲେ ହେଁ ହାତୀ ସଂଖ୍ୟାରେ ଆଶାଜନକ ଅଭିବୃଦ୍ଧି ଘଟୁନାହିଁ । ୨୦୧୦ ମସିହା ଠାରୁ ଭାରତରେ ହାତୀକୁ 'ଜାତୀୟ ଐତିହ୍ୟ ପ୍ରାଣୀ' ଭାବରେ ମଧ୍ୟ ଘୋଷଣା କରାଯାଇ ହାତୀ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବାର ପ୍ରୟାସ କରାଯାଇଥିଲା । ତଥ୍ୟ ଅନୁଯାୟୀ ଶହେ ବର୍ଷ ପୂର୍ବେ ବିଶ୍ୱରେ ପ୍ରାୟ ବାର ନିୟୁତ ହାତୀ ରହିଥିଲେ । ବର୍ତ୍ତମାନ ବିଶ୍ୱରେ ମୋଟ ଚାରି ଲକ୍ଷ ଚାଳିଶ ହଜାର ହାତୀ ରହିଥିବା ବେଳେ ସେମଧ୍ୟରୁ ମାତ୍ର ଚାଳିଶ ହଜାର ଏସିଆନ୍ ହାତୀ ଓ ବଳକା ଚାରି ଲକ୍ଷ ଆଫ୍ରିକାନ ହାତୀ ରହିଛନ୍ତି ।

୨୦୧୭ ହାତୀ ଗଣନା ରିପୋର୍ଟ ଅନୁଯାୟୀ ଭାରତରେ ୨୫ ରୁ ୩୦ ହଜାର ହାତୀ ଅଛନ୍ତି । ଏହି ରିପୋର୍ଟରେ ଓଡ଼ିଶାରେ ମାତ୍ର ୧୯୭୬ ଟି ହାତୀ ରହିଥିବା କୁହାଯାଇଛି । ୨୦୧୭ର ଆକଳନ ଅନୁସାରେ ଓଡ଼ିଶାର ଶିମିଳିପାଳରେ ୩୩୦, ଢେଙ୍କାନାଳରେ ୧୬୯, ସାତକୋଶିଆରେ ୧୪୭, ଆଠଗଡ଼ରେ ୧୧୫, କୁଲଡ଼ିହାରେ ୯୭ ଟି ହାତୀ ରହିଛନ୍ତି । ପ୍ରତିବର୍ଷ ହାତୀ ମଣିଷ ଲଢ଼େଇ ଘଟି ଭାରତରେ ପାଂଚ ଶହରୁ ଅଧିକ ମଣିଷ ଓ ଶହେ ହାତୀଙ୍କ ଜୀବନ ଅକାଳରେ ଯାଉଛି । ଯଦି ଆମେ ଓଡ଼ିଶା ର କଥା ବିଚାର କରିବା ତେବେ ଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶାରେ ୭୪୦ ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣ ଯୋଗୁଁ ୭୪୪ ଜଣ ମଣିଷଙ୍କ ଜୀବନ ଯାଇଛି । ଏହା ମଧ୍ୟରେ ୪୦୦ରୁ ଅଧିକ ମଣିଷ ଗୁରୁତ୍ୱର ଆହତ ହୋଇଛନ୍ତି । ହାତୀ ପ୍ରାୟ ୮ ହଜାର ଘରକୁ ଭାଙ୍ଗି ଦେଇଥିବା ବେଳେ ୯୮ ହଜାର ଏକର ଚାଷ ଜମିରୁ ଫସଲ ନଷ୍ଟ କରିଦେଇଥିବା ଜଣାପଡ଼ିଛି । ଏହି ସମୟରେ ପାଖାପାଖି ଦୁଇ ଲକ୍ଷ ଲୋକ ହାତୀ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼େ । ଓଡ଼ିଶାରେ ଅନେକ ଉଦ୍ୟମ ପରେ ଆଶାଜନକ ନହେଲେ ମଧ୍ୟ ହାତୀ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି । ତଥ୍ୟ ଅନୁଯାୟୀ ୨୦୧୨ରେ ଓଡ଼ିଶାରେ ହାତୀ ସଂଖ୍ୟା ୧୯୩୦ ଥିବା ବେଳେ ୨୦୧୫ରେ ୧୯୫୪ ଓ ୨୦୧୭ ବେଳକୁ ଏହି ସଂଖ୍ୟା ୧୯୭୬କୁ ପହଂଚିଛି। ଅପରପକ୍ଷେ ପ୍ରତିବର୍ଷ ଉଦବେଗଜନକ ଭାବରେ ହାତୀ ମୃତ୍ୟୁ ଘଟିବା ଚିନ୍ତାର ବିଷୟ ପାଲଟିଛି । ୨୦୧୧-୧୨ରେ ୬୮, ୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୫, ୨୦୧୫-୧୬ରେ ୮୫, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮ ଓ ୨୦୧୮-୧୯ରେ ୩୫ ଏହିଭଳି ଭାବରେ ଏହି ଅଠ ବର୍ଷ ମଧ୍ୟରେ ମୋଟ ୫୪୮ ହାତୀଙ୍କ ଜୀବନ ଯାଇଛି । ତେବେ ବେସରକାରୀ ହିସାବରେ ହାତୀ ମୃତ୍ୟୁ ଏହାଠାରୁ ଢେର ଅଧିକ ବୋଲି କୁହାଯାଏ ।

ହାତୀ ପାଇ ଆହେତୁକ ବିପତ୍ତି କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଏହି ବିଶାଳକାୟ ପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛି । ଗ୍ରେଟ୍ ଏଲିଫ୍ୟାଣ୍ଟ ସେନସସ୍ ର ସର୍ଭେ ଅନୁଯାୟୀ ୨୦୦୭ ରୁ ୨୦୧୪ ମସିହା ମଧ୍ୟରେ ଆଫ୍ରିକୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ହ୍ରାସ ଘଟିଛି ।

ହାତୀ ମୃତ୍ୟୁର ବିଭିନ୍ନ କାରଣ ଥିବା ବେଳେ ସବୁଠାରୁ ମୁଖ୍ୟ କାରଣ ଭାବରେ ଅବାଧରେ ସବୁଜ ବନାନୀକୁ ଧ୍ୱଂସ ଓ ଜଗତୀକରଣକୁ କୁହାଯାଇପାରେ । ହାତୀଟିଏ ଦିନକୁ ଦୁଇ ଶହ ପଚାଶ ଲିଟର ପାଣି ପିଇବା ସହ ଦେଢ଼ କୁଇଣ୍ଟାଲ ଓଜନର ସବୁଜ ତାଳପତ୍ର ଖାଉଥିବା ବେଳେ ହାତୀଙ୍କ ପାଇଁ ଯେତିକି ଜଙ୍ଗଲ ଏବଂ ଜଙ୍ଗଲରେ ପିଇବା ପାଣିର ଆବଶ୍ୟକତା ରହିଛି, ସେତିକି ସେମାନଙ୍କୁ ମିଳିବା ବର୍ତ୍ତମାନ କଷ୍ଟକର ହୋଇଛି । ଫଳରେ ଖାଦ୍ୟ ପାନୀୟ ଅନ୍ୱେଷଣରେ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଧାଉଁ ଥିବା ହାତୀ ଅନେକ ସ୍ଥଳରେ ଜନବସତି ମୁହାଁ ହେଉଛନ୍ତି । ଏହି ଜନବସତି ମୁହାଁ ହାତୀ ହିଁ ଅନେକାଂଶରେ ବିପଦ ମୁହଁ ରେ ପଡୁଛନ୍ତି । ସବୁଜ ଜଙ୍ଗଲ କ୍ଷୟ ସହ ଖଣିଖାଦାନ ବୃଦ୍ଧି, ଜଙ୍ଗଲ ପାଖାପାଖି ବିଦ୍ୟୁତ୍ ଆଘାତ, ବେଆଇନ ବ୍ଲାଷ୍ଟିଂ, ଟ୍ରେନ୍ ଧକ୍କା, ଖାଦ୍ୟ ଅଭାବ ସର୍ବୋପରି ଅସାମାଜିକ ବ୍ୟକ୍ତିଙ୍କ ଅବାଧ ହାତୀ ଶିକାର ଯୋଗୁଁ ହାତୀ ବଂଶ ହ୍ରାସ ପାଇବାରେ ଲାଗିଛି । ତେବେ ପ୍ରକୃତିର ଅବକ୍ଷୟ ହିଁ ହାତୀ ମୃତ୍ୟୁର ପ୍ରଧାନ କାରଣ ବୋଲି କୁହାଯାଇପାରେ ।

ଏକଦା ରାଜକୀୟ ପ୍ରାଣୀର ମାନ୍ୟତା ପାଇଥିବା ହାତୀଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ଯୋଗୁଁ ଏବେ ତାକୁ ଲୁପ୍ତପ୍ରାୟ ଜୀବ ବର୍ଗ ରେ ରଖା ଯାଇ ସାରିଛି । ଆଉ ଆଜି ଏହି ରାଜକୀୟ ଜୀବ ନିଜ ଅସ୍ତିତ୍ୱର ରକ୍ଷା ପାଇଁ ଲଢ଼େଇ କରୁଛି । ହାତୀର ସୁରକ୍ଷା ପାଇଁ ପ୍ରତ୍ୟେକ ସଚେତନଶୀଳ ନାଗରିକ ହାତୀର କୌଣସି ଶରୀରାଂଶରେ ତିଆରି ଜିନିଷ ଆଦୌ କିଣିବା କଥା ନୁହଁ । ବିପଦରେ ହାତୀ ପଡ଼ିଥିବା ଜାଣିଲେ ତୁରନ୍ତ ବନବିଭାଗକୁ ସୂଚନା ଦେବା । ହାତୀକୁ ସରକ୍ଷା ଏବଂ ବଂଚିବାର ସୁବିଧା ସୁଯୋଗ ନ ଦେଲେ ପୁଣି ଏକ ବିଶାଳକାୟ ସ୍ଥଳଚର ପ୍ରାଣୀର ବିଲୁପ୍ତ ହେବାକୁ ହୁଏତ ଆଉ ବେଶୀ ଦିନ ଲାଗିବ ନାହିଁ ।

+ ସିନାପାଲି,ନୂଆପଡ଼ା

## କବିତା କୋଣାର୍କ

### ସତ୍ୟ



ପ୍ରସନ୍ନ କୁମାର ଦାସ

ସତ୍ୟ ଜୀବନର ସହଜାତ ଧର୍ମ
ସଂସାର ଆଗମ ନିଗମର ଧାମ।
ଜଗତରେ ମାୟା କାୟା ବିସ୍ତାରିତ
ଜଗତ ମହତ ପଞ୍ଚଭୂତ ତତ୍ୱ ।
କ୍ଷିତି ଜଳ ଅଗ୍ନି ଗଗନ ସମୀର
ସର୍ଜନ କରଇ ପ୍ରାଣୀର ଶରୀର ।
ପଞ୍ଚତତ୍ୱ ସ୍ଥୁଳ ଭୁତ ଏ'ଶରୀର
ସୂକ୍ଷ୍ମ ଶକ୍ତି ପ୍ରାଣ ନାହିଁ ଯା'ଆକାର ।
ପ୍ରାଣଶକ୍ତି ଦେହେ ହୋଇ ସଞ୍ଚାରଣ
ଗଢେ ସହଚର ଇନ୍ଦ୍ରି ବୁଦ୍ଧି ମନ ।
ଇନ୍ଦ୍ରିୟ ପୋଷଣେ ମନ ଅନୁରକ୍ତ
ପ୍ରାଣୀ କର୍ମ କରେ ମନ ଅନୁଗତ ।
ନିତ୍ୟ ବିକୃତି ଏ'ଜଗତର ଧର୍ମ
ବିକୃତିର ଗତି କାଳର ପ୍ରମାଣ ।
କାଳ କବଳିତ ଜନମ ମରଣ
ମାନବ ବୁଝଇ ଜନ୍ମ ମୃତ୍ୟୁ ମାନ ।
ମନ ବୋଧ ଶକ୍ତି ସାଧନାରେ ଜ୍ଞାନ
ଜ୍ଞାନ କରେ ସଦା ସତ୍ୟ ସଂସାଧନ ।
ସତ୍ୟ ଅବିନାଶୀ ସିଦ୍ଧାନ୍ତର ଜ୍ଞାନ
ସତ୍ୟନିଷ୍ଠ ପ୍ରାଣ ଦେବତା ସମାନ ।
ତ୍ରିଗୁଣ ମଧରେ ସତ୍ୟ ସର୍ବସାର
ମନ କର୍ମ ବାକ୍ୟେ ସରବେ ଆଦର ।
ବଡ ଭାଗ୍ୟବାନ ଜଗତରେ ସେହି
ସତ୍ୟତୃଷ୍ଣା ଯା'ର ହୃଦୟେ ଜାଗଇ।
ସତ୍ୟହିଁ ଇଶ୍ୱର ସତ୍ୟହିଁ ସୁନ୍ଦର
ସତ୍ୟ ତପ ନିଷ୍ଠା ମଙ୍ଗଳର ମୂଳ ।
ନିତ୍ୟବୃତ୍ତି କର୍ମେ ମାନବ ପ୍ରବୃତ୍ତ
କରଇ ସଂସାର ଜଞ୍ଜାଳ ନିବୃତ୍ତ ।
ସତ୍ୟ ବ୍ରହ୍ମଚର୍ଯ୍ୟ ଅହିଂସା ଅସ୍ତେୟ
ଅପରିଗ୍ରହ ଏ'ବୃତ୍ତି ପରିଚୟ ।
ଜ୍ଞାନ ବଳେ କରି ବୃତ୍ତି ଆଚରଣ
ସାର୍ଥକ କରିବା ମାନବ ଜୀବନ ।

+ନୂଆଦିଲ୍ଲୀ -୩୦
ମୋ: ୯୮୧୦୧୫୩୬୨୨

### ମଣିଷ କଥା

ସିଦ୍ଧେଶ୍ୱର ତ୍ରିପାଠୀ



ମଣିଷଟା ସବୁବେଳେ ମଣିଷ ଭଳିଆ ମ
ତା ଭିତରେ ଅନେକ ରତୁ ଲୁଚି ରହିଥାଏ
କେତେବେଳେ ସିଏ ଜଳେ ଆଉ ଜଳାଏ
ଆଉ କେବେ ଭିଜେ ଆଉ ଭିଜାଏ
ପୁଣି କେବେ ଥରି ଯାଏ
ହଁ ନିଶ୍ଚୟ ଥରାଏ ।

କେବେ ସିଏ ଖେଳେ ବୁଲେ ହସେ
ଛନଛନ ଜୋଛନାରେ ମିଶେ
ଅନ୍ଧାରରେ ହଜେ ଓ ହଜାଏ
ଲୁହ ତାର ଉପହାର ସାଜେ ।

ସବୁଥାଇ କିଛିବି ନଥାଏ
ଉଆଁସ ରେ ଜହ୍ନ ଉଇଁ ଥାଏ
କେବେ ସାଜେ ମଥାରେ ମୁକୁଟ
କେବେ ପାଦତଳୁ ମାଟି ଖସିଯାଏ ।

କେବେ କିଏ ଜିତଇ ବିଶ୍ୱାସ
କେବେ ଜଣେ ଦେଇଯାଏ ବିଷ
କେବେ ସବୁ ପୂର୍ଣ୍ଣ ପୂର୍ଣ୍ଣ ଲାଗେ
ମନ ତଳେ କୋଟି ଅବଶୋଷ ।

ସବୁ ଲକ୍ଷଣରୁ କିଛି କିଛି ଥାଏ
ଯେହେତୁ ସେ ମଣିଷ ଗୋଟିଏ
ପାଇଗଲେ ଜୀବନ ନିର୍ଯ୍ୟାସ
କିଛି ଥାଏ ଅମୃତର ଧାରା
କିଛି ପୁଣି ଥାଏ ଧାରେ ବିଷ ।

କୁଣ୍ଡିଲୋ, କେରଙ୍ଗ,ଖୋର୍ଦ୍ଧା

### ଧଳା ଭାଲୁ

ଜିତେନ୍ଦ୍ର ଚନ୍ଦ୍ର ସାହୁ

ତୁନ୍ଦ୍ରା ଅଞ୍ଚଳ ର ଧଳା ଭାଲୁ ଦେଖି
ମନରେ ହେଲା ମୋ ଲୋଭ
ପାଳିବାକୁ ଘରେ ଇଚ୍ଛା କଲି ମୁହିଁ
ଲଗାଇଲି ସଙ୍ଗେ ଭାବ ।

ରୂପଟି ଧବଳ ଶରୀର କୋମଳ
ଦେଖି ମନ ଶାନ୍ତ ହେଲା
ଶାନ୍ତିର ପ୍ରତୀକ ତା ରୂପ ରଙ୍ଗରେ
ମନ ମୋର ଲୋଭ କଲା ।

ଧଳା ଭାଲୁ ସିନା ଆଣିଲି ଘରକୁ
ଦେବାକୁ ପଡ଼ିଲା ସେବା
ବରଫ ବୋହିବା ଦୁଃଖ ନସରିଲା
ଦେଖି ଲୋକ ହେଲେ କାବା ।

ଉଷ୍ମ ମଣ୍ଡଳେ ଘର ତୋଳି ଧନୁ
ତୁନ୍ଦ୍ରାଞ୍ଚଳେ କଲୁ ଭାବ
ତତଲା ହାଣ୍ଡିରେ ପୁରାଇ ବରଫ
ଖୋଜୁଛି ମୁଁ ମୂର୍ଖ ଲାଭ ।

ଦେଖିବାକୁ ସିନା ଶାନ୍ତ ଲାଗୁଥିଲା
ନିତି ରମ୍ଭା ମୁଁ ଖାଇଲି
ଖଣ୍ଡିଆ ଖାବରା ହୃଦୟ ଉପରେ
ମଲମ ନିତି ଲେପିଲି ।

ନିଜ ପରିବେଶ କଥା ମନେରଖି
ଘରକୁ ଆଣିବ ଜୀବ
ତୁନ୍ଦ୍ରା ଅଞ୍ଚଳର ଧଳା ଭାଲୁ ରମ୍ଭା
ଖାଇବା କମ୍ ନୋହିବ ।

+ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

### ହେ ପ୍ରଭୁ ଜଗନ୍ନାଥ ! ତୁମେ ହିଁ ମୋର ସାହା ଭରଷା

ବାପିନି ସିଂ



ଭଙ୍ଗା ଚାଳିଆରେ ବିତୁଛି ଜୀବନ
ଆଖି ତ ଲୁହରେ ଭରା
ଦୁଃଖର ରଜନୀ ପାହିତ ଯାଇନି
ଭୋଗୁଛି ସଂସାର କାରା ।
ଟଙ୍କ ତୋରାଣିରେ ବିତୁଛି ଜୀବନ
ପେଟକୁ ମିଳୁନି ଦାନା
କାହାକୁ କହିବି ମୋ ଜୀବନ ଦୁଃଖ
ପିଠିକୁ ନ ମିଳେ କନା ।
ଛିଣ୍ଡା ମଶିଣାରେ ପଡ଼ିଅଛି ପ୍ରଭୁ
ସାହାନାହିଁ ଏଠି କେହି
ପୁଅ ପରା ମୋର ନିଖୋଜ ହୋଇଛି
କପାଳେ ଲେଖିଛି ବିହି ।
ମଶାଣି ଜାଣେନା ବାରମାସ କିଛି
ମଶାଣି ଦିଏନା ଧାନ
ମୋର ଦୁଃଖ ପରା ଗଲା ସୀମା ଟୋପି
ସହିଅଛି ଅପମାନ ।
ସବୁ ଏଠି ପ୍ରଭୁ ଅଟନ୍ତି ଯେ ପର
ଲୁହ ମୋ ଅଟେ ନିଜର
ଘର ପରା ଏଠି ପର ହୋଇଯାଏ
ପର ଏଠି ଆପଣାର ।
ତୁମରି ହାତରେ ଛାଡ଼ିଦେଲି ପ୍ରଭୁ
ତୁମେ ହିଁ ବିଚାର କର
ମୋ ଜୀବନ ଏଠି ବନ୍ଧା ପଡ଼ିଅଛି
ଆପଣାର ଏଠି ପର ।
ଯାହାକୁ ନିଜର କରିଥିଲି ସାଥି
ବାହୁଡ଼ି ଗଲା ସେ ପରା
ମୋ ଜୀବନ ଏଠି ନର୍କରୁ ନିର୍ମାଲ୍ୟ
ଜୀବନ ଲୁହରେ ଭରା ।
ଜଗତର ନାଥ ଆହେ ଜଗନ୍ନାଥ
ତୁମେ ଜଗତ କରତା
ମୋ ଦୁଃଖକୁ ତୁମେ ନିଜର କରିବ
ତୁମେ ହିଁ ଜଗତ ସତ୍ତା ।

+ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

# ଆଜି ତୁ ବି ସ୍ୱାଧୀନ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଆଜି ସକାଳୁ ଚିଙ୍କି ଚଢେଇଟି ଅବାକ ହେଇ ଜୁଳୁଜୁଳୁ ଆଖିରେ ଅନେଇଥାଏ। କାହିଁକି କେଜାଣି ଘରଟି ଚଳଚଂଚଳ ଲାଗୁଥାଏ । ବାପା ବୋଉ ସଅଳ ଗାଧୋଇପାଧେଇ ଟି. ଭି ଦେଖିବାକୁ ବସିପଡିଲେ । ଚିଙ୍କି ଭାବୁଥାଏ - ରୋଜତ ସେମାନେ ଏମିତି କରୁଛନ୍ତି। ପୁଣି ଆଜି ଦିନଟା ବି କଣ ଏମିତି ଖାସ୍ ଯେ ! ସେତିକିବେଳେ ସାତବର୍ଷର ପୁଅ ସାର୍ଥକ ଆସି ପାଖରେ ବସିଗଲା। ବୋଉ ତାକୁ ସେଠି ବସିବାର ଦେଖି କହିଲେ - 'ଆରେ ସାର୍ଥକ, ଜଲଦି ପ୍ରସ୍ତୁତ ହୋଇଯା,ସ୍କୁଲ ବେଳ ଉଛୁର ହୋଇଯାଉଛି ।

'ବୋଉ ! ଆଜି ସ୍କୁଲ ଯିବାକୁ ମୋ ମନ ବିଲକୁଲ ଲାଗୁନି ।' ସାର୍ଥକ ମୁହଁ ଶୁଖେଇ କହିଲା । 'ନାଇଁ ପୁଅ, ଆଜି ସ୍କୁଲ ଯିବା ନିହାତି ଜରୁରୀ। ଆଜି ପରା ଅଗଷ୍ଟ ପନ୍ଦର , ସ୍ୱାଧୀନତା ଦିବସ । ଆମ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଲାଲ କିଲାରେ ଅଭିଭାଷଣ ଦିଅନ୍ତି। ଦେଶର ସମସ୍ତ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ଏ ପବିତ୍ର ଦିନରେ ଗୌରବର ସହ ପାଳନ କରାଯାଏ।' ବୋଉ କଥା ଶୁଣି ସାର୍ଥକ ମନ ଉତ୍ସାହରେ ଭରିଗଲା ବେଳେ ଚିଙ୍କି ଚଢେଇ ମୁହଁ ଉଦାସ ଦିଶୁଥିଲା । ସଫା ସ୍କୁଲ ୟୁନିଫର୍ମ ପିନ୍ଧି ସ୍କୁଲ ଯିବା ଲାଗି ତୟାର ହେଇଗଲା । ହଁ , ଘରୁ ଗୋଡ କାଢିବା ଆଗରୁ ସେ ସବୁଦିନ ଭଳି ସେଦିନ ବି ସେ ପାଣି ଓ ଦାନା ପିଂଜରାରେ ରଖିବାକୁ ଭୁଲିନଥିଲା । ହେଲେ ଚିଙ୍କୁ ସେଦିନ ଖୁଦ ଦାନା ଆଡେ ଚାହିଁଲାନି। ପିଂଜରା ଭିତରୁ ଖୋଲା ଆକାଶକୁ ଜୁଳୁଜୁଳୁ ଆଖିରେ ଅନାଇଲା । ଦେଖିଲା ବହୁତ ଗୁଡେ ସାଙ୍ଗ ଚଢେଇ କିଚିରିମିଚିର ଗୀତ ଗାଇ ମୁକ୍ତ ଆକାଶରେ ଡେଣା ମେଲାଇ ଉଡି ବୁଲୁଛନ୍ତି। ସେ ଭାବିଲା ସେମାନେ ବି ତ ତା ଭଳି ସ୍ୱାଧୀନ ।

ଆଜି ସକାଳୁ ସେଦିନର କଥା ତାର ମନେ ପଡିଗଲା । ନେଳିଆ ଆକାଶରେ ଉଡି ଉଡିକା ଗଲାବେଳେ ଗଛମୂଳେ ବିଛେଇ ହୋଇ ପଡିଥିବା ଦାନାଗୁଡିକ ଉପରେ ତା ଆଖି ଲାଖିଗଲା। ଦାନ ଖୁମ୍ପିବାକୁ ଯାଉଛି ତା ଗୋଡ ସେଇଠି ପଡିଗଲାରୁ ଜାଲରେ ଫସିଗଲା । ସେ ଫଡଫଡ କରି ଡେଣାଝାଡି ନିଜେ ମୁକ୍ତ ହେବାକୁ ଚାହିଁଲା ,କିନ୍ତୁ ଫଳ ଶୂନ । ଶିକାରୀ ତୁରନ୍ତ ଜାଲଟି ଟାଣିଲା ଓ ତାକୁ ପିଂଜରାରେ ପୂରାଇ ବନ୍ଦ କରିଦେଲା । ଏଥରେ ସେ ତାକୁ ବଜାରେ ବିକି ପଇସା ଉପାର୍ଜନ କରିବାକୁ ଚାହିଁଥିଲା ।

ସେ ଦିନେ ବଜାରରେ ଘୂରିବୁଲୁଚି ତା'ନଜର ହଠାତ୍ ପହଁଚିଗଲା ଚିଙ୍କି ଚଢେଇ ଆଡେ । ଏତେଗୁଡେ ସୁନ୍ଦର ରଙ୍ଗ ବେରଙ୍ଗ ଚଢେଇ ଦେଖି ତା ବାପା ଆଗରେ ସିଏ ଜିଗର କଲା ସେ ଚଢେଇଟି କିଣିଦେବାକୁ । ପହିଲେ ବାପା ମନାକଲେ , କିନ୍ତୁ ପରେ କଣ ଭାବିଲେ କେଜାଣି ଚଢେଇଟି ଶିକାରୀଠୁ ଖରିଦ କରି ତା' ହାତକୁ ବଢାଇ ଦେଲେ । ଚିଙ୍କି ଚଢେଇ ମନରେ ଆଶା ଜାଗିଉଠିଲା। ସେ ହୁଏତ ସ୍ୱାଧୀନ ହୋଇପାରେ , କିନ୍ତୁ କେଉଁଠି ? ଏବେ ସେ ସାର୍ଥକ ଘରେ ପିଂଜରାରେ ବନ୍ଦୀହୋଇ ରହିବ। ଫରକ ଏତିକି ଯେ ଶିକାରୀଟିର ହୃଦୟ କଠୋର, କିନ୍ତୁ ସାର୍ଥକ ଓ ତା' ଘର ଲୋକଙ୍କ ହୃଦୟ କୋମଳ । ସାର୍ଥକ ତାକୁ ଖୁବ୍ ଭଲ ପାଉଥାଏ। ଚିଂଙ୍କିର ଖାନାପିନା ପ୍ରତି ଖିଆଲ ରଖିଥାଏ। ସ୍କୁଲରୁ ଘରକୁ ଲେଉଟିଆସି ତା' ସହ ଗପସପ କରେ, ତା' ସାଥିରେ ଖେଳାବୁଲା କରେ। କିଛିଦିନ ପରେ ଚିଙ୍କି ପରିସ୍ଥିତି ସହ ସାଲିସ କରିନେଲା । ସ୍ୱାଧୀନତା କଥାଟା ମନରୁ ପାସୋରିଦେଲା । ଏବେ ସେ ସାର୍ଥକ ମନ ସହ ନିଜ ମନକୁ ମିଶାଇବାକୁ ଲାଗିଲା , ହେଲେ ଆଜି ସେ ଖୁବ୍ ଉଦାସିଆ ଲାଗୁଥିଲା । ଯେତେବେଳେ ସେ ଶୁଣିଲା ଆଜି ସ୍ୱାଧୀନତା ଦିବସ ତା' ମନ ଅଥୟ ହୋଇଉଠିଲା । ସେ ଭାବିଲା ମଣିଷ ଜାତି କେଡେ ସ୍ୱାର୍ଥପର । ମଣିଜ ନିଜେ ତ ସ୍ୱାଧୀନତା ଦିବସ ଜାକଜମକରେ ପାଳନ କରୁଛି । ନିଜର ସଉକ ପାଇଁ ଅନ୍ୟ ଜୀବଜନ୍ତୁଙ୍କ ସ୍ୱାଧୀନତା ଛିନ୍ନ କରିନେଉଛି । ସେମାନଙ୍କୁ ପରାଧୀନତାର ଶିକୁଳି ଭିତରେ ବାନ୍ଧିରଖୁଚି ।

କିଛି ସମୟ ପରେ ସାର୍ଥକ ସ୍କୁଲରୁ ଫେରିଆସିଲ। । ବଡ ମନଖୁସିରେ ବାପା ବୋଉ ସହ ଗପିସପରେ ମାତିଗଲା। କହିଲା, 'ବୋଉ ଆଜି ସ୍କୁଲରେ ଖୁବ୍ ମଜାମସ୍ତି କଲି। ପ୍ରାର୍ଥନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା । ଗୁରୁଜୀ କହିଲେ -ରାଣୀ ଲକ୍ଷ୍ମୀବାଇ ଖୁବ୍ କମ୍ ବୟସରଙ୍କ ଇଂରେଜଙ୍କ ସହ ଯୁଦ୍ଧ କରିଥିଲେ। ସୁବାସ ବୋଷ ତ ନିଜେ ଆଜାଦ ହିନ୍ଦ ଫୌଜ ଗଠନ କଲେ। ସେହିଭଳି ସହିଦ ଭଗତସିଂହ, ରାଜଗୁରୁ , ସୁଖଦେବ ହେରିକା ବିପ୍ଳବୀମାନେ ହସିହସି ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିଲେ। ଗାନ୍ଧିଜୀ ତ ଅହିଂସା ମାର୍ଗ ଅନୁସରଣ କରି ଇଂରେଜମାନଙ୍କୁ ଏ ପବିତ୍ର ମାଟିରୁ ତଡି ଦେଇଥିଲେ।

ସେଉଠୁ ବାପା କହିଲେ - 'ସ୍କୁଲ ଯାଇ ତୁ ଆଜି ଅନେକ କଥା ବେଶ୍ ଜାଣିପାରିଲି। କିନ୍ତୁ ଯୋଉ ସ୍ୱାଧୀନ ଭାରତରେ ତୁ ଆଜି ନିଶ୍ୱାସପ୍ରଶ୍ୱାସ ନେଉଛି ସେ ସ୍ୱାଧୀନତା କେତେକଙ୍କ ତ୍ୟାଗ ଓ ବଳିଦାନଙ୍କ ପରେ ହିଁ ଆମକୁ ମିଳିଥିଲା । ସେଥିପାଇଁ ଆମେ ଏ ସ୍ୱାଧୀନତାକୁ ମହତ୍ୱ ଦେବା ଉଚିତ ।'

'ଆଛା, ୟା ପରେ କଣ ହେଲା ?' ବୋଉ ମଝିରେ ପଚାରିଲା । ସାର୍ଥକ କହିଲା, ଆମର ପ୍ରଧାନଗୁରୁଜୀ ଅଭିଭାଷଣ ପ୍ରଦାନ କଲେ । ଜାତୀୟ ପତାକାକୁ ସଲାମୀ ଦିଆଗଲା । ଜାତୀୟ ସଙ୍ଗୀତ ବୋଲାହେଲା । ପରିଶେଷରେ ମିଠେଇ ବଂଟନ ହେଲା । ଏସବୁ କହୁ କହୁ ସାର୍ଥକର ଆଖି ପିଙ୍କି ଚଢେଇ ଆଡେ ଟାଣି ହୋଇଗଲା। ସେ କହିଲା - 'ଆରେ ପିଙ୍କି,ତୁ କଣ ଆଜି କିଛି ଖାଇନୁ ?' ଚିଙ୍କି ଜବାବ ଦେଲାନି। ବରଂ ସେ ଆଡେ ମୁହଁ ଫେରାଇ ଆଣି ଅନ୍ୟ ଆଡେ ଅନେଇଲା । ସାର୍ଥକ ମନ କଷ୍ଟକଲା। ଚିଙ୍କି ପିଂଜରା ଭିତରେ ହାତ ପୂରେଇ ତାକୁ ଆଉଁସିଦେଲା । ଚିଙ୍କି ଆଖିରେ ଲୁହ ଜକେଇ ଆସୁଥିବା ଦେଖି ଅଚାନକ ସାର୍ଥକ ଦିମାଗରେ ପ୍ରଧାନ ଗୁରୁଜୀଙ୍କ କଥା ମନେ ପଡିଗଲା। ସେ ତାଙ୍କ ଭାଷଣରେ କହିଥିଲେ - ସ୍ୱାଧୀନତା ସମସ୍ତଙ୍କ ଜନ୍ମଗତ ଅଧିକାର। ଏଥର ଚିଙ୍କି ଦୁଃଖକଥା ସେ ବୁଝିପାରିଲା। ତାକୁ ତୁରନ୍ତ ପିଂଜରାରୁ ବାହାରକରି ଆଣି କହିଲା - 'ଯାଆ ପିଙ୍କି ଆଜି ତୁ ବି ସ୍ୱାଧୀନ ହୋଇଯା ।'

+୯୯୯-ଏ,ଜଗମୋହନ ନଗର,
ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩

# ରାକ୍ଷୀ ବନ୍ଧନ



ସମର୍ପିତା ପାଣିଗ୍ରାହି



କେତେବେଳୁ କାଉଟିଏ ଝରକା ପାଖରେ ବସି ଡାକ ଛାଡୁଛି। ପୂଜାଘରୁ ମାଆଙ୍କର ଶଙ୍ଖ ଓ ଘଣ୍ଟି ଶବ୍ଦ ଘରକୁ କମ୍ପେଇ ଦେଉଛି। ତିନି ତିନି ଥର ଡାକି ଅନନ୍ୟା ଫେରିଲାଣି ତଥାପି ନିଦ ଭାଙ୍ଗୁନି ଆଦର୍ଶର। ଗତକାଲି ରାତିରେ ପ୍ରବଳ ବର୍ଷା ଯୋଗୁଁ କୋହଲା ପାଗ ହୋଇଛି। ସେଥିପାଇଁ ଆଦର୍ଶ ପତଳା କମ୍ବଳ ଭିତରୁ ଉଷୁମ ଟାଣୁଛି। ବାପାଙ୍କର ଗୋଟେଥରର ଚଢା ଡାକରେ ଚାଉଁ କରି ଉଠିପଡ଼ିଲା। ସିଧା ଗାଧୁଆଘରକୁ ଯାଇ ଚଟାପଟ ନିତ୍ୟକର୍ମ ସାରିଦେଲା । ତରତର ହୋଇ ସବୁ କାମ ସାରିଦେଇ ସ୍କୁଲ ଚାଲିଗଲା।

ସ୍କୁଲରେ ସାଙ୍ଗମାନେ ଶ୍ରେଣୀରେ ଗରମା ଗରମ ଆଲୋଚନା କରୁଥାନ୍ତି। ବ୍ୟାଗଟିକୁ ବେଞ୍ଚରେ ରଖିଦେଇ ସେ ବି ଆଲୋଚନାରେ ଭାଗନେଲା। କିଛି ସମୟ ପରେ ସେ ଗୁରୁମାଙ୍କୁ ପଚାରିଲା, 'ଭଉଣୀମାନେ ଆମକୁ ରାଖୀ ବାନ୍ଧନ୍ତ କାହିଁକି ? 'ଗୁରୁମା ବୁଝାଇ କହିଲେ ଆମେ ଯାହାକୁ ରାକ୍ଷୀ ବାନ୍ଧିବା ସେ ଆମକୁ ସବୁବେଳେ ରକ୍ଷା କରିବ। ଭାଇଟିଏ ସବୁବେଳେ ଭଉଣୀକୁ ରକ୍ଷା କରେ ବୋଲି ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧେ। ତାପରେ ଆଦର୍ଶ କଣ ବୁଝିଲା କେଜାଣି ଘରକୁ ଫେରି ମାକୁ କହିଲା, ମାଆ ଏ ବର୍ଷ ଦିଦିକୁ ମୁଁ ରାଖୀ ବାନ୍ଧିବି। ମାଆ ହସିଦେଲେ। ଜେଜେମା କହିଲେ ଆରେ ବୋକା ଦିଦି ତ ଝିଅଟା। ସେ କଣ ତୋର ରକ୍ଷା କରି ପାରିବ ? ତୁ ସିନା ପୁଅ ପିଲା ବଡ ହେଲେ ଦିଦିର ରକ୍ଷା କରିବୁ। ବଲବଲ କରି ଆଦର୍ଶ ଚାହିଁ ରହିଥିଲା ଜେଜିମାକୁ। ଦୌଡିଯାଇ ଯାଇ ମାଆକୁ କହିଲା। ଦେଖା ମାଆ। ଦିଦି ତ ମୋ ଠାରୁ ବଡ଼। ତା ପରେ ତାର ଅଧିକ ବଳ। ମୋଠାରୁ ପାଠ ବେଶୀ ଜାଣିଛି। ସେ ତ ମୋତେ ସବୁବେଳେ ସାହାଯ୍ୟ କରୁଛି। ଗୁରୁମାଙ୍କଠାରୁ ମାଡ ଖାଇବାରୁ ମୋତେ ରକ୍ଷା କରୁଛି। ତମେ ଜାଣିଛ ମାଆ ଦିଦି ମୋ ପାଖରେ ଥିଲା ବୋଲି ରଷିଭାଇ ସେ ଦିନ ମୋତେ ଡରାଇଲେ ନାହିଁ। ଜେଜି ମା ଜାଣିନାହାଁନ୍ତି ଦିଦି ଆମର ଝିଅ ହେଲେ କଣ ହେଲା, ଭାରି ସାହସୀ।

ଠିକ ସେତିକି ବେଳେ ନାତିଆ ଟୋକାଟା କୁଆଡେ ଦୌଡ଼ି ଚାଲିଗଲା ଭାବି ବସିବା ଜାଗାରୁ ଉଠି ଖୋଜିବାକୁ ଚାଲିଲେ। ତଳେ ପଡିଥିବା ଆଦର୍ଶର ପେନସିଲ ପାଦରେ ଚକଡି ହୋଇଯିବାରୁ ପଡି ଯାଉଥିବା ଅବସ୍ଥାରେ ଅନନ୍ୟା ଧରି ପକାଇଲା। ଜେଜି ମା ଅନନ୍ୟାକୁ ଭଲକରି ଚାହିଁଲେ। ମୁଣ୍ଡ ଟୁଙ୍ଗାରି ଗୁଣୁଗୁଣୁ ହୋଇ କହିଲେ, ନାତୁଣୀଟା ମୋର ମୋତେ ସମ୍ଭାଳି ଦେଲା। ପାଖକୁ ଚାଲି ଆସିଥିବା ଆଦର୍ଶ ମୁହଁକୁ ଆମ୍ଭିଲେଇ ଦେଇ ଜେଜିମାଙ୍କୁ ଭୁଲ ମାଗିଲା । କାରଣ ସେ ଦାୟିତ୍ୱହୀନ ଭାବରେ ପେନସିଲ ତଳେ ପକାଇ ଦେଇଥିଲା। ଯେଉଁଥିପାଇଁ ଆଜି ଜେଜିମା ପଡିଯାଇଥାନ୍ତେ। ଜେଜି ମାଆଙ୍କୁ ଧରି ସୋଫାରେ ବସାଇ ସାରିବା ପରେ ଆଦର୍ଶ କାହିଲା। ଦେଖିଲ ଜେଜେମା ଦିଦି କେମିତି ତୁମକୁ ରକ୍ଷା କରିଦେଲା। ସେଥିପାଇଁ ତମେ ବି ଦିଦି ହାତରେ ରାଖୀ ବାନ୍ଧିବା କଥା।

ତମେ ବାନ୍ଧ କି ନା ବାନ୍ଧ। ମୁଁ ଯାଉଛି ଦିଦି ପାଇଁ ରାଖୀଟେ କିଣି ଆଣିବି। ଜେଜି ମା କହିଲେ ରୁହ, ତୁ ରାଖୀ ଆଣିବାକୁ ଟଙ୍କା କେଉଁଠୁ ଆଣିବୁ ? ନେ, ମୋଠାରୁ କୋଡିଏ ଟଙ୍କା ନେ। ଗୋଟେ ନାଇଁ ଦୁଇଟା ରାଖୀ ଆଣିବୁ। ମୁଁ ବି ଅନନ୍ୟାକୁ ରାଖୀ ବାନ୍ଧିବି।

+ନବମ ଶ୍ରେଣୀ
ମାଡ଼ର୍ଣ୍ଣ ଇଂରାଜୀ ବିଦ୍ୟାଳୟ
ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦

ଧାରାବାହିକ ଉପନ୍ୟାସ

ଭାଗ-୭

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

୧୯୫୭ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଶାଳିଆ ଡ୍ୟାମ (ଶାଳିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ) ପାଇଁ ଜଂଗଲକୁ ସଫା କରାଗଲା ଓ କେନାଲ ଖୋଳାଗଲା ସେତେବେଳେ ବି ସେଇ ଜଂଗଲରେ ବାଘ ମାଳମାଳ ଥିଲେ। ପାଖ ଆଖରେ ବାଘ ଗର୍ଜନ କଲେ ଲୋକମାନେ କାମଦାମ ବନ୍ଦକରି ଗାଆଁକୁ ପଳେଇ ଆସୁଥିଲେ। ହେଲେ, ତା ପୂର୍ବଅରୁ ସେଇ ଜାଗାଟା ସାମାନ୍ୟ ଖୋଲାଥିଲା। ଗାଆଁଠାରୁ ସେଇ ଜାଗା ପ୍ରାୟ ଛଅ କିଲୋମିଟର ଅରଣ୍ୟଭିତରେ ଥିଲେ ମଧ୍ୟ ମୁଁ ଯାଇ ସେଇ ଖୋଲାଯାଗାରେ ବସିଥିଲି। ଆଗରେ କଳକଳ ହେଇ ପଥର ଉପରେ ଡେଇଁଡେଇଁ ବହି ଯାଉଥିଲା ନଈ। ମୋ ଚାରିପାଖରେ ଘେରି ରହିଥିଲା। କୁଡୁକୁଡୁ ବଣପର୍ବତ। ମୋ କାନରେ କୁହେଇ ହେଇ ପଡୁଥିଲା ଖାଲି ଚଢ଼େଇଙ୍କ ଗୀତ ଆଉ ଗୀତ। ବେଳେବେଳେ ବି ଭାସି ଆସୁଥିଲା ଚିହ୍ନା ଅଚିହ୍ନା ବଣୁଆଁ ପଶୁଙ୍କ ରଡ଼ି। ବହୁଥିଲା ବଣୁଆଫୁଲର ବାସ୍ନାଭରା ସୁଲୁସୁଲୁ ଶୀତଳ ପବନ। ଆହାଃ, କି ଆନନ୍ଦ। ହେଲେ, ମୋତେ ଯଦି ମୋ ପିଲାଦିନ ବାଘ କି ଭାଲୁ ଖାଇଦେଇ ଥାଆନ୍ତା ମୁଁ ଆଜି ଏକଥା କହିବାକୁ କି ଲେଖିବାକୁ ନଥାନ୍ତି।

ହଁ, ସେଦିନ ମୁଁ ବଣରେ ପଶିଲି। ମୋ ଡାହାଣପଟରେ ଗୋଟେ ଟିକି ଖୋଲା ପଡ଼ିଆ ଥିଲା। ସେଇଠି ତିନିଚାରିଟା ମୟୂର ଚରୁଥିଲେ। ଗୋଟେ ବୁଦାମୂଳେ ମୁଁ ମତେ ଲୁଚେଇଦେଇ ତାଙ୍କୁ ଦେଖିଲି। ଆହାଃ, କେତେ ସୁନ୍ଦର ସେମାନେ। ଏମାନେ ବଣକୋଳି, ଏଣ୍ଡୁଅ, ଚେମ୍ପେଇନଳୀ, ବେଙ୍ଗ ଓ ସାପ ଇତ୍ୟାଦି ଖାଆନ୍ତି। ସାପ ଏମାନଙ୍କର ପ୍ରିୟ ଖାଦ୍ୟ। ଯେଉଁ ଅଂଚଳରେ ଏମାନେ ରହନ୍ତି ସେଇ ଅଂଚଳରେ ସାପ ଦେଖିବାକୁ ପ୍ରାୟ ମିଳନ୍ତି ନାହିଁ। ମୟୂରମାନେ ଉଚ୍ଚ ପଥର କୋରଡ଼ କିମ୍ବା ଉଚଗଛର ମଥାନରେ ବସା ବାନ୍ଧି ଦୁଇଟି ଅଣ୍ଡା ଦିଅନ୍ତି। ଏମାନଙ୍କର କିଆଉଁ.... କିଆଉଁ... ଶବ୍ଦରେ ଜଂଗଲ ଫାଟିପଡ଼େ। ସେମାନେ ମତେ ଦେଖି ଉଡ଼ିଗଲେ। ମୋ ବଣବୁଲା ଅନୁଭୂତିକୁ ଲେଖିବସିଲେ ସହଜେ ସରିବନି, ଅନେକ ପୁସ୍ତକ ହେବ।

ଆଉଦିନେ ବୁଲୁଥିଲି ବଣରେ। ସେତେବେଳେ ଦିନକୁ ପନ୍ଦର କୋଡ଼ିଏ ମାଇଲ ଚାଲିବାକୁ ମୋ ଗୋଡ଼ରେ ବଳ ଥିଲା। ଘରପାଖରେ ସ୍କୁଲର ଖେଳପଡ଼ିଆ ଥିବାରୁ ମୁଁ ସବୁଦିନ ଖେଳପଡ଼ିଆରେ ଡେଉଁଥିଲି। ବାର୍ଷିକ ଖେଳହେଲେ ମୁଁ ସ୍କୁଲର ସବୁଖେଳରେ ପ୍ରାୟ ଚମ୍ପିଆନ୍ ହେଇ କୁଣ୍ଢକୁଣ୍ଢ ପ୍ରାଇଜ୍ ନେଇ ଘରକୁ ଫେରୁଥିଲି। ଖେଳି ଖେଳି ଶେଷକୁ ମୁଁ ଭଲିବଲରେ ଓସ୍ତାଦ ହୋଇ ଓଡ଼ିଶା ତରଫରୁ କନ୍ୟାକୁମାରୀଠାରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ପ୍ରାୟ ସବୁ ସହରରେ ଖେଳି ନ୍ୟାସନାଲ ପ୍ଲେୟାର ହେବାପାଇଁ ଭାଗ ନେଇଥିଲି। ତେଣୁ ଧାଁଧପଡ଼ ଡିଆମରା କରିବାପାଇଁ ମତେ ବାଧୁନଥିଲା।

ହଁ, ସେଦିନ ମୁଁ ବଣରେ ବୁଲୁଥିଲି। ବାଡ଼ିଆଡ଼ ଶାଳିଆ ନଦୀରୁ ଚିମୁଟେଇ ଚିମୁଟେଇ କରାଣ୍ଡି, କଣ୍ଟିଆ, ଚେଙ୍ଗଗଡ଼ିଶା, ତୋଡ଼ି ଇତ୍ୟାଦି କେଇମୁଠା ମାଛ ଆଣି ବାଡ଼ିଆଡ଼ ପାଳଗଦା ମୂଳେ ପୋଡ଼ି ପେଟେହେବ ପଖାଳ ଖାଇ ଦେଇଥିଲି। ଜଙ୍ଗଲରେ ଆଙ୍କୁ କୋଳି, ବଇଁଚ କୋଳି, ପିଜୁଳି, କେନ୍ଦୁ ଓ ମହୁଲ ଯାହା ପାଉଥିଲି ମଝିରେ ମଝିରେ ଖାଉଥିଲି। ହଠାତ୍ ଶୁଣିଲି ବାଘର ଗର୍ଜନ। ଗର୍ଜନଟା ଖୁବ୍ ପାଖରେ ପାଖରେ ଜଣାପଡ଼ି ପୁଣି ପାଖକୁ ପାଖକୁ ଆସୁଥିଲା। ବାଘମାନେ ଖୁସିବାସରେ କେବେ ଗର୍ଜନ କରନ୍ତି ନାହିଁ। କାରଣ, ତା ଗର୍ଜନ ଶୁଣିଲେ ଶିକାରମାନେ ହୁରୁଡ଼ିଯାଇ ଦୂରକୁ ଚାଲିଯିବେ। ସିଏ ଖାଦ୍ୟ ନପାଇ ଭୋକରେ ରହିବେ। କେବଳ ସଙ୍ଗମ ସମୟ ହେଇଗଲେ ବାଘ ଗର୍ଜନ ଛାଡ଼ି ଅନ୍ୟ ବାଘକୁ ଡାକେ। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

କବିତା
ତୁମ ପାଇଁ

## କ୍ଷୀରଭାତ ଅଟେ ଦେହପାଇଁ ହିତ

ଦୀପକ କୁମାର ମିଶ୍ର

ଝରକା କଡ଼ରେ ମୁନା ବସିଥିଲା
ଦିନସାରା ଯେ ବରଷା ଝଡି
ମାମାକୁ କହୁଛି ଏ ବରଷା ପାଗରେ
ଦିଅ ଗଣ୍ଡେ ଝଣା ପକୁଡି ।
ମାମା ମୁନା ଆଡ଼େ ମୁରୁକି ହସିଲେ
କହିଲେ ଆରେ ମୁନା
ଓଜନ ବଢୁଛି ଡାକ୍ତର କହିଛନ୍ତି
ପକୁଡି ଆଉ ଖାଆନା ।
ମନେ ଗରଗର ମୁନା ବାହାରକୁ ଚାହିଁ
କହିଲା ମାମାକୁ ସଅଳ
ବର୍ଷା ପାଗରେ ଯଦି କିଛି ପାଟିକୁ ନଯିବ
କେମିତି କଟିବ ବେଳ ।
ଏତିକି ବେଳେ ମାମା ଦେଲେ ତାକୁ
ଭାତ ସଙ୍ଗେ କ୍ଷୀର ସର
କହିଲେ ବୁଝେଇ ମୁନା ଧନ ମୋର
ଏହା ଦେହ ପକ୍ଷେ ହିତକର।
ମାମା କଥା ବୁଝି କ୍ଷୀର ଭାତ ଖାଇ
ମୁନା ହାଇଟେ ଛାଡିଲା
ପାଣି ଢୋକେ ପିଇ ଏକା ନିଶ୍ୱାସରେ
ଖଟରେ ଘୁଙ୍ଗୁଡ଼ି ମାରିଲା ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଛତା କରୁଛି ନାଟ

କୁନା ସେଠୀ

ଆସିଲା ବରଷା କାଳ
ଚାରିଆଡେ ଦେଖ ଜଳ
ଜଳ ଦେଖି ପରା ଆମରି ନାନୁର
ଆରମ୍ଭ ହୋଇଲା ଖେଳ ।
ଖସିବାକୁ ଛଟପଟ
ଲଗାଇଛି ସିଏ ନାଟ
ଜଳରେ ଖେଳିବ ବର୍ଷାରେ ଭିଜିବ
କହିଲା ସେ ଫଟାଫଟ ।
ବୁଝାଇଲେ ବୁଝୁନାହିଁ
ଅମାନିଆ ବଡ଼ ସେହି
ବରଷା ବିଜୁଳି ଆସେ ଢଳି ଢଳି
ନାନୁଟିକୁ ପରା ଚାହିଁ ।
ଜେଜେ ଡାକ ଦେଲେ ତାକୁ
ଗୋଡ଼ାଇଲେ ଧରିବାକୁ
ଥକି ଗଲେ ସିଏ ଧରି ନ ପାରିଲେ
ପାଟିକଲେ ନାତିଟିକୁ ।
ବରଷାରେ ଭିଜିଗଲେ
ନାନୁ ପାଇଁ ଓଦାହେଲେ
ଛତା ବିନା ଯଦି ବରଷାକୁ ଯିବା
ଜ୍ୱର ଖାସ ହବ ଭଲେ ।
ଛତା ଥିଲା ମୁହଁ କାଢି
ହସୁଥିଲା ମୁହଁ ମୋଡ଼ି
ନାନୁ ଧାଉଁଥିଲା କାଦୁଅ ବାଟରେ
ପଡିଗଲା ମୁହଁ ମାଡି ।
ନାଚୁଥିଲା ଛତା ହସି
ହେଉଥିଲା ଭାରି ଖୁସି
ଓଦା କାଦୁଅରେ ସରସର ହୋଇ
ନାନୁ କାନ୍ଦୁଥିଲା ବସି ।

+ଭୁତସରସିଙ୍ଗି, ଗଞ୍ଜାମ

## ଆହାନ୍ ପାଇଁ ଗୀତ

ନୀଳମଣି ଚାନ୍ଦ

ହେଲେ ଚାରିଟା ବେଳ
ଆହାନ୍ ଯାଇ ପାର୍କ ଆଡ଼େ
ଖେଳେ ସେ କେତେ ଖେଳ।
ଲାଗିଲେ ଟିକେ ଥକା
ସାଙ୍ଗକୁ ଡାକି ଦୋଳି ନ ଖେଳି
ଖେଳନ୍ତି ଉଠାପକା।
ପାଠ କଥାକୁ ଭୁଲି
ସେଇଠୁଁ ଉଠି କରଇ ମଜା
ଦୋଳିରେ ଝୁଲି ଝୁଲି।
ଖେଳ ବେଳରେ ଖେଳ
ଖେଳ ସରିଲେ ସିଏ ତ କହେ
ହେଲା ପଢ଼ିବା ବେଳ।
ଖେଳ ଦେହକୁ ହିତ
ଦେହକୁ ଆମ ରଖେରେ ତାଜା
ପ୍ରଫୁଲ୍ଲ କରେ ଚିତ୍ତ।
କେ ଖେଳେ ଘରେ ରହି
କେଉଁ ଖେଳକୁ ପଢ଼ିଆ ଲୋଡ଼ା
ଜାଣରେ ପଢ଼ି ବହି।
ତୁମ ଭିତରୁ କିଏ
'ଧ୍ୟାନଚାନ୍ଦ' କି 'ସାନିଆ' ହେବ
ଆଶ୍ଚର୍ଯ୍ୟ ନୁହଁ ଇଏ।
ଖେଳରେ ଲକ୍ଷ୍ୟ ଯା'ର
ଦିନ ଆସିବ ମିଳିବି ପାରେ
ଅର୍ଜୁନ ପୁରସ୍କାର।
ଆ ଆହାନ୍ ଆ
ଖେଳ ସରିଲା ପଢା ସରିଲା
ନାଚି ଯା' ଧିନ୍ ଧା।

+୨୭,ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

## ବର୍ଷା ଆସିଲାରେ

ନିରଞ୍ଜନ ସାହୁ

ହସିଲା ମୁନା ହସିଲା କୁନା
ମାରିଲା ଟୁନା ତାଳି
ରାଜୁ କହିଲା ,' ଆରେ ହେ ଅଜୁ ,
ତୋର କହିବା ପାଳି । '
ଅଜୁ କହିଲା ,' ଆଜିର କଥା
କହିବି ଯେବେ ମୁହିଁ
ଗ୍ରୀଷମ ଗଲା ବର୍ଷା ଆସିଲା
କହୁଛି ବର୍ଷା ପାଇଁ ।
ଗ୍ରୀଷମ ତାତି ଅସହ୍ୟ ଅତି
ଯାଇଛି ସେହି ଋତୁ
ବର୍ଷା ଆସିବା ସୂଚନା ପାଇ
ମନଟା କୁତୁକୁତୁ ।
ବର୍ଷା ଆସିଲେ କିଏ ଯେ କେତେ
କରିବେ ନାନା କାମ
ମୁହିଁ ବର୍ଷାରେ କରିବି କ'ଣ
କହୁଛି ତା'ର ନାମ ।
ବିଲ ହିଡ଼ରୁ ତୋଳିବି ଛତୁ ,
ରୋପିବି ଫୁଲଗଛ
ଝମ୍ପା , ବନୀଶ ଛଡ଼ ପକାଇ
ଧରିବି ନିତି ମାଛ ।
କାଗଜ ଡଙ୍ଗା ଭସାଇ ଦେବି
ଦାଣ୍ଡରେ ପାଣି ସୁଏ
ଛତାଟେ ନିଶ୍ଚେ ହାତରେ ଥିବ
ତେଣିକି ଯେଣେ ଯାଏ ।
ବୃକ୍ଷରୋପଣ କରିବି ମୁହିଁ
ପଢ଼ିଆ ଜାଗା ଦେଖି
ପାଠ ପଢିବି ସର୍ବଦା ମୁହିଁ
ପାଠରେ ଲୟ ରଖି ।
ଇନ୍ଦ୍ରଧନୁକୁ ଆକାଶେ ଦେଖି
ନାଚିବି ମାରି ତାଳି
ପ୍ରଭୁଙ୍କ ପାଇଁ ନାନା ପ୍ରକାର
ଫୁଲ ଆଣିବି ତୋଳି ।
ଦେଖି ଚାହିଁକି ଚଳିବି ମୁହିଁ
ନ ଥିବ ଜ୍ୱର ଭୟ
ମଶାରୀ ଟାଣି ଶୋଇବି ନିତି
ମନକୁ କରି ଥୟ ।
ବରା, ପକୁଡି ,ପାମ୍ପଡ଼ ଖାଇ
ଖେଳିବି ନାନା ଖେଳ
ମୋତେ ତ ପରା ସରସା ଲାଗେ
ଏହି ବରଷା ବେଳ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩



# ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଓଡ଼ିଶା ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦର କଟକ ଜିଲ୍ଲା ଶାଖା ତରଫରୁ ବୁଧବାର ସନ୍ଧ୍ୟାରେ ମର୍କତନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ସମାବେଶର ଆୟୋଜନ କରାଯାଇଥିଲା । ଶାଖାର ସଭାପତି କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠ ଶିକ୍ଷାବିତ୍ ତଥା ରେଲୱେ ସେଟଲମେଂଟ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବୀପ୍ରସନ୍ନ ଦାସ ମୁଖ୍ୟ ଅତିଥି ଓ ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜ ସ୍ନାତକୋତର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡକ୍ଟର ଚିତରଞ୍ଜନ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବାପରେ କାର୍ଯ୍ୟକ୍ରମର ସଂଯୋଜକ ସାଧୁ ଚରଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷାବିତତ ଡକ୍ଟର କୁଞ୍ଜବିହାରୀ ଜେନା, ଡକ୍ଟର ଜେ.ଏସ. ମହାପ୍ରଶସ୍ତ, ବିପିନବିହାରୀ ରାଉତ, ଶରତ ଚନ୍ଦ୍ର ପ୍ରଧାନ ମଧ୍ୟ ଉଦବୋଧନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ପ୍ରାଣବଳି ଦେଇଥିବା ଅନେକ ସହିଦ ଇତିହାସ ପୃଷ୍ଠାରେ ସ୍ଥାନ ପାଇନଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିବା ସଙ୍ଗେସଙ୍ଗେ ସେମାନଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଶେଷରେ ପରିଷଦର ଉପଦେଷ୍ଟା ଡକ୍ଟର ସଂକର୍ଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜକାନ୍ତ ପାଇଟାଲ ଓ ପୂର୍ଣ୍ଣଚନ୍ଦ୍ର ସାହୁ ମଂଚ ପରିଚାଳନା କରିଥିଲେ ।

# ସାରା ରାଜ୍ୟରେ ମାଗଣାରେ ତ୍ରିରଙ୍ଗା ବାଣ୍ଟିବେ ମିସନ୍ ଶକ୍ତି ଗୋଷ୍ଠୀ

ଭୁବନେଶ୍ୱର ,୧୨/୦୮ (ନି.ପ୍ର): ଚଳିତ ବର୍ଷ ସାରା ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି । ଏଥିପାଇଁ ଦେଶବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖା ଦେଇଛି । ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କେନ୍ଦ୍ର ସରକାର ହର ଘର୍ ତ୍ରିରଙ୍ଗା ଆହ୍ୱାନ ଦେଇଥିଲେ ହେଁ ପ୍ରତି ଘରେ ଯେପରି ତ୍ରିରଙ୍ଗା ଉଡ଼ିବ ସେନେଇ ରାଜ୍ୟ ସରକାର ମାଗଣାରେ ଜାତୀୟ ପତାକା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ମିସନ୍ ଶକ୍ତିର ମା'ମାନଙ୍କୁ ଜାତୀୟ ପତାକା ତିଆରି ଓ ବଣ୍ଟନ ଦାୟିତ୍ୱ ଦିଆଯାଇଛି । ସେମାନେ ଘର ଘର ବୁଲି ଜାତୀୟ ପତାକା ବାଣ୍ଟିବେ । ମିସନ୍ ଶକ୍ତିର ମା'ମାନେ ୩୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ସେମାନଙ୍କୁ ଅନୁଦାନ ଯୋଗାଇ ଦେଇଛନ୍ତି ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୮୩ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଟିକେ ବଢ଼ିଛି । ତେବେ ଏହା ୫ ଶହ ଉପରେ ରହିଛି । ଗତକାଲି ୫୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୮୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୪୦ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୪୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୨୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୫୮୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୩୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ବରଗଡ଼ରୁ ୨୨, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୩୬ ଜଣ, ବୌଦ୍ଧରୁ ୫ ଜଣ, କଟକରୁ ୧୪ ଜଣ, ଦେବଗଡ଼ରୁ ୪ ଜଣ, ଗଜପତିରୁ ୬ ଜଣ, ଗଞ୍ଜାମରୁ ୧, ଜଗତସିଂହପୁରରୁ ୩, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡି ଜିଲ୍ଲାରୁ ୩୯ ଜଣ, କନ୍ଧମାଳରୁ ୧୪ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, କେଉଁଝରରୁ ୧୧, ଖୋର୍ଦ୍ଧା ଜିଲ୍ଲାରୁ ୭୭, କୋରାପୁଟ ଜିଲ୍ଲାରୁ ୨ ଜଣ, ମୟୂରଭଞ୍ଜରୁ ୪୦ ଜଣ, ନବରଙ୍ଗପୁରରୁ ୨୩ ଜଣ, ନୟାଗଡ଼ ଜିଲ୍ଲାରୁ ୧୭ ଜଣ,ନୂଆପଡ଼ାରୁ ୩୮, ପୁରୀରୁ ୧ ଜଣ, ରାୟଗଡ଼ାରୁ ୯ ଜଣ, ସମ୍ବଲପୁରରୁ ୨୨ ଜଣ, ସୋନପୁରରୁ ୧୭ ଜଣ, ସୁନ୍ଦରଗଡ଼ରୁ ୧୩୭ ଜଣ ଓ ଷ୍ଟେଟପୁଲରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୧, ୭୮୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୦୮, ୧୬୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୪୪୦୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଅମୃତ କାଳଖଣ୍ଡରେ ଭାରତବର୍ଷକୁ ଆତ୍ମନିର୍ଭର ଓ ବିଶ୍ୱର ଶ୍ରେଷ୍ଠ ଦେଶ ଭାବେ ଗଢି ତୋଳିବା : ସମୀର ମହାନ୍ତି

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ୍ ସଂଗ୍ରାମୀ ଏବଂ ତାଙ୍କ ଜୀବନଶୈଳୀ ଓ ବିଚାରଧାରାକୁ ଆଜିର ଯୁବ ପୀଢିଙ୍କୁ ଅବଗତ କରାଇବା ନିହାତି ଆବଶ୍ୟକ । ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଦେଶ ଆଜି ଅମୃତ ମହୋତ୍ସବ ପାଳନ କରୁଛି । ସ୍ୱାଧୀନତାର ଶହେ ବର୍ଷ ପୂର୍ତି ଅବସରରେ ୨୦୪୭ ମସିହା ପର୍ଯ୍ୟନ୍ତ ଆଗାମୀ ୨୫ ବର୍ଷର ଏହି ଅମୃତ କାଳଖଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ସଂଗ୍ରାମରୁ ଶକ୍ତି ଏବଂ ସ୍ୱାଧୀନତା ସେନାନୀଙ୍କ ବିଚାର ଓ ସଂକଳ୍ପକୁ ପାଥେୟ କରି ଆସନ୍ତା ଅମୃତ କାଳଖଣ୍ଡରେ ଭାରତବର୍ଷକୁ ଆତ୍ମନିର୍ଭର, ବିଶ୍ୱର ଶ୍ରେଷ୍ଠ ଦେଶ ଏବଂ ବିଶ୍ୱଗୁରୁ ଭାବେ ଗଢି ତୋଳିବା ପାଇଁ ଯୁବପୀଢିକୁ ସଂକଳ୍ପ ନେବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଆହ୍ୱାନ ଦେଇଛନ୍ତି । ୯ ତାରିଖ ଦିନ ରାଜ୍ୟ ସଭାପତି ସମୀର ମହାନ୍ତି ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରୋବୋଇସ୍ଥିତ ଗାନ୍ଧୀ ସ୍ମୃତିପୀଠରୁ ତ୍ରିରଙ୍ଗା ପଦଯାତ୍ରା ଆରମ୍ଭ କରିଥିଲେ । ଗତ ତିନି ଦିନରେ ୬୫ କିଲୋମିଟର ବାଟ ଅତିକ୍ରମ କରିବା ପରେ ଆଜି ଏହି ଯାତ୍ରା ପୁରୀ ଜିଲ୍ଲା ଅସ୍ତରଙ୍ଗ ଅନ୍ତର୍ଗତ ପ୍ରସିଦ୍ଧ ତଥା ଲବଣ ସତ୍ୟାଗ୍ରହର ଅନ୍ୟତମ ମୂକସାକ୍ଷୀ କୁହୁଡିଠାରେ ସମାପ୍ତ ହୋଇଛି । ତୃତୀୟ ଦିବସରେ ଆଜି କାକଟପୁର ମା ମଙ୍ଗଳା ପୀଠରୁ ଏହି ପଦଯାତ୍ରାରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ ମୁଖପାତ୍ର ବିରଂଚି ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାଇଧର ମଲ୍ଲିକ, ପ୍ରଭଞ୍ଜନ ମହାପାତ୍ର, ରବି ମଲ୍ଲିକଙ୍କ ସମେତ ବହୁ କାର୍ଯ୍ୟକର୍ତା ଏବଂ ଜନସାଧାରଣ ସାମିଲ ହୋଇଥିଲେ । ପଦଯାତ୍ରା ଶେଷରେ ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁ ଦାଶ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ୧୯୩୦ ମସିହା ମେ ୨୧ ତାରିଖରେ କୁହୁଡି ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିବା ଭାଗବତ ନାୟକ, ଯଦୁମଣି ଲେଙ୍କା, ବୈକୁଂଠନାଥ ପ୍ରତିହାରୀ, ଦୈତାରୀ ମହାନ୍ତି, ଗତିକୃଷ୍ଣ ସ୍ୱାଇଁ, ମଧୁସୁଦନ ମିଶ୍ର, ପୁରୁଷୋତମ ମୁଦୁଲି, ବାଳକୃଷ୍ଣ ସ୍ୱାଇଁ, କୃପାସିନ୍ଧୁ ହୋତା, ସୁନାମଣି ଦେଇ, ଶଂକର ଷଡଙ୍ଗୀ, ଜଗନ୍ନାଥ ରଥ, ଅନନ୍ତ ମିଶ୍ର, ଯଦୁମଣି ପରିଡା, ରାଧା ଦେଇଙ୍କ ସମେତ ସମସ୍ତ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ତ୍ରିରଙ୍ଗା ପତାକା ଏବଂ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପାର୍ଟୀର ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା, ସଂଖ୍ୟାଲଘୁ ମୋର୍ଚ୍ଚା, ଓବିସି ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ବୁଦ୍ଧିଜୀବି ପ୍ରକୋଷ୍ଠ, ଲିଗାଲ ସେଲ୍ ତରଫରୁ ମୟୁରଭଂଜରୁ ଆରମ୍ଭ କରି ମାଲକାନଗିରି ଏବଂ ପୁରୀରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଂଚଳରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଉଦ୍ଦେଶ୍ୟରେ ତ୍ରିରଙ୍ଗା ପଦଯାତ୍ରା ଓ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି ।

# ବାହାରୁନି ଫଳ, ହେଉନି କାଉନସେଲିଂ : ରାଙ୍କ୍ ଧରି ବସିଛନ୍ତି ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ୧୫ ଦିନ ହେଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଫଳ ପ୍ରକାଶ ପାଇଲାଣି । ବିଭିନ୍ନ ପାଠ୍ୟକ୍ରମରେ ଯୋଗ୍ୟ ଛାତ୍ରଛାତ୍ରୀ ରାଙ୍କ୍ କାର୍ଡ ପାଇ ସାରିଛନ୍ତି । ମାତ୍ର କାଉନସେଲିଂ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଉଚ୍ଚଶିକ୍ଷା ପାଇଁ ବାଟ ପାଉନାହାନ୍ତି । କେବେ କାଉନସେଲିଂ ହେବ ସେନେଇ କାହା ପାଖରେ ଉତ୍ତର ବି ନାହିଁ । କିଏ କହୁଛି ଅଗଷ୍ଟ ଶେଷ ସପ୍ତାହରୁ ତ ଆଉ କିଏ କହୁଛି ସେପଟ୍ମ୍ବେର ପ୍ରଥମ ସପ୍ତାହରୁ । ଇଞ୍ଜିନିୟରିଂ ପାଠ୍ୟକ୍ରମ ଲାଗି କାଉନସେଲିଂ ହେଲା ବେଳକୁ ସେପଟ୍ମ୍ବେର ଦ୍ୱିତୀୟ ସପ୍ତାହ ଟପିଯିବ । ଏମ୍‌ବିଏ, ଏମ୍‌ସିଏ, ବି.ଫାର୍ମା ପରି ପାଠ୍ୟକ୍ରମ ଲାଗି ହେବାକୁ ଥିବା କାଉନସେଲିଂ ସମୟକୁ ନେଇ ଏବେ ଅନିଶ୍ଚିତତା ଲାଗିରହିଛି । କାରଣ ଉକ୍ତ ପାଠ୍ୟକ୍ରମଗୁଡ଼ିକ ପାଇଁ ଆବଶ୍ୟକୀୟ ଯୋଗ୍ୟତା ପାଠ୍ୟକ୍ରମର ପରୀକ୍ଷା ଫଳ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ । ବିଶ୍ୱବିଦ୍ୟାଳୟ, କଲେଜଗୁଡ଼ିକର ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶରେ ବିଳମ୍ବ ହେଉଥିବାରୁ ଛାତ୍ରଛାତ୍ରୀ, ଅଭିଭାବକ ଚିନ୍ତାରେ ପଡ଼ିଲେଣି । ଓଡ଼ିଶାର ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ନାମଲେଖାଉଥିବା ଇଞ୍ଜିନିୟରିଂ ପାଠ୍ୟକ୍ରମର କାଉନସେଲିଂ ବିଳମ୍ବ ହେବା ନେଇ ସ୍ପଷ୍ଟ ଜଣାପଡ଼ିଛି । କାରଣ ଗତ ୮ ତାରିଖରେ ଜେଇଇ ମେନ୍ ? ଫଳ ପ୍ରକାଶ ପାଇବା ସହ ଜେଇଇ ଆଡଭାନ୍ସଡ୍ ଲାଗି ପଞ୍ଜୀକରଣ ଆରମ୍ଭ ହୋଇଛି । ଅଗଷ୍ଟ ୨୮ରେ ଆଡଭାନ୍ସଡ୍ ପରୀକ୍ଷା କରାଯିବ ଏବଂ ଆପାତତଃ ସେପଟ୍ମ୍ବେର ୧୧ରେ ଫଳ ପ୍ରକାଶ ପାଇବ । ଏହାପରେ ସର୍ବଭାରତୀୟ ଇଞ୍ଜିନିୟରିଂ କାଉନସେଲିଂ ଆରମ୍ଭ ହେବା ପରେ ଓଜେଇଇ କାଉନସେଲିଂ କରିବ ବୋଲି ଜଣାପଡ଼ିଛି । ଅର୍ଥାତ୍ ଆସନ୍ତା ଏକ ମାସ ମଧ୍ୟରେ ଇଞ୍ଜିନିୟରିଂ କାଉନସେଲିଂ ହେବାର ନାହିଁ । ଏଭଳି ବିଳମ୍ବକୁ ନେଇ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଶିକ୍ଷାବର୍ଷ ପୁଣିଥରେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । କାରଣ ଏମିତିରେ ୨୦୨୨-୨୩ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଗୋଟିଏ ମାସ ବିଳମ୍ବ ହେଲାଣି । କାଉନସେଲିଂ ପ୍ରକ୍ରିୟା ଶେଷ କରି ପାଠପଢ଼ା ଆରମ୍ଭ ହେଲା ବେଳକୁ ଅକ୍ଟୋବର ମାସ ହୋଇଯିବ । ତେଣୁ ଇଞ୍ଜିନିୟରିଂ ପାଠ୍ୟକ୍ରମର ଶିକ୍ଷାବର୍ଷ ୩ ମାସ ପଛୁଆ ଚାଲିବା ଏକପ୍ରକାର ଥୟ । ବି.ଫାର୍ମା ପାଠ୍ୟକ୍ରମରେ ବି ସମାନ ଅବସ୍ଥା ଉପୁଜିଛି । ନିଟ୍-ୟୁଜି ରେଜଲ୍ଟ ପ୍ରକାଶ ପାଇ ନ ଥିବାରୁ କାଉନସେଲିଂ ପ୍ରକ୍ରିୟା ହୋଇପାରୁ ନାହିଁ । ଛାତ୍ରଛାତ୍ରୀ ରାଙ୍କ କାର୍ଡ ଧରି ବସି ରହିଛନ୍ତି । ଅଗଷ୍ଟ ତୃତୀୟ ସପ୍ତାହରେ ଏହି ରେଜଲ୍ଟ ପ୍ରକାଶ ପାଇବାର ସମ୍ଭାବନା ରହିଛି । ତେଣୁ ବି.ଫାର୍ମା କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେଉ ହେଉ ଅଗଷ୍ଟ ଶେଷ ସପ୍ତାହ ହୋଇଯିବ । ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମ ଲାଗି ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବାରୁ କାଉନସେଲିଂ ବିଳମ୍ବ ହେଉଥିବା ଜଣାପଡ଼ିଛି । ଅର୍ଥାତ୍ ଏହି ପାଠ୍ୟକ୍ରମରେ ଯୁକ୍ତ୩ ତଥା ସ୍ନାତକ ଯୋଗ୍ୟତାଧାରୀ ଛାତ୍ରଛାତ୍ରୀ ନାମ ଲେଖାଇଥାନ୍ତି । ହେଲେ ଗୋଟିଏ ବି ହେଲେ ସରକାରୀ ବିଶ୍ୱବିଦ୍ୟାଳୟ ଏପର୍ଯ୍ୟନ୍ତ ସ୍ନାତକ ପରୀକ୍ଷା ଫଳ ପ୍ରକାଶ କରିନାହାନ୍ତି । ଯେତେବେଳେ କି ଅଗଷ୍ଟ ୧୫ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କିଛି ଘରୋଇ ବିଶ୍ୱବିଦ୍ୟାଳୟ ଫଳ ପ୍ରକାଶ କରି ସାରିଥିବାରୁ ସେଠାକାର ପିଲାମାନେ ଉଚ୍ଚଶିକ୍ଷା ପାଇଁ ଅନେଇ ବସିଛନ୍ତି ।

## ଅଲାରନାଥ ପୀଠ ପରିଦର୍ଶନ କଲେ ୫-ଟି ସଚିବ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫ -ଟି ସଚିବ ଭି. କେ ପାଣ୍ଡିଆନ ଗୁରୁବାର ଅପରାହ୍ନରେ ଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି । ଶ୍ରୀ ପାଣ୍ଡିଆନ୍ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ପାଇଁ ସେବାୟତଙ୍କ ସହ ଆଲୋଚନା କରିଛନ୍ତି । ମନ୍ଦିରର ଉନ୍ନତି ଓ ଏହାର ଭିତିଭୂମିର ବିକାଶ ପାଇଁ ଆଲୋଚନା କରିଛନ୍ତି । ସେବାୟତମାନଙ୍କ ସହିତ ଆଲୋଚନା କରିବା ପରେ ଏକ କମିଟି ଗଠନ କରି ମନ୍ଦିରର ସମସ୍ତ ସମସ୍ୟା ଓ ଉନ୍ନତି ଏବଂ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୫- ଟି ସଚିବଙ୍କ ଗସ୍ତ କାଳରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ପୂର୍ତ ବିଭାଗ ଏବଂ ଓବିସିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର କେନ୍ଦୁଝର ଜିଲ୍ଲା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି । ପୂର୍ବାହ୍ନରେ ସେ ଜିଲ୍ଲା କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ପ୍ରକଳ୍ପ ଗୁଡ଼ିକର ବର୍ତମାନ ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ତ୍ୱରାନ୍ୱିତ କରି ୨୦୨୩ ମାର୍ଚ୍ଚ ସୁଦ୍ଧା ପ୍ରତି ଘରକୁ ପାଣି ସଂଯୋଗ ଦେବାପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ କାମ ପାଇଁ ଶ୍ରୀ ମହାପାତ୍ର ସମୟ ନିର୍ଘଂଟ ଧାର୍ଯ୍ୟ କରିଥିଲେ ଏବଂ ତଦନୁଯାୟୀ ଦୈନିକ ଓ ସାପ୍ତାହିକ କାର୍ଯ୍ୟ-ସାରଣୀ ପ୍ରସ୍ତୁତ କରିବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁରୂପଭାବେ ସହରାଞ୍ଚଳ ପାଇଁ ନିର୍ମାଣାଧିନ ୨୪ ଘଂଟିଆ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା କରି ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପଡ଼ୋଶୀ ଜିଲ୍ଲା ଏବଂ ରାଜ୍ୟମାନଙ୍କୁ ଗମନାଗମନ ନିମନ୍ତେ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ରେ କାର୍ଯ୍ୟକାରୀ ହେଉଥିବା ଜିବୀକା ନିର୍ବାହ ପ୍ରକଳ୍ପ ଓ ଦକ୍ଷତା ବିକାଶ ପ୍ରକଳ୍ପ ଆଦିକୁ ସମୀକ୍ଷା କରି ଏଗୁଡ଼ିକୁ ଅଧିକ ଆବଶ୍ୟକତା ଭିତିକ ଓ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । କାଞ୍ଜିପାଣିଠାରେ ଇକୋ-ପର୍ଯ୍ୟଟନ କେନ୍ଦ୍ର ବିକଶିତ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ ।

କାନପୁର ଜଳସେଚନ ପ୍ରକଳ୍ପର ଅଗ୍ରଗତି ବିଷୟ ସମୀକ୍ଷା ବୈଠକରେ ସ୍ଥାନ ପାଇଥିଲା । ଏଥିପାଇଁ ପ୍ରକଳ୍ପ ନିକଟ ଦେଇ ଯାଇଥିବା ଜାତୀୟ ରାଜପଥରେ ଅକ୍ଟୋବର ମାସ ଶେଷ ସୁଦ୍ଧା ପୋଲ ନିର୍ମାଣ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ୍ୟାମ୍ ସ୍ପିଲ୍-ୱେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । କେନାଲ୍ ସଂପ୍ରସାରଣ ନିମନ୍ତେ ଆବଶ୍ୟକ ସ୍ଥଳେ ଜଙ୍ଗଲ ଅନୁମତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଜଳ ସଂପଦ ଏବଂ ଜଙ୍ଗଲ ବିଭାଗ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଅପରାହ୍ନରେ ମୁଖ୍ୟ ଶାସନ ସଚିବ ସ୍ଥାନୀୟ ଡି.ଏନ୍ ହାଇସ୍କୁଲରେ ଆୟୋଜିତ ''ମୋ ସ୍କୁଲ୍'' କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅବିଭାବକମାନଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ । ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ପରିବେଶ ଏବଂ ଆଧୁନିକ ଭିତ୍ତିଭୂମି ସୃଷ୍ଟିକରି ଆଗାମୀ ଦିନରେ ଏହି ଅନୁଷ୍ଠାନକୁ ଏକ ଉତ୍କର୍ଷ ଶିକ୍ଷାକେନ୍ଦ ଭାବେ ବିକଶିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ଅବସରରେ ଶ୍ରୀ ମହାପାତ୍ର ବିଦ୍ୟାଳୟ ପରିସରରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୫.୧୭ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୧୨୦ ଶଯ୍ୟା ବିଶିଷ୍ଟ ଗୋଟିଏ ଛାତ୍ରୀନିବାସ ଏବଂ ୧୨୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଶାସନ ସଚିବ ମଧ୍ୟ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମ୍, ସ୍ମାର୍ଟ୍ ଲାଇବ୍ରେରୀ, ଆଇ.ସି.ଟି ପରୀକ୍ଷାଗାର ଆଦିର କାର୍ଯ୍ୟକାରିତା ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ, ଶ୍ରୀ ମହାପାତ୍ର ଡି.ଏନ୍ ହାଇସ୍କୁଲର ପୁରାତନ ଛାତ୍ର । ୧୯୭୫ ମସିହାରୁ ୧୯୭୮ ମସିହା ପର୍ଯ୍ୟନ୍ତ ସେ ସେହି ବିଦ୍ୟାଳୟରେ ପାଠ ପଢ଼ିଥିଲେ । ଶ୍ରୀ ମହାପାତ୍ର ମଧ୍ୟ ଏହି ବିଦ୍ୟାଳୟକୁ ନିଜର ପୋଷ୍ୟ- ବିଦ୍ୟାଳୟ ରୂପେ ଗ୍ରହଣ କରିଛନ୍ତି । 'ମୋ ସ୍କୁଲ୍' ଆଲୋଚନା ଚକ୍ରରେ ପୁରାତନ ଛାତ୍ରସଂସଦ ଅଧ୍ୟକ୍ଷ ବଳରାମ ପୃଷ୍ଟି ସଭାପତିତ୍ୱ କରିଥିଲେ । ଜିଲ୍ଲାପାଳ , ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି., ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ରଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

# ବିଜେପି ସଫଳତା ପାଇବ , ଗୋଲ୍ କରିବ : ଜୟନାରାୟଣ ମିଶ୍ର

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଓଡିଶାକୁ ଭାରତୀୟ ଜନତା ପାର୍ଟି ତାର ଫୋକସ ରଖିଛି । ସୁନୀଲ ବଂଶଲ ଜଣେ ସଫଳ ସଂଗଠକ, ଉତର ପ୍ରଦେଶରେ ବିଜେପି ଦୁଇ ଦୁଇ ଥର ସରକାର ଗଠନ କରିବାରେ ତାଙ୍କର ବଡ଼ ଅବଦାନ ରହିଛି । ବଂଶଲ ଓଡିଶାରେ ସଂଗଠନର ମାର୍ଗଦର୍ଶନ କରିବେ ଏବଂ ତାଙ୍କ ଯୋଜନା ଅନୁଯାୟୀ ଦଳ ଆଗକୁ ବଢିବ ଏବଂ ବିଜେପି ରାଜନୈତିକ ସଫଳତା ପାଇବ । ବିଜେପି ପାଇଁ ସୁଯୋଗ ସୃଷ୍ଟି ହୋଇଛି, ଆଉ ଆମେ ତାହାର ଫାଇଦା ନେବୁ, ଗୋଲ କରିବୁ ବୋଲି ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ।

ସେ କହିଛନ୍ତି, ବଂଶଲ ଆସିଲେ ସବୁ କିଛି କରିଦେବେ ବୋଲି କହୁନାହିଁ କିନ୍ତୁ ଗୋଟେ ପଲିସି କରିପାରିବେ, ଢାଂଚା ତିଆରି କରିପାରିବେ, ସେଥିରେ ଯେଉଁ ମାଟି ପକାଇବ ସେ ମୂର୍ତି ତିଆରି ହେବ । ଯିଏ ଢାଂଚା ତିଆରି ଜାଣିଛି ସେ ଭଲ ମୂର୍ତି ବି ତିଆରି କରିପାରିବ । ଫୁଟବଲ ଖେଳରେ କିଏ ପ୍ରଥମରୁ ଆକ୍ରମଣ କରେ ତ ପୁଣି କିଏ ସୁଯୋଗ ଅପେକ୍ଷାରେ ଥାଏ । ତେବେ ଗୋଲ କରିବାକୁ ସୁଯୋଗ ମିଳିଲେ ଆକ୍ରମଣକୁ ଜୋରଦାର କରିବା ଆବଶ୍ୟକ । ଆଉ ଏବେ ଆମ ପାଖକୁ ଗୋଲ କରିବାର ସୁଯୋଗ ଆସିଛି , ନିଶ୍ଚୟ ଗୋଲ ମାରିବୁ ଆଉ ଏଥିରେ କୋଚର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ କୋଚ ହିଁ ଷ୍ଟ୍ରାଟେଜି ତିଆରି କରିବ, ଆମେ କେଉଁ ମାଧ୍ୟମରେ ଖେଳିବୁ କୋଚ ନିଷ୍ପତି ନେବେ ।

# ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଜୀବନ ହାରୁଛନ୍ତି ୫% ଶିଶୁ

ଭୁବନେଶ୍ୱର ,୧୨/୦୮ (ନି.ପ୍ର): ରାଜ୍ୟରେ ଶିଶୁ ମୃତ୍ୟୁକୁ ନେଇ ଆଉ ଏକ ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି । ପ୍ରତିବର୍ଷ ରାଜ୍ୟରେ ଯେତିକି ସଂଖ୍ୟକ ଶିଶୁ(୫ବର୍ଷରୁ କମ୍)ଙ୍କ ମୃତ୍ୟୁ ହେଉଛି ତାହାର ୫ ପ୍ରତିଶତ ଶିଶୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଜୀବନ ହାରୁଛନ୍ତି । ଏହି ତଥ୍ୟ କେ?ଣସି ସଂସ୍ଥା କିମ୍ବା ଅନୁଷ୍ଠାନର ସର୍ବେକ୍ଷଣ ନୁହେଁ, ଖୋଦ୍ ସରକାରଙ୍କ ରିପୋର୍ଟ । ବିଭିନ୍ନ କାରଣ ପାଇଁ ଶିଶୁଙ୍କ ଏଭଳି ମୃତ୍ୟୁ ହେଉଥିବା କୁହାଯାଉଛି । ଗତ ୫ବର୍ଷରେ ରାଜ୍ୟରେ ଏହି ଚିତ୍ରରେ କୌଣସି ପ୍ରକାର ପରିବର୍ତନ ଆସିନାହିଁ । ଜାତୀୟସ୍ତରରେ ଯେଉଁ କେତୋଟି ରାଜ୍ୟର ସହରାଞ୍ଚଳରେ ୫ବର୍ଷରୁ କମ୍ ଶିଶୁ ଅଧିକ ସଂଖ୍ୟାରେ ପ୍ରାଣ ହରାଉଛନ୍ତି ତହିଁରେ ଓଡ଼ିଶା ଶୀର୍ଷରେ ରହିଛି । ତେଣୁ ରାଜ୍ୟରେ ୫ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁକୁ କିଭଳି ରୋକାଯିବ ତାହା ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିଛି । ଶିଶୁ ମୃତ୍ୟୁ ହାର ବା ଆଇଏମ୍ଆରରେ ଓଡ଼ିଶା ବେଶ୍ ଭଲ ପ୍ରଦର୍ଶନ କରିଛି । ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ଓଡ଼ିଶାରେ ୧ହଜାର ଜୀବନ୍ତ ଶିଶୁଙ୍କ ମଧ୍ୟରେ ୩୬ଜଣଙ୍କ ମୃତ୍ୟୁ ହେଉଥିବା ଦର୍ଶାଯାଇଛି । ସେହିପରି ଜନ୍ମର ୨୮ଦିନ ଭିତରେ ହେଉଥିବା ମୃତ୍ୟୁ ବା ନିଓ ନାଟାଲ ମୃତ୍ୟୁହାର (ଏନ୍‌ଏମ୍‌ଆର) ଓଡ଼ିଶାରେ ୨୮ ରହିଛି । ତେବେ ୫ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ ଏହି ଚିତ୍ର ବଦଳି ଯାଉଛି । ୨୦୧୯/୨୦ରେ ପ୍ରକାଶ ପାଇଥିବା ଜାତୀୟ ପରିବାର କଲ୍ୟାଣ ପରିସଂଖ୍ୟାନ ରିପୋର୍ଟ ଅନୁଯାୟୀ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ୫ବର୍ଷରୁ କମ୍ ସର୍ବାଧିକ ୬୧ଜଣ ଶିଶୁଙ୍କ ମୃତ୍ୟୁ ହେଉଛି । ଏହି ସମୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ୪୯ଜଣ ଶିଶୁଙ୍କ ମୃତ୍ୟୁ ହେଉଥିବା ବେଳେ ସହରାଞ୍ଚଳରେ ୩୬ଜଣ ପ୍ରାଣ ହରାଉଛନ୍ତି । ଓଡ଼ିଶାର ସହରାଞ୍ଚଳରେ ପ୍ରାଣ ହରାଉଥିବା ଶିଶୁଙ୍କ ମୃତ୍ୟୁ ଦେଶରେ ସର୍ବାଧିକ ରହିଛି । ସରକାରୀ ତଥ୍ୟ କହୁଛି ଯେ ରାଜ୍ୟରେ ଇନ୍ ଟ୍ରାଞ୍ଜିଟ୍ ବା ଅଧବାଟରେ ପ୍ରାଣ ହରାଉଥିବା ଶିଶୁଙ୍କ ହାର ୫-୬ ପ୍ରତିଶତ ରହିଛି । ୨୦୧୭/୧୮ରେ ୯୮୦, ୨୦୧୮/୧୯ରେ ୮୩୯, ୨୦୧୯/୨୦ରେ ୧୦୧୭, ୨୦୨୦/୨୧ରେ ୯୭୯ ଓ ୨୦୨୧/୨୨ରେ ୭୯୮ ଶିଶୁଙ୍କ ମୃତ୍ୟୁ ହୋଇଛି । ଶିଶୁକନ୍ୟାଙ୍କ ଅପେକ୍ଷା ଶିଶୁପୁତ୍ର ଅଧିକ ସଂଖ୍ୟାରେ ପ୍ରାଣ ହରାଉଛନ୍ତି । ରାୟଗଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଭଦ୍ରକ ଆଦି ଜିଲ୍ଲାରେ ଏହାର ସ୍ଥିତି ଉଦ୍‌ବେଗଜନକ ରହିଛି । ସେହିପରି ରାଜ୍ୟରେ ପ୍ରାୟ ଶହେ ଜଣ ମା'ଙ୍କ ପ୍ରତିବର୍ଷ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହେଉଛି । ୨୦୨୦/୨୧ରେ ଏହା ୯୭ ଥିବା ବେଳେ ୨୦୨୧/୨୨ରେ ୯୩ଜଣ ଏଥିରେ ପ୍ରାଣ ହରାଇଛନ୍ତି । ରାଜ୍ୟରେ ମା' ଓ ଶିଶୁଙ୍କ ସୁରକ୍ଷା ପାଇଁ ଜନନୀ ଏକ୍ସପ୍ରେସ୍ ଚଳାଚଳ କରୁଛି । ସବୁ ଜିଲ୍ଲାକୁ ମିଶାଇ ଏହାର ୫ଶହଟି ଆମ୍ବୁଲାନ୍ସ ଚାଲୁଛି । ତଥାପି ଶିଶୁ ମୃତ୍ୟୁକୁ ରୋକିବାରେ ଏହା ସଫଳ ହୋଇପାରୁ ନାହିଁ ।

# ପ୍ରେରଣା ପକ୍ଷରୁ ଗଛରେ ରାଖି ବନ୍ଧନ, ବୃକ୍ଷ ବଂଟନ ଓ ବୃକ୍ଷ ସୁରକ୍ଷା ଶୋଭାଯାତ୍ରା

ଭୁବନେଶ୍ୱର,୧୨/୦୮ (ନି.ପ୍ର): ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତନ, ଉତାପ ବୃଦ୍ଧି ଆଦିକୁ ଆଖିରେ ରଖି ବ୍ୟାପକ ବୃକ୍ଷ ରୋପଣ ବିଶେଷକରି ବୃକ୍ଷ ସୁରକ୍ଷା ପାଇଁ ଜନ ଜାଗରଣ ସୃଷ୍ଟି କରିବା ନିମନ୍ତେ ଏକ ନିଆରା ଢଙ୍ଗରେ ରାଖି ପୂର୍ଣ୍ଣିମା ପାଳନ ପୂର୍ବକ ଗଛରେ ରାଖି ବାନ୍ଧିବା, ବିନା ମୂଲ୍ୟରେ ଶତାଧିକ ବୃକ୍ଷ ବଂଟନ କରିବା ଓ ବୃକ୍ଷ ସୁରକ୍ଷା ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କରେ ଶତାଧିକ ଯୁବତୀ, ମହିଳା ଓ ସ୍ୱେଚ୍ଛାସେବୀ ଯୋଗଦେଇ ଗଛରେ ରାଖି ବାନ୍ଧିବା ସହିତ ଗଛ ବି ଆମର ଭାଇ, ଭାଇ ପରି ଗଛ ବି ଆମକୁ ସୁରକ୍ଷା ଦିଏ, ଆଗ ଲଗାଇବା ଗଛ, ଆଉ ସବୁ କଥା ପଛ, ଆମେ ଲଗାଇଥିବା ଗଛକୁ ମାରିବାକୁ ଦେବା ନାହିଁ ଆଦି ସ୍ଲୋଗାନ ଦେଇ ଇନ୍ଦିରା ଗାନ୍ଧୀ ପାର୍କରୁ ମାଷ୍ଟର କ୍ୟାଂଟିନ ଛକ ଦେଇ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ । ଏଥି ସହିତ ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ପାଂଚ ଶହରୁ ଅଧିକ ନିମ୍ବ, ବଉଳ, ଫାଶି, କଦମ୍ବ, ଆମ୍ବ, ପିଜୁଳି ଆଦି ଗଛ ବିନା ମୂଲ୍ୟରେ ବଂଟନ କରିଥିଲେ । ପରିଶେଷରେ ଆୟୋଜିତ ସଭାରେ ପ୍ରେରଣାର ଅଧ୍ୟକ୍ଷ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ବକ୍ତବ୍ୟ ଦେଇ କହିଥିଲେ ଯେ, ମିଳିତ ଜାତିସଂଘର ଶେଷ ରିପୋର୍ଟ ଅନୁସାରେ ୨୦୨୨ ମସିହା ଶେଷ ସୁଦ୍ଧା ବିଶ୍ୱର ଅନେକ ସମୁଦ୍ର ତଟସ୍ଥ ସହର, ଭାରତବର୍ଷର ବମ୍ବେ, କୋଚି ଓ ଓଡ଼ିଶାର ପାରାଦ୍ୱୀପ ଆଦି ୫ ଫୁଟ୍ ପାଣି ଭିତରେ ରହିବ ବୋଲି ପରିବେଶ ବିଜ୍ଞାନୀମାନେ ମତ ଦେଇଛନ୍ତି । ତେଣୁ ସାମୁଦ୍ରିକ ଝଡ଼ ଆଦି କବଳରୁ ରକ୍ଷା ପାଇବା ପାଇଁ ଗଛ ହିଁ ଏକ ଅମୋଘ ଅସ୍ତ୍ର ଯାହା ପୃଥିବୀ ତଥା ଜୀବଜଗତକୁ ବଂଚାଇ ରଖିପାରିବ । ତେଣୁ ବୃକ୍ଷ ରୋପଣ ଓ ବୃକ୍ଷ ସୁରକ୍ଷା ପାଇଁ ଆମ୍ଭେମାନେ ସମସ୍ତେ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ସଂଘ ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ ସମାଜସେବୀ ସ୍ମିତା ଭ୍ରମରବର ରାୟ, ବର୍ଷା ପୃଷ୍ଟି, ନମିତା ରାୟ, ଗଣେଶ ସାମନ୍ତ, ନିଲୁ ଖୁଂଟିଆ, ଜଲିଲ ଖାନ, ପ୍ରଦୀପ ରାଉତରାୟ, ଶୋଭାମୟୀ ସୁନ୍ଦରାୟ, ଲକ୍ଷ୍ମୀ ବିଳାସୀ ପଟ୍ଟନାୟକ, ଗବେଷକ ହରିହର ମିଶ୍ର ପ୍ରମୁଖ ବହୁ ସାମାଜିକ କର୍ମୀ ବକ୍ତବ୍ୟ ପ୍ରଦାନ କରି ବୃକ୍ଷ ରୋପଣ, ବୃକ୍ଷ ସୁରକ୍ଷା ଆଦିର ଆବଶ୍ୟକତା ଉପକାରିତା ଓ ପ୍ରତ୍ୟେକଙ୍କର କର୍ତବ୍ୟ ସମ୍ପର୍କରେ ନିଜର ମତ ରଖି ଏହା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହେବା ଉଚିତ୍ ବୋଲି କହିଥିଲେ ।

## ବସ୍ତାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ପ୍ରଭାତ ଫେରି

ବସ୍ତା, ୧୨/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ବସ୍ତାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ଅନୁଷ୍ଠିତ ହୋଇ ଅଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ର, ପ୍ରଶାନ୍ତ ଗିରି,ସରୋଜ ପାତ୍ର, ପୁଷ୍ପିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ସ୍ଲୋଗାନ ଦେବାସହ ଗାନ୍ଧୀ ଭଜନ ରାମଧୁନ ଗାନ କରି ବା ସହିତ ପ୍ରଭାତ ଫେରିରେ ବସ୍ତା ବଜାର ପରିକ୍ରମାକରିଥିଲେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୩୦୦ଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଶଂଗ୍ରହଣକରିଥିବାବେଳେ ନିକଟସ୍ଥ ବସ୍ତାରେ ଆଦର୍ଶବିଦ୍ୟାଳୟରେ ମଧ୍ୟ ଅମୃତ ମହୋତ୍ସବ ପ୍ରଭାତ ଫେରି ହୋଇଯାଇ ଅଛି ।

## ଇତିହାସ ସମ୍ମାନରେ ଚନ୍ଦ୍ରକାନ୍ତି ବିଶ୍ୱ - ବିଦ୍ୟାଳୟ ଟପ୍ପର



ବାଲିଆପାଳ, ୧୨/୦୮ (ନି.ପ୍ର): ଫକିରମୋହନ ବିଶ୍ୱ ବିଦ୍ୟାଳୟର ଆଜି ପ୍ରକାଶ ପାଇଥିବା ଯୁକ୍ତ ତିନି ପରୀକ୍ଷା ଫଳରେ ବାଲିଆପାଳ ବ୍ଲକ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଚନ୍ଦ୍ରକାନ୍ତି ପଣ୍ଡା ବିଶ୍ୱ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ଚନ୍ଦ୍ରକାନ୍ତି ବାଲିଆପାଳ ବ୍ଲକ କାଉମାରୀ ଗ୍ରାମର ସତ୍ୟବ୍ରତ ପଣ୍ଡା ଏବଂ ରଂଜନା ପଣ୍ଡାଙ୍କ କନ୍ୟା ଅଟନ୍ତି । ସତ୍ୟବ୍ରତ ଜଣେ ଗରିବ ବ୍ରାହ୍ମଣ ହୋଇଥିଲେ ମଧ୍ୟ ଝିଅର ପାଠ ପଢ଼ାରେ କେବେ ଅବହେଳା କରିନାହାନ୍ତି । ଚନ୍ଦ୍ରକାନ୍ତି ଭବିଷ୍ୟତରେ ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାର ଲକ୍ଷ ରଖିଛନ୍ତି । ସେ ତାଙ୍କ ସଫଳତାର ଶ୍ରେୟ ପିତାମାତା ମହାବିଦ୍ୟାଳୟର ଅଧକ୍ଷା ଏବଂ ସମସ୍ତ ଅଧାପକ ଅଧାପିକାଙ୍କୁ ଦେଇଛନ୍ତି ।

# ତୃତୀୟ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ



ଭଦ୍ରକ, ୧୨/୦୮ (ନି.ପ୍ର): ଜିଲ୍ଲାପରିଷଦ, ଭଦ୍ରକର ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧକ୍ଷତାରେ ଡି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ଆଜି ୩ୟ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଭଦ୍ରକ ବିଧାୟକ ସଂଜୀବ୍ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦର ଉପସଭାପତି ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦ୍ରମଣି ନାୟକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ସହିତ, ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ସାମୂହିକ ଭାବେ ଜିଲ୍ଲାର ବିଭିନ୍ନ କାର୍ଯ୍ୟ ପାଇଁ ପ୍ରୟାସ ଜାରି ରଖିଲେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ହୋଇପାରିବ। ସମାଜର ସର୍ବନିମ୍ନ ସ୍ତରରେ ପଡ଼ି ରହିଥିବା ଲୋକଙ୍କୁ ଉପରକୁ ଉଠାଇ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ ପଞ୍ଚାୟତି ଶାସନ ବ୍ୟବସ୍ଥାର ମୁଖ୍ୟଲକ୍ଷ୍ୟ। ଗୁଣାତ୍ମକ ମାନ ରକ୍ଷା ସହିତ ସମସ୍ତ କାର୍ଯ୍ୟ ଯଥା ସମୟରେ ସମାପ୍ତ ହେବା ଆବଶ୍ୟକ। ସଠିକ୍ ଭାବେ କାମ ନକଲେ ଜନସାଧାରଣ କଷ୍ଟ ଭୋଗିବା ସହିତ, ଜନପ୍ରତିନିଧି ଏବଂ ସରକାରଙ୍କୁ ଲୋକହସା ହେବାକୁ ପଡୁଛି। ବୈଠକରେ ମଞ୍ଚାସୀନ ଜନପ୍ରତିନିଧିମାନେ ନିଜ ନିଜ ବକ୍ତବ୍ୟ ପ୍ରସଙ୍ଗରେ ଏହିପରି ମତାମତ ପ୍ରକାଶ କରି ଆନ୍ତରିକତାର ସହିତ ସମସ୍ତ କାମ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଅଧିକାରୀ ହୁଅନ୍ତୁ କି ଜନପ୍ରତିନିଧି ଲୋକଙ୍କୁ ଆମକୁ ହିଁ ଉତ୍ତର ଦେବାକୁ ପଡ଼ିବ ବୋଲି ଜିଲ୍ଲାପାଳ ବୈଠକରେ ପ୍ରକାଶ କରି ସବୁ କାମ ପାଇଁ ସମୟ ଧାର୍ଯ୍ୟ କରିବା ସହିତ ନିୟମିତ ତଦାରଖ କରିବାକୁ ବୈଠକରେ ଉପସ୍ଥିତ ବିଭାଗୀୟ ମୁଖ୍ୟ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ ଡିଭିଜନ ୨, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସାଳନ୍ଦୀ କେନାଲ ଡିଭିଜନ, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୂର୍ତ୍ତ ଆଦି ବିଭାଗୀୟ ଯୋଜନା ଅନ୍ତର୍ଗତ ହାତକୁ ନିଆଯାଇଥିବା ନୂତନ ପ୍ରକଳ୍ପ, ନିର୍ମାଣାଧୀନ ପ୍ରକଳ୍ପ, ଅସଂପୂର୍ଣ୍ଣ ପ୍ରକଳ୍ପ ସବୁପାଇଁ ସମସ୍ୟା, ବିଭିନ୍ନ କାମ ପାଇଁ ବ୍ୟୟ ଅଟକଳ ଆଦି ସମ୍ବନ୍ଧରେ ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଆଧାରରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆବଶ୍ୟକ ମତେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଯୋଗ ଦେଇଥିବା ନବ ନିର୍ବାଚିତ ଜିଲ୍ଲାପରିଷଦ ସଦସ୍ୟ ଓ ପଞ୍ଚାୟତ ସମିତି ଅଧକ୍ଷମାନେ ନିଜ ନିଜ ଅଞ୍ଚଳର ବିଶେଷକରି ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ରାସ୍ତା ମରାମତି, ନଦୀବନ୍ଧ ରାସ୍ତା ନିର୍ମାଣ, ଆଡ଼ିବନ୍ଧ ନିର୍ମାଣ ଆଦି ବିଷୟରେ ବିଭିନ୍ନ ଅଭିଯୋଗ ଉତ୍ଥାପନ କରିଥିଲେ। ବୈଠକ ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବା ସହିତ ମଞ୍ଚାସୀନ ଅତିଥି ଓ ନବନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ବୈଠକ ଶେଷରେ ଜିଲ୍ଲାପରିଷଦ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରି ମେଡିକାଲରେ ଚରମ ଅବ୍ୟବସ୍ଥା; ଆମରଣ ଅନଶନ ପୂର୍ବରୁ ପ୍ରଶାସନର ହସ୍ତକ୍ଷେପ

ନୀଳଗିରି, ୧୨/୦୮ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ବହୁବାର ଦାବୀ ପୂରଣ ପାଇଁ ଉପଖଣ୍ଡ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ଠାରେ ଗୁହାରି ଜଣାଇଥିବା ବେଳେ କୌଣସି ପ୍ରତିକାର ନ ହେବାରୁ ଶେଷରେ ଅଗଷ୍ଟ ୧୫ ତାରିଖ ଦିନ ରକ୍ତଦାତା ସଂଘ ପକ୍ଷରୁ ନୀଳଗିରି ମେଡିକାଲ ଗେଟ୍ ଆଗରେ ଆମରଣ ଅନଶନ, ଗଣଧାରଣ ଦେବାର ଚୂଡ଼ାନ୍ତ ନିଷ୍ପତି ନିଆଯିବା ସହ ପ୍ରଶାସନ ଅଧିକାରୀମାନଙ୍କୁ ଏ ବାବଦରେ ଲିଖିତ ଭାବେ ଜଣାଇ ଦିଆଯାଇଥିଲା । ଆମରଣ ଅନଶନ ଓ ଗଣଧାରଣାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ୧୨.୮.୨୨ରିଖରେ ନୀଳଗିରି ରକ୍ତ ଭଣ୍ଡାରସମ୍ମିଳନୀ କକ୍ଷରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ବାଲେଶ୍ୱର ସି.ଡି.ଏମ.ଓ. ଡା. ଦୁଲାଲ ସେନ ଜଗଦେବ ବାଲେଶ୍ୱର ମେଡିକାଲର ଏ.ଡି.ଏମ. ଡା. ମୃତ୍ୟୁଞ୍ଜୟ ମିଶ୍ର ନୀଳଗିରି ଏସ.ଡି.ଏମ.ଓ. ଡା. ସରୋଜିନୀ ପ୍ରଧାନ, ରକ୍ତଦାତା ସଂଘର ସଂପାଦକ ବିଜୟ କୁମାର ପାତ୍ର, ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ରାଜୀବ କୁମାର ସିଂହ, ଗୋପାଳଚନ୍ଦ୍ର ମହାପାତ୍ର, ପରମାନନ୍ଦ ବେହେରା, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ । ନୀଳଗିରି ମେଡିକାଲରେ ଭେଷଜ ବିଶେଷଜ୍ଞ ନିଶ୍ଚେତକ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶଲ୍ୟ, ଅସ୍ଥିଶଲ୍ୟ, ଶିଶୁରୋଗ ବିଶେଷଜ୍ଞ ପଦବୀ ଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ଆସନ୍ତା ୩୦.୦୮.୨୨ରିଖ ପୂର୍ବରୁ ପୂରଣ କରାଯିବ । ଦନ୍ତ ଚିକିତ୍ସାର ଉପକରଣ ଖୁବ୍ ଶୀଘ୍ର ମହଜୁଦ ରହିବ, ଆଇ.ସି.ୟୁ. ଶଯ୍ୟା ଖୁବ୍‌ଶୀଘ୍ର ଖୋଲାଯିବା, ସ୍ଥାୟୀ ପୋଲିସ ମୁତୟନର ବ୍ୟବସ୍ଥା, ମେଡିକାଲକୁ ସ୍ୱତନ୍ତ୍ର ବିଦ୍ୟୁତ୍ ଫିଡର ସଂଯୋଗୀକରଣ ସମେତ ଅନ୍ୟାନ୍ୟ ଦାବୀ ଗୁଡ଼ିକ ଆସନ୍ତ ଅଗଷ୍ଟ ୩୦ ତାରିଖ ପୂର୍ବରୁ ପୂରଣ କରାଯିବାର ଲିଖିତ ପ୍ରତିଶୃତି ଦେବା ପରେ ଅଗଷ୍ଟ ୧୫ରେ ଥିବା ଆମରଣ ଅନଶନକୁ ସଂଘ ପକ୍ଷରୁ ପ୍ରତ୍ୟାହାର କରାଗଲା ବୋଲି ବିଜୟ କୁମାର ପାତ୍ର, ରବି ରାଉତ, ପ୍ରମୁଖ ସୂଚନା ଦେଇଛନ୍ତି ।

# କାଇପଦର ହାଇସ୍କୁଲ ଖାଲି ଶିକ୍ଷକ ପଦ ପୂରଣ ପାଇଁ ଦାବି

ଖୋର୍ଦ୍ଧା, ୧୨/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ କାଇପଦର ହାଇସ୍କୁଲରେ ଦୀର୍ଘଦିନ ହେଲାଣି ବିଜ୍ଞାନ ଶିକ୍ଷକ ଓ ସଂସ୍କୃତ ଶିକ୍ଷକ ଖାଲି ପଡ଼ିଅଛି। ଏବେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କଲ୍ୟାଣୀ ଦେବୀ ଅବସର ନେଇଛନ୍ତି। ସେ ଜଣେ ଦକ୍ଷ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷୟତ୍ରୀ ଥିଲେ । ତା ପୂର୍ବରୁ ଶାନ୍ତି ଦେବୀ ପ୍ରଧାନ ସିକ୍ଷୟିତ୍ରୀ ଥିଲେ। ତାଙ୍କ ପ୍ରତିଭା ଯୋଗୁ ଶବୁ କିଛି ମାନେଜ ହୋଇ ଯାଉଥିଲା। ଏହି ସ୍କୁଲ ଛତ୍ର ସଂଖ୍ୟା ଖୋର୍ଦ୍ଧା ବ୍ଲକର ଯେତେ ହାଇସ୍କୁଲ ଅଛି ସବୁଠାରୁ ଅଧିକ। ଏହାର ଦଶମ ଶ୍ରେଣୀ ଫଳ ସବୁଠାରୁ ବେଶୀ। ପ୍ରଧାନ ଶିକ୍ଷୟିତ୍ରୀ ଦୁଇ ଜଣ ସବୁ ବିଷୟରେ ପାରଗମ୍ ଥିଲେ। ଏହି ସ୍କୁଲ ସହକାରୀ ଶିକ୍ଷକ ବେଣୁଧର ମହାପାତ୍ର ବିଏ, ବିଇଡି, ବ୍ରାହ୍ମଣ ଲୋକ ହୋଇ ଥିବାରୁ ସଂସ୍କୃତ କିଛି ମାତ୍ର କଷ୍ଟ ମଷ୍ଟେ ଚଳାଇ ନିଅନ୍ତି। ସଂସ୍କୃତ ଶିକ୍ଷକ ନ ଥିବାରୁ ବହୁ ଛାତ୍ର ହିନ୍ଦୀ ବିଷୟ ନେଉଛନ୍ତି। ଆଜି ସ୍କୁଲ ଅଭିଭାକ କମିଟି, ସ୍ଥାନୀୟ ସରପଞ୍ଚ, ଉକ୍ତଗ୍ରାମର ମହିଳା ବ୍ଲକ୍ ଅଧାକ୍ଷା ଖୋର୍ଦ୍ଧା ବ୍ଲକ, ପୂର୍ବ ତନ ସରପଂଚ ରାଜକିଶୋର ପାତ୍ର, ବିଜୁ ଅରିଶଲ, ବାପି ଚମ୍ପତି, ଗ୍ରାମ କମିଟି ସଭାପତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ଯୋଗିନାଥ ବାହୁବଳେନ୍ଦ୍ର, ସଂପାଦକ ରାଉତାୟ ,ଉକ୍ତ ଗ୍ରାମର ଜନ୍ମିତ ଉଚ୍ଚଶିକ୍ଷିତ ଓ ବରିଷ୍ଟ ସାମ୍ବାଦିକ ଈଶ୍ୱର ମଙ୍ଗରାଜ, ଅବସର ନେଇଥିବା ଉକ୍ତ ଗ୍ରାମର ପ୍ରଧାନ ଶିକ୍ଷକ ବିପିନି ଶ୍ରୀଚନ୍ଦନ , କାଇପଦର ଗ୍ରାମର ମୁଖିଆ ବୁଲା ସାମନ୍ତରାୟ, ଉମର ଅଲି, ବାବୁଲି ଖାଁ, ପାଲା କମିଟି ର ସଭାପତି ନରେନ୍ଦ୍ର ଯେନା, ସଂପାଦକ ବିପିନ ରଣସିଂହ, ଝଜସାମନ୍ତରାୟ କୈଳାସ ଶ୍ରୀଚନ୍ଦନ ଓ ଗ୍ରାମର ବହୂ ଦକ୍ଷ ଯୁବକ ଏକାଠି ହୋଇ ଶିକ୍ଷକ ପୂରଣ ପାଇଁ ଦାବି ଉପସ୍ଥାପନ କରିଥିଲେ।

## ଚାଷୀ ଝିଅ ନମିତା ଫକିରମୋହନ ବିଶ୍ୱବିଦ୍ୟାଳୟର ଟପ୍ପର



ବାଲିଆପାଳ, ୧୨/୦୮ (ନି.ପ୍ର): ଆଜି ଫକିର ମୋହନ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ ପାଇଛି । କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ନମିତା ସାମଲ ଓଡ଼ିଆ ବିଭାଗରେ ଓଡ଼ିଆ ସମ୍ମାନରେ ସର୍ବୋଚ୍ଚ ୧୫୦୭ ନମ୍ବର ରଖି ବିଶ୍ୱବିଦ୍ୟାଳୟ ର ଟପ୍ପର ସାଜିଛନ୍ତି । ନମିତା ବାଲିଆପାଳ ବ୍ଲକ ନୂଆଗାଁ ପଂଚାୟତ ଟିକରପଡା ଗ୍ରାମର ଗଙ୍ଗାଧର ସାମଲ ଏବଂ ମିନତି ସାମଲଙ୍କ ପଂଚମ କନ୍ୟା । ଗଙ୍ଗାଧର ଜଣେ ଚାଷୀ । ଅତ୍ୟନ୍ତ ଗରିବ ପରିବାରରୁ ଆସି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହେବା ତାଙ୍କ ପାଇଁ ଏକ ଗୌରବ ର କଥା ବୋଲି ନମିତା କହିଛନ୍ତି । ଆର୍ଥିକ ଅନାଟନ ଭିତରେ ପାଠ୍ୟ ଉପକରଣ ଯୋଗାଇଦେବାରେ ତାଙ୍କ ବାପା କେବେ ହେଳା କରିନଥିବା ନମିତା କହିଛନ୍ତି । ଭବିଷ୍ୟତରେ ସେ ଜଣେ ଆଦର୍ଶ ଶିକ୍ଷୟତ୍ରୀ ହେବାର ଆଶା ରଖିଛନ୍ତି ।

# ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ଭଦ୍ରକବାସୀଙ୍କ ହକ୍




ଭଦ୍ରକ,୧୨/୦୮ (ନି.ପ୍ର): ଭଦ୍ରକରେ ସରକାରୀ ମେଡିକାଲ କଲେଜ ଓ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଭଦ୍ରକବାସୀଙ୍କ ହକ୍। ବିଗତ ବର୍ଷମାନଙ୍କରେ କ୍ରମାଗତ ଭାବେ କଂଗ୍ରେସ ଏହି ଦୁଇ ଦାବିକୁ ନେଇ ଲଢ଼େଇ କରି ଆସିଛି। ଏବେ ମଧ ଏଥି ନେଇ ସଂଗ୍ରାମ ଜାରୀ ରଖିଛି। କିନ୍ତୁ ଜିଲ୍ଲାର ଶାସକ ଦଳର ନିର୍ବାଚିତ ବିଧାୟକ ଓ ସାଂସଦ ଏହି ଦୁଇ ଦାବିରେ ନିରବ ରହିଛନ୍ତି। ଜିଲ୍ଲାର ୪ ଶାସକ ଦଳ ଜଣେ ବିରୋଧୀ ଦଳ ବିଧାୟକ ଏହି ଦୁଇ ପ୍ରସଙ୍ଗରେ ପାଟି ଚୁପ କରି ବସିଥିବାବେଳେ, କେବଳ ବାହାବା ନେବାକୁ ସାଂସଦ ଦିଲ୍ଲୀରେ ବିଭିନ୍ନ ପ୍ରସଙ୍ଗରେ ଦାବିପତ୍ର ଦେଇ ଏହାକୁ ଗଣମାଧ୍ୟମରେ ପ୍ରକାଶିତ କରି ଶସ୍ତା ଲୋକପ୍ରିୟତା ହାସଲ ପାଇଁ ଚେଷ୍ଟା କରୁଛନ୍ତି ବୋଲି ଶୁକ୍ରବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ କୁହାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷତା କରି କହିଥିଲେଯେ ଗତବର୍ଷ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ଉପରୋକ୍ତ ଦୁଇ ଦାବି ଉପରେ କଂଗ୍ରେସ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ଶେଷ ପର୍ଯ୍ୟନ୍ତ ସାଲିଶ ବିହୀନ ସଂଗ୍ରାମ ଜାରୀ ରଖିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରଥମତଃ ଭୌଗଳିକ ଅବସ୍ଥିତି ପାଇଁ ଭଦ୍ରକ ଜିଲ୍ଲା ସଦର ମହକୁମାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରକୃଷ୍ଟ ସ୍ଥାନ। ଏହି ଦାବିକୁ ନେଇ କଂଗ୍ରେସ ପୂର୍ବରୁ ବନ୍ଦ ଡାକରା ଦେଇଥିଲା ଓ ଏହାକୁ ଭଦ୍ରକବାସୀ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ। ବିନା କୌଣସି ଦାବି କିମ୍ବା ଜନ ଆନ୍ଦୋଳନରେ ପଡୋଶୀ ଜିଲ୍ଲାମାନଙ୍କରେ ସରକାରୀ ମେଡିକାଲ କଲେଜ ସ୍ଥାପନ ହୋଇଥିବାବେଳେ, ଭଦ୍ରକରେ ଏହା ପ୍ରତିଷ୍ଠା ସମ୍ଭବ ହୋଇ ପାରିନାହିଁ। ଶ୍ରୀ ଦାସ କହିଥିଲେଯେ ସ୍ୱାସ୍ଥ୍ୟ ପରି ଏକ ମୌଳିକ ସେବା ପାଇଁ ଭଦ୍ରକ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲ୍ଲାର ୧୫ ଲକ୍ଷ ଓ ପଡ଼ୋଶୀ ୪ଟି ଜିଲ୍ଲାର ୮ଲକ୍ଷ ଏହି ପରି ପ୍ରାୟ ୨୩ ଲକ୍ଷ ଲୋକ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଭୌଗଳିକ ଅବସ୍ଥିତି, ଗମନାଗମନ ଓ ପାରାପାର୍ଶ୍ୱିକ କାରଣରୁ ଏହାହିଁ ପ୍ରକୃଷ୍ଟ ସ୍ଥାନ। ଉପଯୁକ୍ତ ଭିତ୍ତିଭୂମୀ ଥିଲେ ମଧ ଡାକ୍ତର ଓ ବହୁ ଷ୍ଟାଫ ନର୍ସ ପଦବୀ ଏବେ ଫାଙ୍କା ପଡ଼ିଛି। ଏହି ବାସ୍ତବ ଦାବି ଉପସ୍ଥାପନ କରିବାରେ ଶାସକ ଦଳର ବିଧାୟକ ଓ ସାଂସଦ ନୈତିକତା ଓ ସାହସ ହରାଇ ବସିଛନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି। ସେହିପରି ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତି କହିଥିଲେଯେ ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୭୫ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିବା ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କ ମାନସ ସନ୍ତାନ ଭଦ୍ରକ ମହାବିଦ୍ୟାଳୟ ହେଉଛି ରେଭେନ୍ସା ପରେ ରାଜ୍ୟରେ ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟ। ଚଳିତ ବର୍ଷ ଏହି ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ କରୁଛି। ଡ. ମହତାବ ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିଲେ। ନିଜ ଟିକେଟ ବଞ୍ଚାଇବାକୁ ଜିଲ୍ଲାର ଶାସକ ଦଳର ବିଧାୟକମାନେ ମେଡିକାଲ କଲେଜ ସ୍ଥାପନ ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ମୁଖ୍ୟମନ୍ତ୍ରୀଙ୍କ ଠାରେ ଉପସ୍ଥାପିତ ନ କରି ଯାଜପୁର ବିଧାୟକଙ୍କ ଶରଣ ପଶି ନିଜର ସ୍ୱାଭିମାନକୁ ବଳି ପକାଉଛନ୍ତି। ଏଥିରୁ ବୁଝା ପଡୁଛି ଭଦ୍ରକ ଜିଲ୍ଲାବାସୀଙ୍କ ଭାଗ୍ୟ ଯାଜପୁରରୁ ନିୟନ୍ତ୍ରିତ ହେଉଛି ବୋଲି ଶ୍ରୀ ମହାନ୍ତି କହିଥିଲେ। ତେଣୁ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ପୂରଣ ନହେଲେ, କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଥିଲେ। ଯଦି ବିଶ୍ୱବିଦ୍ୟାଳୟ ଘୋଷଣା କରା ନ ଯାଏ ତେବେ ଆଗକୁ ହେବାକୁ ଥିବା ୭୫ ବର୍ଷ ପୂର୍ତ୍ତୀ ଉତ୍ସବରେ କୌଣସି ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ଭଦ୍ରକରେ ପୁରାଇ ଦିଆଯିବ ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଅଶ୍ରଫ ଅଲ୍ଲୀ ଖାନ, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେମନ୍ତ ମହାପାତ୍ର, ଛାତ୍ର ନେତା ସେକ୍ ସାହିଲ କାଦ୍ରୀ, କାଉନସିଲର ଏନାମୁଲ ହକ୍, ବିଜୟ ବାରିକ, ରଂଜନ ଯେନା, ଇଲ୍ଲିୟାସ ଅଲ୍ଲୀ ଖାନ, ସେକ ଫଇଜାନ ଅଲ୍ଲୀ, ସେକ୍ ସିରାଜୁଦ୍ଦିନ, ସୁଲେମାନ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କ୍ୟାବିନେଟ୍ ରେ ୧୬ଟି ପ୍ରସ୍ତାବ....

ମିଶନ ପାଇଁ ୬ ବର୍ଷ ଲାଗି (୨୦୨୧-୨୨ରୁ ୨୦୨୬-୨୭) ୨୮୦୮.୩୯ କୋଟି ଟଙ୍କାକୁ ମଂଜୁରୀ ପ୍ରଦାନ କରାଯାଇଛି। ୧୯ ଟି ଜିଲ୍ଲାର ୧୪୨ ବ୍ଲକ୍ ରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ଢେଙ୍କାନାଳ ଜିଲ୍ଲାରେ ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାରେ ୪ ଟି ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପକୁ ମଂଜୁରୀ ମିଳିଛି। କେନ୍ଦ୍ରାପଡା ଜିଲ୍ଲାରେ ୪୧୬ କୋଟି ୫୭ ଲକ୍ଷ ୨୯ ହଜାର ୧୮୫ ଟଙ୍କାରେ ୩ ଟି ପାନୀୟ ଜଳ ପ୍ରକଳ୍ପ ଏବଂ ବାଲେଶ୍ୱର ଜିଲ୍ଲାରେ ୨୯୧ କୋଟି ୬୨ ଲକ୍ଷ ୭୭ ହଜାର ଟଙ୍କାର ୨ ଟି ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଗୁଡିକ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନଦୀ ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ, ୬ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପାଇଁ ଏକ ପିଏମସି ନିୟୋଜିତ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫,୭୬,୮୮,୦୦୦ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୩୬ ମାସ ମଧ୍ୟରେ ପ୍ରକଳ୍ପ ଟି ଶେଷ ହେବ। ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ପାଇଁ ବ୍ରାହ୍ମଣୀ ନଦୀରେ ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକ୍ ର ଖଲପାଳ ଗ୍ରାମରେ ଏକ ଆନିକଟ୍ ସେତୁ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ପାଇଁ ୨୧୯ କୋଟି ୫୦ ଲକ୍ଷ ଟଙ୍କା ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ପାଇଁ ଦେଢ ଲ କ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି। ଏହି ପ୍ରକଳ୍ପକୁ ୩୩ ମାସରେ ଶେଷ କରିବାକୁ ଲକ୍ଷ୍ୟ ରହିଛି।

### ମୁଖ୍ୟମନ୍ତ୍ରୀଙ୍କ ମୟୁରଭଞ୍ଜ ଗସ୍ତ....

କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ସବୁ କାର୍ଯ୍ୟକ୍ରମ ଲୋକଙ୍କୁ ସଶକ୍ତ କରିଛି ଏବଂ ଲୋକଙ୍କ ଆଦର ଲାଭ କରିଛି । ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି । ଯେତେବେଳେ ମୟୁରଭଞ୍ଜର ଗୋଟିଏ ପିଲାଟିଏ ଗାଁ ସ୍କୁଲରେ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ପାଉଛି, ସେତେବେଳେ କେବଳ ସେ ପିଲା ନୁହେଁ, ବା ଗାଁ ନୁହେଁ, ସାରା ଓଡିଶାର ଆଗକୁ ବଢିବାର ଚିତ୍ର ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ । ମୟୁରଭଞ୍ଜର କଳା ଓ ସଂସ୍କୃତିର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସାରା ଭାରତରେ ମୟୁରଭଞ୍ଜର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ମୟୁରଭଞ୍ଜର ଜନଜାତି ଭାଇଭଉଣୀ ମାନଙ୍କର ଏକ ସମୃଦ୍ଧ ପରମ୍ପରା ରହିଛି । ସେ ଗୌରବକୁ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଜୀ ଆହୁରି ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ତାଙ୍କ ପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଥିଲେ । ମୟୁରଭଞ୍ଜ ରାଜ୍ୟର ଏକ ବଡ ଓ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ବୋଲି ମତ ଦେଇ ସେ କହିଲେ ଯେ ରାଜ୍ୟର ବିକାଶର ମୟୁରଭଞ୍ଜର ସ୍ୱତନ୍ତ୍ର ଅବଦାନ ରହିଛି । ସମସ୍ତେ ମିଶି ଜିଲ୍ଲାର ଓ ସାରା ରାଜ୍ୟର ବିକାଶ ପାଇଁ ହାତ ମିଳାଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

### ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ....

ଯେତେବେଳେ ସାମ୍ବାଦିକମାନେ ଏହି ବାବଦରେ ପ୍ରଶ୍ନ ପଚାରିଥିଲେ ସେତେବେଳେ ସ୍ମିତ ହାସ୍ୟ ଦେଇ, ହାତ ଯୋଡି କିଛି ଏଭଳି ଅନ୍ଦାଜରେ ନୀତିଶ ନିଜର ଉତର ରଖିଥିଲେ । ଏଥିସହ ନୀତିଶ କହିଛନ୍ତି କିଏ କଣ କହିଲା ସେନେଇ ସେ ଆଦୌ ଚିନ୍ତିତ ନୁହେଁ । ତାଙ୍କର ମୁଖ୍ୟ ଲୋକ ଜନତାଙ୍କ ସେବା କରିବା, ଉତ୍ତମ ସମାଜ ଗଠନ କରିବା । ବିଜେପିକୁ ସେ ଆଦୀ ଧୋକା ଦେଇନାହାଁନ୍ତି । ଏନଡିଏରୁ ବାହାରିବା ଯିବା ପାଇଁ ଜେଡିୟୁ ନେତା ଚାହୁଁଥିଲେ । ତେଣୁ ଏଭଳି ନିଷ୍ପତି ସେ ନେଇଛନ୍ତି । ସବୁ ବିରୋଧୀଦଳ ଏକାଠି ଆଗକୁ ବଢିଲେ ବେଶ ଭଲ ହେବ ବୋଲି ମତ ରଖିଛନ୍ତି ନୀତିଶ । ୨୦୨୪ ନିର୍ବାଚନ ପାଇଁ ଏକଜୁଟ କାମ କରିବା ଆବଶ୍ୟକ । ଅନେକ ଫୋନକଲ ଆସୁଛି । ବିଜେପି ବିରୋଧରେ ସବୁ ବିରୋଧୀଙ୍କୁ ଏକାଠି କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ନୀତିଶ କହିଛନ୍ତି । ନୀତିଶ ସ୍ପଷ୍ଟ କରିଛନ୍ତି କି ସମସ୍ତ ଆଲୋଚନା, ବିଚାର ବିର୍ମଶ ପରେ ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ । ଅଗଷ୍ଟ ୧୫ରେ ନିଶ୍ଚିତଭାବେ ନୂଆ ମନ୍ତ୍ରିମଣ୍ଡଳ ଗଠନ ହେବ ବୋଲି ନୀତିଶ କହିଛନ୍ତି । ଏହି ସମସ୍ତ କଥା ଭିତରେ ନୀତିଶ ଆଉ ଏକ ବଡ ବୟାନ ଦେଇଛନ୍ତି ।

### ଇଡି ଓ ସିବିଆଇ ସ୍କାନରରେ....

ନଗଦ ଟଙ୍କା ଓ ଅମାପ ସମ୍ପତ୍ତି ଜବତ ହୋଇଥିଲା । ଏହି ସମସ୍ତ ଘଟଣାକୁ ନେଇ ବିରୋଧୀ ମଧ ବିଜେପିକୁ ଟାର୍ଗେଟ କରିଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ଯଦି ସରକାରୀ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ହେଉଛି ତେବେ ଏହାର ଜବାବ ଆଗକୁ ଜନତା ଦେବେ । ପଶ୍ଚିମବଙ୍ଗର ନେତା ଓ ମନ୍ତ୍ରୀଙ୍କ ଉପରେ ହଠାତ ଯେଉଁ ଚଡକ ପଡିଛି ତାକୁ ସହଜରେ ଗ୍ରହଣ କରିପାରୁନି ତୃଣମୂଳ କଂଗ୍ରେସ । କେନ୍ଦ୍ର ସରକାରଙ୍କୁ ଏନେଇ ଦାୟୀ କରିଛି । ଇଡି ଓ ସିବିଆଇ ପରି ସରକାରୀ ତଦନ୍ତାକାରୀ ସଂସ୍ଥା ନିରପେକ୍ଷ ତଦନ୍ତ ଭୁଲି ଯାଇ ବିଜେପି ଇସାରାରେ କାମ କରୁଥିବା ଟିଏମସି କହିଛି । ଏହା ବିରୋଧରେ ସାରା ଦେଶରେ ବିକ୍ଷୋଭ କରିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଦଳ କହିଛି । ସବୁଠୁ ବଡ କଥା ହେଉଛି ଘଟଣାକୁ ନେଇ ପୁରୁଣା ପ୍ରତିଦ୍ୱନ୍ଦୀ ଟିଏମସି ଓ ବିଜେପି ଭିତରେ ଶୀତଳଯୁଦ୍ଧ ସଦୃଶ ସ୍ଥିତି ସୃଷ୍ଟି ହୋଇଛି । ଜଣଙ୍କ ପରେ ଜଣେ ନେତା ମନ୍ତ୍ରୀ ଇଡି ଓ ସିବିଆଇ ଦ୍ୱାରା ବନ୍ଧା ହେଉଥିବାବେଳେ ନୀରବ ଦ୍ରଷ୍ଟା ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପାର୍ଥଙ୍କ ଗିରଫ ପରେ ବେଶ ଚାଲାକିର ସହ ମମତା ନିଜର ମତ ସ୍ପଷ୍ଟ କରିଥିଲେ । ଏହା ପରେ ପୁଣି ଅନେକ ନେତାଙ୍କ ସହ ସମାନ ଘଟଣା ଘଟୁଥିଲେ ବି ମମତାଙ୍କ ଚୁପ ରହିବା ପଛରେ କାରଣ ଅସ୍ପଷ୍ଟ ରହିଛି । କିନ୍ତୁ ଏବେ ଅପେକ୍ଷା ବିଜେପି ସରକାରଙ୍କୁ ଜବାବ ଦେବାକୁ ଯାଇ ମମତା କେଉଁ ଅନ୍ଦାଜ ସହ ଆଗକୁ ଆସିବେ ଓ ନିଜର ବୟାନ ରଖିବେ ।

### ହୀରାକୁଦର ୨୦ଟି ଗେଟ୍ ....

କିଛି ଚିନ୍ତାଜନକ ସ୍ଥିତି ନାହିଁ। ଛତିଶଗଡ଼ରେ ମଧ ବର୍ଷାର ପ୍ରଭାବ କମିଛି। ଏବେ ହୀରାକୁଦକୁ ୪ କ୍ୟୁସେକ୍ ଜଳ ପ୍ରବାହ ହେଉଛି। ତଥାପି ବିଭାଗୀୟ କର୍ମଚାରୀ ସଜାଗ ରହିଛନ୍ତି। ଆଲର୍ଟ ରହିବାକୁ କୁହାଯାଇଛି। ଅପରପକ୍ଷରେ ମହାନଦୀ ଶଯ୍ୟା ହୀରାକୁଦ ତଳ ଅଂଚଳର ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ । ହୀରାକୁଦ ଡ୍ୟାମ୍ ର ତଳିଆ ଅଂଚଳକୁ ଜଳ ପ୍ରବାହ ତୀବ୍ର ରହିଛି। ତେଣୁ ସାଧାରଣ ଜନତା ସତର୍କ ରହନ୍ତୁ ବୋଲି ସେ କହିଛନ୍ତି। ଏଥି ସହିତ ତଳିଆ ଅଂଚଳରେ ନଦୀକୁ ନଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗତକାଲି ହୀରାକୁଦ ଜଳଭଣ୍ଡାରରେ ୨ଟି ପର୍ଯ୍ୟାୟରେ ୧୦ଟି ଗେଟ୍ ଖୋଲାଯାଇଥିଲା। ପ୍ରଥମେ ଦିନ ୧୧ଟାରେ ୫ଟି ଏବଂ ଅପରାହ୍ଣ ୩ଟାରେ ଆଉ ୫ଟି ଗେଟ୍ ଖୋଲାଯାଇଥିଲା। ଛତିଶଗଡ଼ ଓ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ଅଧିକ ପାଣି ଆସିଥିଲା। ଫଳରେ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା।

### ସକ୍ରିୟ ଘୂର୍ଣ୍ଣିବଳୟ....

ଝାରସୁଗୁଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, କେନ୍ଦୁଝର, ଦେବଗଡ଼ , ସମ୍ବଲପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୧୩ରୁ ୧୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ , ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ଢେଙ୍କାନାଳ , କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଫୋଟ ଚିତ୍ର ମାଧ୍ୟମରେ ସଚେତନ

ଭଦ୍ରକ, ୧୨/୦୮ (ନି.ପ୍ର): ଫୋଟ ଚିତ୍ର ମାଧ୍ୟମ ରେ କାନାରା ବ୍ୟାଙ୍କ ପକ୍ଷରୁ ଲୋକଙ୍କୁ ସଚେତନ ବାର୍ତ୍ତା । ଭାରତ ବିଭାଜନ ସମୟ ରେ ଭାରତ ରୁ ପାକିସ୍ତାନ ଯାଇଥିବା ଭାରତୀୟ ମାନେ ଅତ୍ୟାଚାରିତ ହେବା ସହିତ କିଭଳି ପରିସ୍ଥିତି ର ସାମ୍ନା କରୁଥିଲେ ତାହାର ଫାଟୋ ଚିତ୍ର ସରକାର ଙ୍କ ନିର୍ଦ୍ଦେଶ ଅନୁଯାଇ କାନାରା ବ୍ୟାଙ୍କ ପକ୍ଷରୁ ପ୍ରଦର୍ଶନ କରା ଯାଇଛି । ଏହି ଫୋଟୋ ଚିତ୍ର ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସର୍ବ ସାଧାରଣ ଙ୍କ ପାଇଁ ପ୍ରଦର୍ଶନ କରା ଜିବ ବୋଲି କହିଛନ୍ତି ବ୍ୟାଙ୍କ ଅଧିକାରୀ ମାନେ ।ଏହି ଫୋଟୋ ଚିତ୍ର ପ୍ରଦର୍ଶନ ସମୟ ରେ କାନାରା ବ୍ୟାଙ୍କ ର ରିଜିନାଲ ମୁଖ୍ୟ ପି ମଧୁସୂଦନ ରାଓଙ୍କ ସହିତ ଦୁଇ ଡିଭିଜିନାଲ ମ୍ୟାନେଜର ନିଶାନ୍ତ ସାହୁ, ସୁବାସ ଚନ୍ଦ୍ର ମଲ ଏବଂ ଭଦ୍ରକ ବ୍ରାଞ୍ଚ ଅଧିକାରୀ ଅମିତ କୁମାର ଦେବବ୍ରତଙ୍କ ସହିତ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଫକୀରମୋହନ ବିଶ୍ୱ ବିଦ୍ୟାଳୟର +୩ ପରୀକ୍ଷା ଫଳ ପ୍ରକାଶିତ

ଜଳେଶ୍ୱର, ୧୨/୮(ନି.ପ୍ର): ଆଜି ଫକିରମୋହନ ବିଶ୍ୱ ବିଦ୍ୟାଳୟର +୩ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଛାତ୍ରୀ ସିଦ୍ଧେଶ୍ୱରୀ ଦାସ ଅର୍ଥନିତୀ ବିଭାଗରେ ୧୮୦୦ରୁ ୧୫୦୦ ନମ୍ବର ରଖି ଟପ୍ପର ହୋଇ ଅନୁଷ୍ଠାନର ସୁଖ୍ୟାତି ବଢାଇଛନ୍ତି । ସେ ଦିନକୁ ୮ଘଣ୍ଟା ପରିଶ୍ରମ କରି ଅର୍ଥନିତୀ ବିଭାଗରେ ଅଧିକରୁ ଅଧିକ ତଥ୍ୟ ଜାଣିବାଲାଗି ପ୍ରୟାସ କରି ଆସୁଥିଲେ। ଜଳେଶ୍ୱର ମ୍ୟୁନିସିପାଲଟିର ପଂଚୁଘଣ୍ଟା ନିବାସୀ ବାପା ସୁଶାନ୍ତ ଦାସ ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା ପ୍ରମିଳା ଦାସ ଜଣେ ଗୃହିଣୀ ଓ ଅଜା ଗୌରିଶଂକର ଜେନା କୃଷି ବିଭାଗର ଜଣେ କର୍ମଚାରୀ ହୋଇଥିଲେ ମଧ୍ୟ ଅର୍ଥନିତୀ ପଢାଇବାକୁ ପ୍ରବର୍ତ୍ତାଇ ଆସୁଥିଲେ । ଅଧ୍ୟାପିକା ଇନ୍ଦୁମତୀ ଗିରି, ଦିବ୍ୟାଭାରତୀ ଦାସ, ସ୍ମୃତିରେଖା ପାତ୍ର, ଅଧ୍ୟକ୍ଷ ପ୍ରଫୁଲ୍ଲ ଦେ ଓ ପରିବାରବର୍ଗଙ୍କ ପ୍ରତ୍ସାହନା ତାଙ୍କୁ ଏହି ସଫଳତା ଆଣିଦେଇଥିବା କହିଛନ୍ତି । ଆସନ୍ତା ଦିନରେ ସେ ଅଧ୍ୟାପିକା ହେବେ ବୋଲି କହିଛନ୍ତି। ମହାବିଦ୍ୟାଳୟରୁ ୯୮.୬୫ ପ୍ରତିଶତ ଉର୍ତ୍ତିର୍ଣ୍ଣ ହୋଇଥିବା ସଂପର୍କରେ ଅଧ୍ୟକ୍ଷ ଶ୍ରୀ ଦେ କହିଛନ୍ତି ।

# ୧୨ଲକ୍ଷ ବାସହୀନଙ୍କୁ ପକ୍କାଘର ଦେବାପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଳି ପାଇଁ ବଳି ପଡୁଛନ୍ତି ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ପରିବାର। ନିକଟରେ ସମାପ୍ତ ବିଧାନସଭା ଅଧିବେସନରେ ଓଡ଼ିଶାର ପଂଚାୟତରାଜ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୧୨,୨୫, ୭୨୫ ପରିବାର ଆବାସ ଯୋଜନାରେ ଘର ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ମାତ୍ର ଏହି ସଂଖ୍ୟା ୨୦ଲକ୍ଷରୁ ଉର୍ଦ୍ଧ ହେବ। ରାଜ୍ୟ ସରକାର ୮ଲକ୍ଷ ଘର ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର ତାହା ଦେଇ ନାହାନ୍ତି। ଆବାସ ଯୋଜନାରେ ବ୍ୟାପକ ଦୁର୍ନିତୀ ହୋଇଛି ବୋଲି କେନ୍ଦ୍ର ସରକାର ଅଭିଯୋଗ ଆଣିଛନ୍ତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସ୍ୱଛତାର ସହିତ ଆବାସ ଯୋଜନା କାର୍ଯ୍ୟକାରୀ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ନ ଦେଲେ, କେନ୍ଦ୍ର ସରକାର ୮ଲକ୍ଷ ଘର ପାଇଁ ଅର୍ଥ ଦେବେ ନାହିଁ ବୋଲି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ କହିଛନ୍ତି। ଏବାବଦରେ ସରକାର ଏକ ଶ୍ୱେତପତ୍ର ଜାରି କରିବାକୁ କଂଗ୍ରେସ ଦାବି କରିଛି। ଏହାସହ ସମସ୍ତ ବାସହୀନଙ୍କୁ ଘର ଯୋଗାଇ ଦେବାକୁ କଂଗ୍ରେସ ଦାବି କରିଛି। ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଧାନ ସଭାରେ ପଂଚାୟତ ରାଜ ମନ୍ତ୍ରୀଙ୍କ ତଥ୍ୟ ମୁତାବକ ବର୍ତମାନ ସୁଦ୍ଧା ୨୩ ଲକ୍ଷ ୮୨ ହଜାର ୮୮୪ ପରିବାର ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କାଘର ପାଇଛନ୍ତି। ମାତ୍ର ସେଥିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ସରକାରଙ୍କୁ ତାଗିଦ କରିଛନ୍ତି। ଆବାସ ଯୋଜନା ନେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ଓଡ଼ିଶା ରାଜ୍ୟର ପଂଚାୟତିରାଜ ମନ୍ତ୍ରୀଙ୍କ ଭିତରେ ଗତ କାଲି ଅନୁଷ୍ଠିତ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଲେ ୮ଲକ୍ଷ ଘର ପାଇଁ ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି। କିନ୍ତୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏଭଳି କୈଫତ ବା ପ୍ରତିଶୃତି ମାଗିବା ଶୋଭାପାଏ ନାହିଁ। ଆଜିର ସାମ୍ବାଦିକ ସମ୍ମିଳନୀରେ ସୁଦର୍ଶନ ଦାସଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ବାଲେଶ୍ୱର,୧୨/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ତଥା ହରଘର ତ୍ରିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ଦେଶବ୍ୟାପୀ ଉଦ୍ୟମ ଜାରି ରହିଥିବା ବେଳେ ଏଥିରୁ ବାଦ ପଡ଼ିନି ବାଲେଶ୍ୱର ସହରର ରାଣୀପାଟଣାସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ ଶୁକ୍ରବାର ତ୍ରିରଙ୍ଗା ଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉଦଘାଟନ କରିବା ସହ ହରଘର ତ୍ରିରଙ୍ଗା ଅଭିଯାନରେ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସମ୍ପୃକ୍ତି ଜାତୀତାବାଦ ସୃଷ୍ଟିର ନିଦର୍ଶନ ବୋଲି କହିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଓ ଉପଦେଷ୍ଟା ସୁବ୍ରତ କର ଏଥିରେ ଉପସ୍ଥିତ ଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତି ଅମୃତ ମହୋତ୍ସବ ସାଙ୍ଗକୁ ହରଘର ତ୍ରିରଙ୍ଗା ଅଭିଯାନ ପ୍ରତ୍ୟେକ ପିଢ଼ିର ନାଗରିକଙ୍କ ପାଇଁ ଗୁରୁତ୍ୱ ବହନ କରୁଛି ବୋଲି ଶ୍ରୀ ସ ମତ ଦେଇଥିଲେ। ବର୍ଷା ସତ୍ତ୍ୱେ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ ଛତା ଧରି ରାଲରେ ସ୍ଲୋଗାନ ଦେବା ସହ ରାସ୍ତାପାର୍ଶ୍ୱ ପରିବାରଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିଲେ। ଏହି ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ନୀଳିଆବାଗ, ଚିଡ଼ିଆପୋଲ, ଫାଣ୍ଡିଛକ, ନୂଆବଜାର, ଝାଡ଼େଶ୍ୱର ମନ୍ଦିର ଛକ ଦେଇ ପୁଣି ବିଦ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟାଳୟର ଶିକ୍ଷକ ନବୀନ ଚନ୍ଦ୍ର ବେହେରା, ସୁନୀଲ କୁମାର ବିଶ୍ୱାଳ, ଗୌରାଙ୍ଗ ପ୍ରଧାନ, ଜଗତଜିତ ପତି, ଚନ୍ଦ୍ରଜିତ ନାୟକ, ମନୋଜ କୁମାର ପଲାଇ, ଲକ୍ଷ୍ମୀଧର ପଣ୍ଡା, ପବିତ୍ର ମୋହନ ପଣ୍ଡା, ବିଚେନ ଦାସ, ପ୍ୟାରୀମୋହନ ଭୂୟାଁ, ଦୀପକ ବେହେରା, ସଂଜୀବ ବେହେରା, ଗୌରାଙ୍ଗ ପାତ୍ର, ମନୋରଂଜନ ତ୍ରିପାଠୀ, ଜଗବନ୍ଧୁ ବେହେରା, ଚିନ୍ମୟ ରଂଜନ ଜେନା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ପଦ୍ମିନୀ ମହାନ୍ତ, ପ୍ରଭାସିନୀ ମହାନ୍ତି, ଜିତା ଦାସ ଓ ଶିବ ହୋ ପ୍ରମୁଖ ଏହି ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଶରତ ଦାସ ହେଲେ ନୀଲଗିରି ବ୍ଲକ ଓ ଏନ.ଏ.ସି.ର ଅନୁସୂଚିତ ଜାତିର ସଭାପତି

ନୀଲଗିରି, ୧୨/୦୮ (ନି.ପ୍ର): ନୀଲଗିରି ବ୍ଲକ ଓ ନୀଲଗିରି ଏନ.ଏ.ସି. ପାଇଁ ଶରତ ଦାସଙ୍କୁ ବିଜୁ ଜନତା ଦଳର ଅନୁସୂଚିତ ଜାତି (ଶାଖା) ର ସଭାପତି ଭାବେ ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନାଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଅନୁସୂଚିତ ଜାତି (ଶାଖା)ର ବିଜୁ ଜନତା ଦଳର ସଭାପତି ଶତୃଘ୍ନ ମଲ୍ଲିକ, ନିଯୁକ୍ତି ପ୍ରଦାନ କରିଛନ୍ତି । ନୀଲଗିରି ବ୍ଲକ ଓ ଏନ.ଏ.ସି.ରେ ଅନୁସୂଚିତ ଜାତି ଲୋକମାନଙ୍କର ଦଳୀୟ ସଂଗଠନକୁ ଅଧିକରୁ ଅଧିକ ମଜବୁତ କରିବା ସହ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକମାନଙ୍କ ଠାରେ ପହଂଚାଇବା ପାଇଁ ଆପ୍ରାଣ ଚେଷ୍ଟା କରିବେ ବୋଲି ନବନିଯୁକ୍ତି ଶରତ ଦାସ ପ୍ରକାଶ କରିଛନ୍ତି ।

## କୁଲଡିହା ହାତୀଙ୍କ ଦ୍ୱାରା ହାତୀ ଫସଲ ନଷ୍ଟ

ନୀଲଗିରି, ୧୨/୦୮ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ଼ ଗ୍ରା.ପ.ର ଭାଲୁକାଶୁଣି ଗ୍ରାମରେ ଗୁରୁବାର ମଧ୍ୟ ରାତ୍ରିରେ କୁଲଡିହା ଅଭୟାରଣ୍ୟର ହାତୀ ଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୋଇଛି । କୁଲଡିହା ଅଭୟାରଣ୍ୟର ୩ଟି ହାତୀ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ରହି ଆସୁଥିବାବେଳେ ଗତ ରାତିରେ ଜଙ୍ଗଲରୁ ବାହାରି ଭାଲୁକାଶୁଣି ଗ୍ରାମର କାର୍ତିକ ସିଂ, ରବିନ୍ଦ୍ର ସିଂଙ୍କ ଧାନବିଲରେ ପଶି କ୍ଷୟକ୍ଷତି କରିବା ସହ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ । ହାତୀ ଦଳିବାରୁ ଧାନଫସଲ ନଷ୍ଟ ହୋଇଯାଇଛି । ଫଳରେ ଧାନ ଋଷ କରୁଥିବା ଚାଷ ଜମିର କ୍ଷତିଗ୍ରସ୍ତ ହୋଇଛି । ଏଣୁ ଚାଷୀମାନେ କ୍ଷତିପୂରଣ ଦେବାକୁ ପ୍ରଶାସନ ନିକଟରେ ଦାବୀ କରିଛନ୍ତି ।

## ଗହ୍ମାପୂର୍ଣ୍ଣିମାରେ ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ଗୋ-ମାତା ପୂଜନ

ବାଲେଶ୍ୱର,୧୨/୦୮ (ନି.ପ୍ର): ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସଆରାବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ଗୋ-ମାତା ପୂଜନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ବାମପଦାସ୍ଥିତ ଗୋଶାଳାରେ ଗୋରୁଗାଈଙ୍କ ଶିଙ୍ଘରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା ଏଥିରେ ଯୋଗଦେଇ ଗୋ-ପୂଜନ ସହ ରକ୍ଷୀ ବାନ୍ଧି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଗହ୍ମାପୂର୍ଣ୍ଣିମାରେ ଗୋମାତା ପୂଜନର ଯଥାର୍ଥତା ସମ୍ପର୍କରେ ସେ ସମସ୍ତଙ୍କୁ ବୁଝାଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଜଳଧର ମହାନ୍ତି, ରଣଜିତ ପୃଷ୍ଟି, ଜ୍ୟୋତି ପ୍ରକାଶ ସେଠୀ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ 'ହର ଘର ତ୍ରିରଙ୍ଗା' ସଚେତନତା କାର୍ଯ୍ୟକ୍ରମ




ବାଲିଆପାଳ, ୧୨/୦୮ (ନି.ପ୍ର): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଆଜି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ 'ହର ଘର ତ୍ରିରଙ୍ଗା'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଉଦଘାଟନ କରିଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନ ଶ୍ରେଣୀର ପିଲାମାନଙ୍କୁ କାର୍ଯ୍ୟକ୍ରମର ମହତ୍ୱ ସଂପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧାପିକା ଶାନ୍ତିଲତା ଗିରି ଅଧକ୍ାପକ ବିକାଶ ଚନ୍ଦ୍ର ଜେନା,ଦେବାଶିଷ ସାମଲ , ଦେବାଶିଷ ଦାସ୍ , ପ୍ରେମାନନ୍ଦ ସେଠୀ , ରଂଜନ କୁମାର ପାଢ଼ୀ , ସୁଦର୍ଶନ ରଣା , ପ୍ରମୁଖ ଉଦବୋଧନ ଦେଇ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତିର ଅମୃତ ମହୋତ୍ସବ ସଂପର୍କରେ ଆଲୋକପାତ କରିଥିଲେ । ଅଧାପକ ଅକ୍ଷୟ କୁମାର ଗିରି, ସୁବଳ କୁମାର ଗିରି , ମନୋଜ ମହାପାତ୍ର ,ଗଣେଶ ଚନ୍ଦ୍ର ସି, ଅଜୟ କୁମାର ସାହୁ, ଡଃ ସନ୍ତୋଷ କୁମାର ସାହୁ,ସଂଜୟ କୁମାର ଡାକୁଆ,ବିଜୟ କୁମାର ନାୟକ, ରାଜେନ୍ଦ୍ର ପ୍ରଧାନ, ପ୍ରିୟ ରଂଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ରାଜ୍ୟରେ ନୂଆ ୫୮୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୮୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୧୭୮୦କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୫୮୩ ଆକ୍ରାନ୍ତଙ୍କ ମଧ୍ୟରୁ ୩୪୦ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୨୪୩ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ନୂଆ ୮୬୨ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୮୧୬୬ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୪୦୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୫୮୩ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୦, ବରଗଡ ଜିଲ୍ଲାରେ ୨୨, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗୀର ଜିଲ୍ଲାରେ ୩୬, ବୌଦ୍ଧ ଜିଲ୍ଲାରେ ୫, କଟକ ଜିଲ୍ଲାରେ ୧୪, ଦେବଗଡ ଜିଲ୍ଲାରେ ୪, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ୩, ଯାଜପୁର ଜିଲ୍ଲାରେ ୭, ଝାରସୁଗୁଡା ଜିଲ୍ଲାରେ ୭, କଳାହାଣ୍ଡି ଜିଲ୍ଲାରେ ୩୯, କନ୍ଧମାଳ ଜିଲ୍ଲାରେ ୧୪, କେନ୍ଦ୍ରାପଡା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୧୧, ଖୋର୍ଦ୍ଧା ଜିଲ୍ଲାରେ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୨, ମୟୁରଭଞ୍ଜ ଜିଲ୍ଲାରେ ୪୦, ନବରଙ୍ଗପୁର ଜିଲ୍ଲାରେ ୨୩, ନୟାଗଡ ଜିଲ୍ଲାରେ ୧୭, ନୂଆପଡ଼ା ଜିଲ୍ଲାରେ ୩୮, ପୁରୀ ଜିଲ୍ଲାରେ ୧, ରାୟଗଡା ଜିଲ୍ଲାରେ ୯, ସମ୍ବଲପୁର ଜିଲ୍ଲାରେ ୨୨, ସୋନପୁର ଜିଲ୍ଲାରେ ୧୭ , ସୁନ୍ଦରଗଡ ଜିଲ୍ଲାରେ ୧୩୭ ଓ ଷ୍ଟେଟ ପୁଲରେ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଗହଣରେ ଶ୍ରୀ ଈଶ୍ୱର ଟିଭି ପରିବାରର ରକ୍ଷାବନ୍ଧନ ଉତ୍ସବ

ବାଲେଶ୍ୱର,୧୨/୦୮ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ବୈଦ୍ୟୁତିକ ଗଣମାଧ୍ୟମ ଶ୍ରୀ ଈଶ୍ୱର ଟିଭି ପକ୍ଷରୁ ବଣିଆ ମନ୍ଦିର ପାଖ 'ପ୍ରୟାସ' ଅନୁଷ୍ଠାନର ଦୃଷ୍ଟିହୀନ ଛାତ୍ର ଛାତ୍ରୀଙ୍କ ଗହଣରେ ରକ୍ଷାବନ୍ଧନ ଉତ୍ସବ ପଳିତ ହୋଇଯାଇଛି। ପୌରାଧ୍ୟକ୍ଷା ସବିତା ସାହୁ, ସମାଜସେବୀ ସୁବାସିନୀ ଜେନା ଯଶୋଦାନନ୍ଦନ ଆଶ, ସୁବ୍ରତ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀଙ୍କ ହାତରେ ରାଖି ବାନ୍ଧି ଓ ମିଠା ଖୁଆଇ ଖୁସୀ ବାଂଟିଥିଲେ। ଶ୍ରୀ ଈଶ୍ୱର ଟିଭିର ପରିଚାଳନା ନିର୍ଦ୍ଦେଶକ ଲୋକନାଥ ପିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ଅମିତା ପିରିଙ୍କ ସମେତ ବାଦଲ ଚନ୍ଦ୍ର ଦେ, ଶୁଭଙ୍କର ପିରି, ମାନସ ପୁହାଣ, ଭାଗ୍ୟଶ୍ରୀ ପୁହାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଶ୍ରୀ ଈଶ୍ୱର ଟିଭି ପକ୍ଷରୁ ବାମପଦାସ୍ଥିତ କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ସହ ରାକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

# କେନ୍ଦ୍ର ସାହିତ୍ୟ ଅକାଡ଼େମି ଓ ଯୁଗଶ୍ରୀ ଯୁଗନାରୀର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଲେଖିକା ସମ୍ମେଳନ

ବାଲେଶ୍ୱର, ୧୨/୦୮ (ନି.ପ୍ର): କେନ୍ଦ୍ର ସାହିତ୍ୟ ଅକାଡ଼େମି ଓ ଯୁଗଶ୍ରୀ ଯୁଗନାରୀ ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ଲେଖିକା ସମ୍ମେଳନ' ଅଗଷ୍ଟ ୧୪, ରବିବାର ଦିବା ଘ୧୦ଟିକା ସମୟରେ ହେଟେଲ ଫାଣ୍ଟାସିରେ ଅନୁଷ୍ଠିତ ହେବ । ଏହି ସମ୍ମେଳନରେ କେନ୍ଦ୍ର ସାହିତ୍ୟ ଅକାଡ଼େମିର ଆଂଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ, ସଦସ୍ୟ କବି ବିମଳ ଜେନା ସମେତ ଉଦ୍‌ଘାଟିକା ଶ୍ରୀମତୀ ବନଜ ଦେବୀ, ବିଜୟିନୀ ସିଂହଦେଓ, ଡ. ଶକୁନ୍ତଳା ବଳିୟାର ସିଂହ, ଡ. ବିଷ୍ଣୁପ୍ରିୟା ଓତା, ଝରଣା ପଟ୍ଟନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, ପ୍ରଭା ପଟ୍ଟନାୟକ, ସୈରିନ୍ଧ୍ରୀ ସାହୁ, ସୁଚିତ୍ରା ପାଣିଗ୍ରାହୀ, ଡ. ଶୁଭଶ୍ରୀ ଲେଙ୍କା, ପୁଷ୍ପାଞ୍ଜଳି ନାୟକ, ଡ. ବୈଜୟନ୍ତୀ ମିଶ୍ର, ଡ. ଜୟନ୍ତୀ ରଥ, ଡ. ସିନ୍ଧୁ ସେନ, ଦୀପ୍ତି ଦାସ, ଯଶୋଧାରା ଦାସ, ମନସ୍ୱିନୀ ଦେବୀ, ପ୍ରୀତିଲେଖା ଦାସ, ଅଞ୍ଜଳି ପଣ୍ଡା, ଚିତ୍ରାରାଣୀ ପାତ୍ର ପ୍ରମୁଖ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସମ୍ମେଳନକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଲେଖିକା/ ଲେଖକ ବନ୍ଧୁମାନଙ୍କୁ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ ନିମନ୍ତ୍ରଣ କରାଯାଇଛି ।

# ବାଲେଶ୍ୱରରେ ଖୋଲିଲା ଜନସନ ଇଣ୍ଟରନ୍ୟାସନାଲ ସୋ'ରୁମ

ବାଲେଶ୍ୱର,୧୨/୦୮ (ନି.ପ୍ର): ଶ୍ରୀ ଇଂଜିନିୟରିଂ ଆନୁକୂଲ୍ୟରେ ଜନସନ ଇଣ୍ଟରନ୍ୟାସନାଲ ଏକ୍ସକ୍ଲୁସିଭ ସୋ'ରୁମ ବାଲେଶ୍ୱର ସହରର ବିବେକାନନ୍ଦମାର୍ଗରେ ଉଦଘାଟିତ ହୋଇଯାଇଛି। ଜନସନ କମ୍ପାନିର ଉପ-ପ୍ରବନ୍ଧକ (ଡିଜିଏମ) ହେମନ୍ତ କୁମାର ପତି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜନସନ ବ୍ରାଣ୍ଡ ଉତପାଦର ଗୁଣବତା ଉପରେ ଲୋକଙ୍କ ବିଶ୍ୱାସ ଓ ଭରସା ଯୋଡ଼ି ରହିଥିବା ବେଳେ କମ୍ପାନି ପକ୍ଷରୁ ଗ୍ରାହକ ସେବାକୁ ବି ସର୍ବଦା ଗୁରୁତ୍ୱ ଦିଆଯାଇଥାଏ ବୋଲି ଶ୍ରୀ ପତି ପ୍ରକାଶ କରିଥିଲେ। କମ୍ପାନିର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ସୁରେନ୍ଦ୍ର ଖଟୁଆ ଓ ଯୁଧିଷ୍ଠିର ପାଇକ, ଏରିଆ ମ୍ୟାନେଜର ବିଶାଳ ଜଲାନ ଓ ଅବିନାଶ ଦାସ ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ଜନସନ କମ୍ପାନି ଉତ୍ପାଦର ବୈଶିଷ୍ଟ ଓ ଗୁଣବତା ସମ୍ପର୍କରେ ସୂଚନା ଦେଇଥିଲେ। ଜନସନ ଇଂଟରନ୍ୟାସନାଲ ସୋ'ରୁମର ସତ୍ୱାଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ସୋ'ରୁମରେ ଗ୍ରାହକ ସେବାକ ସର୍ବଦା ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଇଂଜିନିୟରିଂ ତଥା ଜନସନ ଇଣ୍ଟରନ୍ୟାସନାଲ ସୋ'ରୁମର ନିର୍ଦ୍ଦେଶକ କଳ୍ପନା ମିଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ



ବାଲିଆପାଳ, ୧୨/୦୮ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ନୟାବାଲି ଏବଂ ରସଲପୁର ଗ୍ରାମରେ ଆଦର୍ଶ ଗ୍ରାମ ଯୋଜନାରେ ମୁଖ୍ୟ ରାସ୍ତାର ପାଣିନିଷ୍କାସନ ନିମନ୍ତେ ଡ୍ରେନେଜ୍ , ପୋଖରୀ ଘାଟ , ରସଲପୁର ଠାରୁ ନୟାବାଲି ମୁଖ୍ୟ ରାସ୍ତାର ପାଣି ନିଷ୍କାସନ ବ୍ୟବସ୍ଥା ପାଇଁ ପଂଚାୟତ ବାସୀଙ୍କ ତରଫରୁ ବିଭିନ୍ନ ସମୟରେ ଦାବି ଉପସ୍ଥାପନା କରାଯାଇଥିଲା । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ସେ ସବୁ ସମାଧାନ ପାଇଁ ଆଜି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ତଥା ବିଜେଡି ନେତା ରବିନ୍ଦ୍ର ନାଥ ଅଣ୍ଡିଆ, ବିଷ୍ଣୁପୁର ସରପଂଚ ମହେଶ୍ୱର ଜେନା, ପୂର୍ବତନ ସରପଂଚ ଗୁଣାକର ସାହୁ, ଯୁବନେତା ଜ୍ୟତିଷ ପାତ୍ର, ଲକ୍ଷ୍ମୀଧର ପାତ୍ର, ସଞ୍ଜୟ ପ୍ରଧାନ, ମିଟୁ ପ୍ରଧାନ , ହରିଶ ପାତ୍ର, ଗୋପୀନାଥ ମଙ୍ଗରାଜ, ସଞ୍ଜୟ ପାଣିଗ୍ରାହୀ, ନାରୀନେତ୍ରୀ ଲକ୍ଷ୍ମୀ ଦଳାଇ, ୱାର୍ଡସଭ୍ୟ ଗୋପାଳ ମଙ୍ଗରାଜ ଏବଂ ସ୍ଥାନୀୟ ଜନସାଧାରଣ ଓ ମହିଳା ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଜିକେ ଭଟ୍ଟର ହସ୍ପିଟାଲର ରୋଗୀ ପ୍ରତୀକ୍ଷାଳୟକୁ ଲୋକାର୍ପିତ କଲେ ମନ୍ତ୍ରୀ



ଜଳେଶ୍ୱର, ୧୨/୮(ନି.ପ୍ର): ସ୍ୱାସ୍ଥ୍ୟସେବାର ଜୀବନରେଖା ଭାବେ ଉପାନ୍ତ ଅଂଚଳରେ ଜିକେ ଭଟ୍ଟର ହସ୍ପିଟାଲ ଏକ ଆଲୋକବର୍ତ୍ତିକ । ଏକ ରେଫେରାଲ ୟୁନିଟ୍‌ଭାବେ ଜଳେଶ୍ୱର, ଭୋଗରାଇ, ରାଇବଣିଆ ଓ ଉପାନ୍ତ ପଶ୍ଚିମବଂଗ ଅଂଚଳର ରୋଗୀଙ୍କ ଏକମାତ୍ର ଭରସା । କିନ୍ତୁ ରୋଗୀଙ୍କ ଲାଗି ପ୍ରତୀକ୍ଷାଳୟ ନ ଥିବାରୁ ପୌର ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅନୁଦାନରେ ନିର୍ମିତ ଏକ ପ୍ରତୀକ୍ଷାଳୟକୁ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଲୋକାର୍ପିତ କରିଛନ୍ତି । ଏହି ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତିଦିନ ୩୭୦ ରୋଗୀ ସ୍ୱାସ୍ଥ୍ୟସେବା ଲାଗି ଆସୁଥିବା ବେଳେ ଖରା, ବର୍ଷା, ଶୀତରେ ସେମାନଙ୍କୁ ଏହି ଗୃହ ସହାୟକ ହେବ ବୋଲି କହିଥିଲେ । ପୌରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପୌରହିତ୍ୟ କରି ରୋଗୀମାନଙ୍କର ଦୀର୍ଘଦିନର ଆଶା ପୂରଣ ହେଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପୌରଅଧିକାରୀ ଅଜୟ ମହାପାତ୍ର, ସମସ୍ତ କାଉନ୍‌ସିଲର, ଡାକ୍ତର ଓ କର୍ମଚାରୀଙ୍କ ସହିତ ମୁଖ୍ୟ ଡାକ୍ତର ଦିଲ୍ଲିପ ପାତ୍ର, ଉପାଧ୍ୟକ୍ଷା ପୁଷ୍କଲତା କାମିଳା, ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଗୋବିନ୍ଦ ସାହୁ, ସଂଜିବ ପାଲ, ଡା. ରୋଜି ନାୟକ, ଆନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟ ଡାକଘରେ ପୋଷ୍ଟ ଅଫିସ୍ ଡାକମେଳା ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଜଳେଶ୍ୱର, ୧୨/୦୮ (ନି.ପ୍ର): ଜଳେଶ୍ୱରସ୍ଥିତ ମୁଖ୍ୟ ଡାଘକାର୍ଯ୍ୟାଳୟ ପରିସରରେ ଆଜି ପୋଷ୍ଟ ଅଫିସ୍ ଡାକମେଳା ଓ ୭୫ ବର୍ଷ ପୁର୍ତ୍ତ ଆଜାଦିକା ଅମୃତ ମହୋତ୍ସବ ହର ଘର ତ୍ରୀରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଣିକି ଡାକ ବିଭାଗ କେବଳ ଚିଠି ବାଣ୍ଟିବା କାର୍ଯ୍ୟକ୍ରମରେ ସୀମିତ ନୁହେଁ, ବରଂ ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମ ଓ ସେବା ମୂଳକ କାର୍ଯ୍ୟରେ ନିୟୋଜିତ ହେଉଥିବାର ଡାକ ସୁପରିଟେଣ୍ଡେଣ୍ଟ ପ୍ରକାଶ କରିଛନ୍ତି । ଦେଶ ସ୍ୱାଧିନତା ଓ ତ୍ରୀରଙ୍ଗା ନିମନ୍ତେ ବହୁ ବ୍ୟକ୍ତି ସହିଦ ହୋଇଛନ୍ତି। ଏ ସମ୍ପର୍କରେ ଆଗାମୀ ବଂଶଧର ଓ ଛାତ୍ରଛାତ୍ରୀଙ୍କୁ ସମ୍ୟକ୍ ସୂଚନା ଦେବା ଓ ଜାତୀୟତାଭାବ ଉଦ୍ରେକ ଲାଗି ହରଘର ତ୍ରୀରଙ୍ଗା କାର୍ଯ୍ୟକ୍ରମ ଦେଶରେ ଆରମ୍ଭ ହୋଇଛି ବୋଲି ଡାକ ସୁପରିଟେଣ୍ଡେଣ୍ଟ ଜୟନ୍ତ କୁମାର ଦାସ ଆଜି ଜଳେଶ୍ୱର ମୁଖ୍ୟଡାକଘର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତ୍ରୀରଙ୍ଗା ପ୍ରଦର୍ଶନ କରି କହିଛନ୍ତି । ମୁଖ୍ୟ ପୋଷ୍ଟମାଷ୍ଟର ରାମେଶ୍ୱର ହେମ୍ବ୍ରମଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଏପରି ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଦେଶବାସୀଙ୍କ ମଧ୍ୟରେ ଚମକ ସୃଷ୍ଟି କରିଛି । ଏଥିଲାଗି ୭ ଦିନ ବିଭିନ୍ନ କାର୍ଯ୍ୟକ୍ରମ ପଲ୍ଲିରୁ ଦିଲ୍ଲୀ ଯାଏ ଅନୁଷ୍ଠିତ ହେଉଥିବା ସଂପର୍କରେ କହିଥିଲେ। ଜଳେଶ୍ୱର ଇଷ୍ଟଜୋନ୍‌ର ଇନିସ୍‌ପେକ୍ଟର ସଦାଶିବ ରାଉତ ଏଥିରେ ଯୋଗ ଦେଇ କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ। ଗ୍ରାମାଂଚଳ ଡାକ ଶାଖା ବିପିଏମ୍, ଜଳେଶ୍ୱର ମ୍ୟୁନିସିପାଲଟି ଅଂଚର ଅଂଗନୱାଡି କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫ବର୍ଷରୁ କମ୍ ପିଲାମାନଙ୍କ ଆଧାର ପଂଜିକରଣ, ସୁକନ୍ୟା ସମୃଦ୍ଧି ଯୋଜନା ସଂପର୍କରେ ସଚେତନତା କରାଯାଇଥିଲା । ଜଳେଶ୍ୱର ମୁଖ୍ୟ ଡାକଘରେ ପ୍ରାୟ ୧୭ହଜାରରୁ ଅଧିକ ଜାତୀୟ ପତାକା ବିକ୍ରି କରାଯାଇଥିବା ସଂପର୍କରେ ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡାକ ଘର ଫୋରମ୍ ପକ୍ଷରୁ ଅବନୀ ଚାନ୍ଦ, ସୁକୁମାର ରଣା, ଅଶ୍ୱିନୀ ନାଥ, ଯୁଗୋଳ କିଶୋର ପ୍ରଧାନ, କମଳାକାନ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ ।

# ଫକୀରମୋହନ ସାହିତ୍ୟ ପରିଷଦରେ ମେହେର ଜୟନ୍ତୀ ପାଳିତ



ବାଲେଶ୍ୱର, ୧୨/୦୮ (ନି.ପ୍ର): ଆଜି ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶାନ୍ତିକାନନଠାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ୧୮୬୨ ମସିହା ଅଗଷ୍ଟ ମାସର ଶ୍ରାବଣ ପୂର୍ଣ୍ଣିମାରେ ଗଙ୍ଗାଧର ବରଗଡ଼ ସମୀପସ୍ଥ ବରପାଲିଠାରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳ ତାଙ୍କର ଅତି ଦାରିଦ୍ର୍ୟ ମଧ୍ୟରେ ଅତିବାହିତ ହୋଇଥିଲା। ଦିନରେ ତନ୍ତ ଚର୍ଚ୍ଚା ଓ ରାତିରେ ଶାସ୍ତ୍ର ଚର୍ଚ୍ଚା କରି ସେ ଓଡ଼ିଆ ସାହିତ୍ୟକୁ ଅନେକ ଗ୍ରନ୍ଥ ପ୍ରଦାନ କରିଯାଇଛନ୍ତି। ଆସରରେ ପୌରୋହିତ୍ୟ କରି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗଙ୍ଗାଧରଙ୍କର କାରୁଣ୍ୟଭରା ଜୀବନ କାହାଣୀକୁ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଓଡ଼ିଶାର ଅନ୍ୟତମ ଖ୍ୟାତନାମା ଗବେଷକ ଓ ପ୍ରାବନ୍ଧିକ ଦେବେନ୍ଦ୍ର କୁମାର ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗଙ୍ଗାଧରଙ୍କୁ ପଶ୍ଚିମ ଓଡ଼ିଶାର ସାହିତ୍ୟିକ ଜାଗରଣ କ୍ଷେତ୍ରରେ ଅଗ୍ରପଥିକ ବୋଲି ମତ ଦେଇଥିଲେ। ଗଙ୍ଗାଧର ଓଡ଼ିଆ କାବ୍ୟକୁ ସୌନ୍ଦର୍ଯ୍ୟରେ ବିଭୂଷିତ କରିବା ସଙ୍ଗେ ସଙ୍ଗେ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ପ୍ରାକୃତିକ ଓଡ଼ିଶାର ଏକତ୍ୱକୁ ପ୍ରତିଷ୍ଠା କରିଥିଲେ ବୋଲି ସେ ପ୍ରକାଶ କରିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ରୂପରେ ଯୋଗଦେଇ ଓଡ଼ିଶାରେ ସାହିତ୍ୟର ଯେତେବେଳେ ଆବଶ୍ୟକତା ଥିଲା ସେହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଗଙ୍ଗାଧର କଲମ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ବୋଲି କହିଥିଲେ। ଗଙ୍ଗାଧରଙ୍କ ଜୀବନୀ ଓ ସାହିତ୍ୟ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଯୁଗ୍ମ ସଂପାଦକ ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଉପସଭାପତି ପ୍ରଦୀପ ଚାଟାର୍ଜୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo